


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-147 ♦SUNDAY ♦23 NOVEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୪୭ ♦ରବିବାର ♦୨୩ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


# ଲଘୁଚାପ ରୂପ ନେଲା ଘୂର୍ଣ୍ଣିବଳୟ

## ୨୪ରେ ଅବପାତ; ୨୭ରେ ସ୍ପଷ୍ଟ ହେବ ବାତ୍ୟାର ଚିତ୍ର

■ ଭୁବନେଶ୍ୱର, ୨୨।୧୧ (ସମିସ): ଶୁକ୍ରବାର ମଲକ୍କା ପ୍ରଣାଳୀର ମଧ୍ୟଭାଗ ଉପରେ ଥିବା ଘୂର୍ଣ୍ଣିବଳୟ ଶନିବାର ଲଘୁଚାପର ରୂପ ନେଇଛି। ସୃଷ୍ଟ ଲଘୁଚାପଟି ଆସନ୍ତା ୨୪ ତାରିଖରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ସୂଚନା ଦେଇଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି।

ସେ କହିଛନ୍ତି ଯେ ଶନିବାର ସକାଳ ପ୍ରାୟ ୮ଟା ୩୦ ମିନଟରେ ମଲକ୍କା ପ୍ରଣାଳୀ ଏବଂ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରି ଆସନ୍ତା ୨୪ ତାରିଖ ସୁଦ୍ଧା ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଉପରେ ଏକ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହା କ୍ରମଶଃ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଏହା ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି । ରାଜ୍ୟରେ ଆଗାମୀ ୬ ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ। ସେଥିପାଇଁ କୌଣସି ସତର୍କ ସୂଚନା ଜାରି କରାଯାଇ ନାହିଁ। ସେହିପରି ଦିନ କିମ୍ବା ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି।

ଅପରପକ୍ଷେ ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା



୨୭ ତାରିଖରୁ ଶୁଷ୍କ ଥଣ୍ଡା ଉତ୍ତରା ପବନ ରାଜ୍ୟକୁ ବହିବ। ଫଳରେ ସାରା ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବ। ଗତ ସପ୍ତାହ ପରି ଅନେକ ସ୍ଥାନରେ ତାପମାତ୍ରା ୧୫ ଡିଗ୍ରୀରୁ କମିବ ଏବଂ ଶୀତ ବଢ଼ିବ। ସେହିପରି ରାଜ୍ୟର ଉପକୂଳ ଓ ସଂଲଗ୍ନ ବଙ୍ଗୋପସାଗରରେ ତାପମାତ୍ରା କମିବା ଯୋଗୁଁ ଗୋପାଳପୁରରୁ ଉତ୍ତରରେ ଉପକୂଳ ସଂଲଗ୍ନ ବଙ୍ଗୋପସାଗରରେ ଜଳପୃଷ୍ଠର ତାପମାତ୍ରା ୨୭ ଡିଗ୍ରୀରୁ କମିପାରେ ବୋଲି ସେ ପୂର୍ବାନୁମାନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଉପ-ଉଷ୍ଣମଣ୍ଡଳୀୟ ଗୁରୁଚାପ ବଳୟ ଓ ଉପର ବାୟୁମଣ୍ଡଳର ଜେଟ୍ ଷ୍ଟ୍ରିମରେ ଘୂର୍ଣ୍ଣିବଳୟର ଅବସ୍ଥିତିରେ ପରିବର୍ତ୍ତନ ସହ ଓଡ଼ିଶା ଉପକୂଳକୁ ଶୁଷ୍କ ବାୟୁର ସମ୍ଭାବ୍ୟ ପ୍ରବାହ ଓ ଥଣ୍ଡା ବଢ଼ିବା କାରଣରୁ ସମ୍ଭବତଃ ସମ୍ଭାବ୍ୟ ବାତ୍ୟା ଓଡ଼ିଶା ଉପକୂଳ ଛୁଇଁବାକୁ ପ୍ରତିକୂଳ ରହିବ। ତେବେ ସମ୍ଭାବ୍ୟ ବାତ୍ୟା ଲ୍ୟାଣ୍ଡଫଲର ଚିତ୍ର ୨୭ ତାରିଖ ବେଳକୁ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

# 'ସକାଳ' ପକ୍ଷରୁ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ଆଜି

■ ଭୁବନେଶ୍ୱର, ୨୨।୧୧ (ସମିସ): ଆସନ୍ତା ଡ଼ିସେମ୍ବର ୧ ତାରିଖରେ ପଞ୍ଚମ ସ୍ୱନକ୍ଷତ୍ର ଦିବସ ପାଳନ କରିବ ଦୈନିକ 'ସକାଳ'। ଏହି ଅବସରରେ ସାରା ରାଜ୍ୟରେ ଆସନ୍ତାକାଲି ଅନୁଷ୍ଠିତ ହେବ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା। ସବୁ ଜିଲ୍ଲା ସହ ଭୁବନେଶ୍ୱର, ରାଉରକେଲା ଓ ଜୟପୁର ସହରରେ ଦୁଇ ପର୍ଯ୍ୟାୟରେ କନିଷ୍ଠ ଓ ବରିଷ୍ଠ ବର୍ଗଙ୍କ ମଧ୍ୟରେ ବିତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଛି। କନିଷ୍ଠ ବର୍ଗରେ ଅଷ୍ଟମରୁ ଦଶମ ଶ୍ରେଣୀ ଓ ବରିଷ୍ଠ ବର୍ଗରେ କଲେଜ, ବିଶ୍ୱବିଦ୍ୟାଳୟରେ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ। ଅଂଶଗ୍ରହଣ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ। ଜିଲ୍ଲାସ୍ତରରେ ଉଭୟ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆସନ୍ତା ଡିସେମ୍ବର ୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହେବେ ।




# ମହଙ୍ଗା ହେବ ଔଷଧ ମୂଲ୍ୟ

■ ନୂଆଦିଲ୍ଲୀ, ୨୨।୧୧ (ଏଜେନ୍ସି): ଜିଏସ୍‌ଟି ହାର ହ୍ରାସ ପରେ ଜନତାଙ୍କୁ ଆଶ୍ୱସ୍ତି ମିଳିବ ବୋଲି କୁହାଯାଉଥିଲା। ମାତ୍ର ଏହାର ସେତେ ଲାଭ ଜନସାଧାରଣଙ୍କୁ ମିଳି ନ ଥିଲା। କିଛି କମ୍ପାନୀ ଅସାଧୁ ଭାବେ ମୂଲ୍ୟ ସହିତ ପରିମାଣ କମାଇ ଅଧିକ ଲାଭ ଅର୍ଜନ କରୁଥିବା ଦେଖିବାକୁ ମିଳୁଥିଲା। ଏବେ ପୁଣି ଜନତାଙ୍କୁ ବଡ଼ ଝଟ୍‌କା ଲାଗିବାକୁ ଯାଉଛି। ସରକାର ଫାର୍ମା କ୍ଷେତ୍ରରେ ବ୍ୟବହୃତ କଞ୍ଚାମାଲ ଅର୍ଥାତ ଫାର୍ମାସ୍ୟୁଟିକାଲ୍ସ ଇନ୍‌ପୁଟ ପାଇଁ ସର୍ବନିମ୍ନ ଆମଦାନୀ ମୂଲ୍ୟ (ଏମଆଇପି) ଧାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିଯୋଗୁଁ ଔଷଧ ମୂଲ୍ୟ ବଢ଼ିପାରେ। ଫାର୍ମା ଉଦ୍ୟୋଗ ସହ ଜଡ଼ିତ ଅନେକ ବିଶେଷଜ୍ଞ ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସେମାନଙ୍କ ଅନୁଯାୟୀ, କିଛି ଜରୁରୀ କଞ୍ଚାମାଲ ଉପରେ ଏମଆଇପି ଲଗାଇଲେ ଆକ୍ଟିଭ ଫାର୍ମାସ୍ୟୁଟିକାଲ ଇନଗ୍ରିଡିଆଣ୍ଟ (ଏଆଇପି ) ଏବଂ ଔଷଧ ଉତ୍ପାଦନ କରୁଥିବା କମ୍ପାନୀଙ୍କ ବ୍ୟୟ ବଢ଼ିବ। ବ୍ୟୟ ବଢ଼ିଲେ ଔଷଧ ମୂଲ୍ୟ ବୃଦ୍ଧି କରାଯିବ। ଏହାର ପ୍ରତ୍ୟକ୍ଷ ପ୍ରଭାବ ରୋଗୀଙ୍କ ଉପରେ ପଡ଼ିବ।



ରିପୋର୍ଟ ଅନୁଯାୟୀ ଚୀନ୍ ଭଳି ଦେଶରୁ ଆସୁଥିବା ବିପୁଳ କଞ୍ଚାମାଲ ଆମଦାନୀ ହ୍ରାସ କରିବା ଏହାର ଉଦ୍ଦେଶ୍ୟ। କାରଣ ଏହା ଭାରତର ଘରୋଇ ଉତ୍ପାଦକଙ୍କ ସ୍ଥାୟୀ କ୍ଷମତାକୁ ପ୍ରଭାବିତ କରୁଛି। ତେବେ ଅନେକ ମେଡିକାଲ ବିଶେଷଜ୍ଞ ଏହି ପଦକ୍ଷେପ ଫାର୍ମା ଉଦ୍ୟୋଗ ପାଇଁ କ୍ଷତିକାରକ ହେବ ବୋଲି କହିଛନ୍ତି। ଏବେ ସରକାର ପେନସିଲିନ-ଜି, ଆମୋକ୍ସିଲିନ ପାଇଁ ଏମଆଇପି ଧାର୍ଯ୍ୟ କରିବାକୁ ବିଚାର କରୁଛନ୍ତି। ଆଣ୍ଟିବାୟୋଟିକରେ ପ୍ରସ୍ତୁତ ଏହି କଞ୍ଚାମାଲ ଉପରେ ଏମଆଇପି ଲଗାଇଲେ ଏମଏସଏମଇ ଉପରେ ପ୍ରଭାବ ପଡ଼ିପାରେ। ଏହା ଦ୍ୱାରା ୧୦ ହଜାରରୁ ଅଧିକ ଏମଏସଏମଇ ପ୍ରଭାବିତ ହୋଇପାରନ୍ତି। ଅନେକ ମଧ୍ୟ ବନ୍ଦ ହୋଇପାରେ। ଏହା ଦ୍ୱାରା ୨ ଲକ୍ଷ ଲୋକଙ୍କ ନିଯୁକ୍ତି ଯାଇପାରେ।

### ଠକେଇ ମାମଲାରେ ଆମେରିକା କୋର୍ଟଙ୍କ କାର୍ଯ୍ୟାନୁଷ୍ଠାନ

# ବାଇଜୁ ରବୀନ୍ଦ୍ରନଙ୍କୁ ୯ ହଜାର କୋଟି ଟଙ୍କା ଜୋରିମାନା




■ ୱାସିଂଟନ, ୨୨।୧୧ (ଏଜେନ୍ସି): ଏଡ୍‌ଟେକ କମ୍ପାନୀ ବାଇଜୁସର ପ୍ରତିଷ୍ଠାତା ବାଇଜୁ ରବୀନ୍ଦ୍ରନଙ୍କୁ ବଡ଼ ଝଟ୍‌କା ଲାଗିଛି। ଆମେରିକାର ବ୍ୟାଙ୍କରପ୍‌ସି କୋର୍ଟ ତାଙ୍କ ଉପରେ ୧ ବିଲିୟନ ଡଲାର ତଥା ୯ ହଜାର କୋଟି ଟଙ୍କାର ଜୋରିମାନା ଲଗାଇଛନ୍ତି। ଋଣ ଭାରରେ ବୁଡ଼ିଥିବା ରବୀନ୍ଦ୍ରନଙ୍କ ପାଇଁ ଏହା ବୋଝ ଉପରେ ଲଳିତା ବିଡ଼ା ସଦୃଶ ହୋଇଛି। ବାଇଜୁସ ଆଲ୍‌ଫା ଏବଂ ଋଣ ଦେଇଥିବା ଆମେରିକା କମ୍ପାନୀ ଗ୍ଲାସ ଟ୍ରଷ୍ଟ ଏଲଏଲସିର ଆବେଦନ ଉପରେ ଶୁଣାଣି କରି କୋର୍ଟ ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ବାଇଜୁସ ଆଲ୍‌ଫା ଏକ ଆମେରିକୀୟ କମ୍ପାନୀ। ଏହା ଭାରତୀୟ ଏଡଟେକ୍ ବାଇଜୁସର ସହାୟକ । ୨୦୨୧ରେ ଡେଲାୱେୟର (ଆମେରିକା)ରେ ଏହାକୁ ପ୍ରତିଷ୍ଠା କରାଯାଇଥିଲା। ବାଇଜୁସ୍ ପାଇଁ ପାଣ୍ଠି ସଂଗ୍ରହ କରିବା ଏହାର ଉଦ୍ଦେଶ୍ୟ ଥିଲା। ସୂଚନା ଅନୁଯାୟୀ ବାଇଜୁ ରବୀନ୍ଦ୍ରନଙ୍କ କମ୍ପାନୀ ବାଇଜୁସ ୨୦୨୧ରେ ଆମେରିକା ବ୍ୟାଙ୍କ ଏବଂ ଲେଣ୍ଡର୍ସଙ୍କ ଏକ ଗ୍ରୁପଠାରୁ ପ୍ରାୟ ୧.୨ ବିଲିୟନ ଡଲାର ଅର୍ଥାତ୍ ୧୧ ହଜାର କୋଟି ଟଙ୍କା ଋଣ ନେଇଥିଲା। ଏହା ବାଇଜୁସର ପରିଚାଳନାରେ ବ୍ୟବହାର କରାଯାଇଥିଲା। ଋଣ ପରିଶୋଧରେ ବିଫଳ ହେବା ପରେ ୨୦୨୪ ଏପ୍ରିଲରେ ବାଇଜୁସ୍ ଆଲ୍‌ଫା ଏହାର ପ୍ରତିଷ୍ଠାତା ରବୀନ୍ଦ୍ରନ, ତାଙ୍କ ପତ୍ନୀ ଦିବ୍ୟା ଗୋକୁଳନାଥ, ଭାଇ ରାଜୁ ଏବଂ ଅନ୍ୟମାନଙ୍କ ଉପରେ ୫୩୩ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୪,୫୦୦ କୋଟି ଟଙ୍କାର ଚୋରି ଓ ଠକେଇ ଅଭିଯୋଗ ଲଗାଇ ମାମଲା ରୁଜୁ କରିଥିଲା। କିଛି ଦିନ ତଳେ କୋର୍ଟ ଏହି ମାମଲାରେ ରାୟ ଦେଇ ୧ ବିଲିୟନ ଡଲାର ଜୋରିମାନା ଲଗାଇ ଥିଲେ।

**ଓସିପିଏଲ-ଓପିଜିସି ମିଶ୍ରଣ ପ୍ରସ୍ତାବ**

# କେନ୍ଦ୍ରର ପ୍ରତ୍ୟାଖ୍ୟାନ; ରାଜ୍ୟକୁ ଧକ୍କା

## ଏକାଧିକ କାରଣ ଦର୍ଶାଇ ମିଶ୍ରଣ ପ୍ରସ୍ତାବକୁ ବିରୋଧ କରିଥିଲେ ଶକ୍ତି ସମୀକ୍ଷକ

■ ଭୁବନେଶ୍ୱର, ୨୨।୧୧ (ସମିସ): ଓଡ଼ିଶା କୋଲ ଏଣ୍ଡ ପାୱାର ଲିମିଟେଡ (ଓସିପିଏଲ)କୁ ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ (ଓପିଜିସି) ସହିତ ମିଶ୍ରଣ ନିମନ୍ତେ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ରୋକଠୋକ ଖାରଜ କରି ଦେଇଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ମନୋନୀତ କର୍ତ୍ତୃପକ୍ଷ ଏ ସଂକ୍ରାନ୍ତରେ ଓସିପିଏଲକୁ ସୂଚନା ଦେଇଛନ୍ତି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ସରକାରଙ୍କୁ ଘେରିଛନ୍ତି। କେଉଁ ଆଧାରରେ ସରକାର ଦୁଇ ସଂସ୍ଥାକୁ ମିଶ୍ରଣ ପାଇଁ ଯୋଜନା କରିଥିଲେ ଓ କ'ଣ ପାଇଁ କେନ୍ଦ୍ର ଏହାକୁ ଖାରଜ କଲେ ସେ ସମ୍ପର୍କରେ ସ୍ପଷ୍ଟୀକରଣ ଦେବାର ଆବଶ୍ୟକତା ଥିବା ବିରୋଧୀ କହିଛନ୍ତି।

ଓସିପିଏଲ-ଓପିଜିସି ମିଶ୍ରଣ ପ୍ରସ୍ତାବ ଉପରେ ଓଡ଼ିଶା ସରକାର ଗତ ଅକ୍ଟୋବର ୮ ତାରିଖରେ ନୀତିଗତ ନିଷ୍ପତ୍ତି ନେବାପରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ନିଯୁକ୍ତ ମନୋନୀତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ଏକାନ୍ତ ଆବଶ୍ୟକ ଥିଲା। କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ଅନୁମୋଦନ ହାସଲ କରିବାପାଇଁ ଗତ ନଭେମ୍ବର ୧ ତାରିଖରେ ଓସିପିଏଲ ଏକ ପତ୍ର ମାଧ୍ୟମରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟକୁ ଆବେଦନ କରିଥିଲେ। ଓସିପିଏଲର ଆବେଦନକୁ ବିଚାରକରି କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ନିଜର ବିଚାର ଓ ନିଷ୍ପତ୍ତିକୁ ସ୍ପଷ୍ଟ ଉଲ୍ଲେଖ କରି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ପ୍ରତ୍ୟାଖାନ କରିଛନ୍ତି।

**ମିଶ୍ରଣ ପାଇଁ ରାଜ୍ୟ ସରକାର ଗତ ମାସରେ ନେଇଥିଲେ ନୀତିଗତ ନିଷ୍ପତ୍ତି**

କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ନିଯୁକ୍ତ ମନୋନୀତ କର୍ତ୍ତୃପକ୍ଷ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ମନୋହରପୁର କୋଇଲା ଖଣି ପାଇବା ପାଇଁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ସହିତ ଓସିପିଏଲ ସମ୍ପାଦନ କରିଥିବା ଆବଣ୍ଟନ ଚୁକ୍ତିନାମାର ଧାରା ୧୩.୨.୧ ଅନୁସାରେ ଓସିପିଏଲ-ଓପିଜିସି ମିଶ୍ରଣ ହୋଇପାରିବ ନାହିଁ। ଦ୍ୱିତୀୟରେ ଟାଙ୍ଗରଡିହି ଉତ୍ତର କୋଇଲାଖଣିକୁ ନିଲାମ କରିବା ପାଇଁ କୋଇଲା ମନ୍ତ୍ରଣାଳୟ ପ୍ରକାଶ କରିଥିବା ବିଜ୍ଞପ୍ତି ଦସ୍ତାବିଜର ପାରା ୫.୨.୧.୩ ଅନୁସାରେ ଲକ-ଇନ ଅବଧିରେ ଓସିପିଏଲ-ଓପିଜିସି ମିଶ୍ରଣ ହୋଇପାରିବ ନାହି। ସେହିପରି ଟାଙ୍ଗରଡିହି ଉତ୍ତର କୋଇଲାଖଣି ପାଇବା ପରେ ଓସିପିଏଲ ଓ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିନାମାର ଧାରା ୧୩.୧.୩ ଅନୁସାରେ ସାଂପ୍ରତିକ ପରିସ୍ଥିତିରେ ଉକ୍ତ ମିଶ୍ରଣ ବେଆଇନ। ଅର୍ଥାତ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଓସିପିଏଲ-ଓପିଜିସି ମିଶ୍ରଣ ପାଇଁ ଓସିପିଏଲର ଆବେଦନକୁ ଅଗ୍ରାହ୍ୟ କରିବା ସହିତ ଓଡ଼ିଶା ସରକାର ଗ୍ରହଣ କରିଥିବା ନୀତିଗତ ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ଖାରଜ କରିଦେଇଛନ୍ତି।

ଗତ ଅକ୍ଟୋବର ୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏକ ନୋଟସିଟରେ ଶକ୍ତିବିଭାଗକୁ ସୂଚିତ କରି ରାଜ୍ୟ ସରକାର ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିବାପାଇଁ ନୀତିଗତ ନିଷ୍ପତ୍ତି ନେଇଥିବା ଅବଗତ କରିଥିଲେ। ରାଜ୍ୟ ସରକାରଙ୍କ ଉକ୍ତ ନିଷ୍ପତ୍ତି ବିରୁଦ୍ଧରେ ସେତେବେଳେ ପ୍ରବଳ ସ୍ୱର ଉତ୍ତୋଳନ କରିଥିଲେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର। ଶ୍ରୀ ମହାପାତ୍ର କହିଥିଲେ ଯେ ମିଶ୍ରଣ ନିଷ୍ପତ୍ତି ସପକ୍ଷରେ ଓପିଜିସିର ଯୁକ୍ତି ହେଉଛି ଯେ ମିଶ୍ରଣ ହୋଇଗଲେ ଜିଏସଟି କ୍ଷତିପୂରଣ ସେସ୍ ବାବଦକୁ ଟନ ପିଛା ୪୦୦ ଟଙ୍କା ଦେବାକୁ ▶ପୃଷ୍ଠା-୭

**ନୂଆପଡ଼ା ବ୍ୟବଚ୍ଛେଦ**

# ବୁଥ୍‌ୱାରୀ ତଦନ୍ତ କରିବ ଦଳ



**ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକ**

**ବିଜେପିର ଜାଲିଆତିକୁ ବରଦାସ୍ତ କରିବନି ବିଜେଡି**

**କୌଶଳ କରି ଭୋଟ ଦେବାରୁ ଲୋକଙ୍କୁ ରୋକାଯାଇଛି**

■ ଭୁବନେଶ୍ୱର, ୨୨।୧୧ (ସମିସ): ନୂଆପଡ଼ା ଉପ ନିର୍ବାଚନରେ ଶାସକ ବିଜେପି କଳ, ବଳ, କୌଶଳ, ବାହୁବଳ, ଅର୍ଥବଳ ଖର୍ଚ୍ଚ ସହ ଇଭିଏମକୁ ବ୍ୟବହାର କରି ଭୋଟ ହାତେଇଛନ୍ତି। ନୂଆପଡ଼ାବାସୀଙ୍କ ଜନାଦେଶ ଗୋଟିଏ ପଟେ ଥିବାବେଳେ ବିଜେପି ବହୁ ଉପାୟରେ ମତ ପରିବର୍ତ୍ତନ କରିବାରେ ସଫଳ ହୋଇଛି। ନିର୍ବାଚନମଣ୍ଡଳୀର ୬୩ଟି ବୁଥରେ ବିଜେପି ଜାଲିଆତି କରିଛି। ଏହି ୬୩ଟି ବୁଥରେ ଦଳ ପକ୍ଷରୁ ତଦନ୍ତ, ତର୍ଜମା କରାଯିବ ବୋଲି ସୂଚନା ଦେଇଛନ୍ତି ବିଜେଡିର ରାଜନୈତିକ ବ୍ୟାପାର କମିଟି ସଦସ୍ୟା ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ଶନିବାର ସନ୍ଧ୍ୟାରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜନୈତିକ ବ୍ୟାପାର କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିବା ଶ୍ରୀମତୀ ମଲ୍ଲିକ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ବୈଠକରେ ନୂଆପଡ଼ା ଉପନିର୍ବାଚନ ଫଳାଫଳ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଯେପରି ଭାବେ କଳ, ବଳ, କୌଶଳ, ବାହୁବଳ, ଅର୍ଥବଳ ଖର୍ଚ୍ଚ ସହ ଇଭିଏମ୍‌କୁ ଶାସକ ଦଳ ବ୍ୟବହାର କରି ଭୋଟ ହାତେଇଛନ୍ତି, ସେ ▶ପୃଷ୍ଠା-୭

# ମା'ର ବେକ କାଟି ମାରିଦେଲା

■ ସେମିଳିଗୁଡ଼ା, ୨୨।୧୧ (ସମିସ): ମା'ର ବେକ କାଟି ମାରିଦେଲା ପୁଅ। କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଥାନା ଅଧୀନ ଉପରସାହିରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଭାନୁ ଖରା। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ପୁଅ ବଳରାମ ଖରାକୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସ ସୂଚନାନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ମା'-ପୁଅଙ୍କ ମଧ୍ୟରେ କୌଣସି କାରଣରୁ କଥା କଟାକଟି ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବଳରାମ ଏକ ଧାରୁଆ ଅସ୍ତ୍ରରେ ଭାନୁଙ୍କ ବେକ କାଟି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ଭାନୁଙ୍କ ଭଣଜା ରାମଚନ୍ଦ୍ର ଖରା ଅଭିଯୋଗ କରିବା ପରେ କୋରାପୁଟ ସାଇଣ୍ଟିଫିକ ଟିମ୍ ସହ ସେମିଳିଗୁଡ଼ା ଥାନା ଅଧିକାରୀ ଅନିତା କୁଜୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୁଲିସ ଭାନୁଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛି।

**ପୁଲିସ ଚାକିରି ବେପାର**

# ପୁଣି ୪ ପରୀକ୍ଷାର୍ଥୀଙ୍କୁ ସିବିଆଇର ଜେରା

■ ଭୁବନେଶ୍ୱର, ୨୨।୧୧ (ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିବିଆଇ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ୪ଜଣ ପରୀକ୍ଷାର୍ଥୀଙ୍କୁ ଜେରା କରିଛି। ନୋଟିସ ଅନୁଯାୟୀ ଆଶାୟୀମାନେ ସକାଳେ ସିବିଆଇ କାର୍ଯ୍ୟାଳୟରେ ହାଜର ହୋଇଥିଲେ। ସେମାନଙ୍କୁ ସିବିଆଇର ଏକ ସ୍ୱତନ୍ତ୍ର ଟିମ୍ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ପଚରାଉଚରା କରିଥିଲା। ତେବେ ଆଗକୁ ସିବିଆଇ କାର୍ଯ୍ୟାଳୟରେ ଏସ୍‌ଆଇ ପରୀକ୍ଷା ବଡ଼ବଡ଼ିଆ ହାଜର ହେବେ। ସେମାନଙ୍କୁ ଜେରା କରିବାକୁ ସିବିଆଇ ଯୋଜନା ପ୍ରସ୍ତୁତ କରୁଛି।

**ଆଗକୁ ବଡ଼ବଡ଼ିଆଙ୍କ ପାଳି!**

ଏମାନଙ୍କ ମଧ୍ୟରୁ କେତେକ ପୁଲିସ ଦ୍ୱାରା ଗିରଫ ହୋଇଥିଲା ବେଳେ କିଛି ଆଶାୟୀ ସିବିଆଇ ତଦନ୍ତରେ ସ୍ୱେଚ୍ଛାକୃତ ଭାବେ ସହଯୋଗ କରିବାକୁ ଆସିଥିଲେ। ସିବିଆଇ ସେମାନଙ୍କୁ ୬ଘଣ୍ଟା ଧରି ପଚରାଉଚରା କରିଥିଲା। ଆଶାୟୀମାନେ ଚାକିରି ରାକେଟ୍ ସମ୍ପର୍କରେ କିଭଳି ଆସିଲେ। ଦଲାଲ୍ ସେମାନଙ୍କୁ କେଉଁ ମାଧ୍ୟମରେ ଯୋଗାଯୋଗ କରିଥିଲା। ଆଶାୟୀମାନେ କାହାକୁ ଟଙ୍କା ଦେଇଛନ୍ତି ଓ କେତେଟଙ୍କା ଦେଇଛନ୍ତି। ଏଥିରେ କେଉଁ ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି। ଆଶାୟୀମାନଙ୍କୁ ଆନ୍ଧ୍ର କଣ ପାଇଁ ନିଆଯାଇଥିଲା। ଏଠାରେ ଦଲାଲଙ୍କ ଭୂମିକା କଣ ରହିଥିଲା। ଏଭଳି ଅନେକ ପ୍ରଶ୍ନ ପଚାରିବା ପରେ ଶେଷରେ ସେମାନଙ୍କୁ ଛାଡି ଦିଆଯାଇଥିଲା। ତେବେ ସିବିଆଇ ସେମାନଙ୍କ ଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା କୁହାଯାଉଛି ।

ଅନ୍ୟପକ୍ଷରେ ଆଶାୟୀଙ୍କ ଠାରୁ ତଥ୍ୟ ନେବା ପରେ ସିବିଆଇ ବଡ଼ବଡ଼ିଆଙ୍କୁ ଡାକି ପଚରାଉଚରା କରିବାକୁ ଯୋଜନା ପ୍ରସ୍ତୁତ କରୁଛି। ଫଳରେ ଗିରଫଦାରୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି। ଏହି ମାମଲାରେ ମାଷ୍ଟରମାଇଣ୍ଡ ତଥା ସିଲିକନ୍‌ର ସିଇଓ ସୁରେଶ ନାୟକ ତାଙ୍କ ସହଯୋଗୀ ଶଙ୍କର ପୃଷ୍ଟି ଓ ସେମାନଙ୍କର କିଛି ସହଯୋଗୀ ଗିରଫ ହୋଇ ଜେଲରେ ଅଛନ୍ତି।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା !

■ ବ୍ରହ୍ମପୁର, ୨୨।୧୧ (ସମିସ): ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଳପୁରରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ରହୁଥିବା ମିଳନ ନାୟକ ନାମକ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ମା' ସାଇବାଣୀ ନାୟକ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। କେନ୍ଦ୍ରର ପରିଚାଳକ ଓ ତାଙ୍କ ସହଯୋଗୀଙ୍କୁ ଥାନାକୁ ଡାକି ପୁଲିସ ପଚରାଉଚରା କରୁଛି। ସୂଚନାଯୋଗ୍ୟ, ରାଧାକୃଷ୍ଣ ହରିଜନ ସାହିର ସାଇବାଣୀଙ୍କ ପୁଅ ମିଳନ ଅତ୍ୟଧିକ ନିଶା ସେବନ କରୁଥିବାରୁ ପରିବାର ଲୋକ ଚିନ୍ତାରେ ଥିଲେ। ଏହି ସମୟରେ ଜଗଦଳପୁରରେ ଥିବା ନିଶା ନିବାରଣ କେନ୍ଦ୍ରର ପରିଚାଳକ ସାଇବାଣୀଙ୍କୁ ଭେଟି ମିଳନଙ୍କୁ ଆମ କେନ୍ଦ୍ରରେ ଭର୍ତ୍ତି କଲେ ନିଶା ଅଭ୍ୟାସ ଆମେ ଦୂରେଇଦେବୁ ବୋଲି କହିଥିଲେ। ଗତ ୧୬ ତାରିଖରେ ଉକ୍ତ ନିଶା ନିବାରଣ କେନ୍ଦ୍ରରେ ପରିବାରଲୋକେ ମିଳନଙ୍କୁ ଛାଡ଼ିଥିଲେ। ପୁଅର ସ୍ୱାସ୍ଥ୍ୟବସ୍ଥା ଠିକଠାକ ଥିଲା। ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ଦୁଇଟାରେ ଉକ୍ତ କେନ୍ଦ୍ରର ପରିଚାଳକ ଫୋନ କରି ତାଙ୍କୁ ଏମ୍‌କେସିଜି ମେଡିକାଲ ଆସିବାକୁ କହିଥିଲେ। ମିଳନ ଅସୁସ୍ଥ ହେବାରୁ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି କହିଥିଲେ। ମାତ୍ର ମେଡିକାଲରେ ପହଞ୍ଚି ପୁଅ ମରି ପଡ଼ିଥିବା ଦେଖିବାକୁ ପାଇଥିଲୁ। ମିଳନର ହାତ, ଗୋଡ଼ରେ କ୍ଷତ ଚିହ୍ନ ରହିଛି। ତାଙ୍କୁ ଉକ୍ତ କେନ୍ଦ୍ରର ପରିଚାଳକ ଓ ତାଙ୍କ ସହଯୋଗୀ ହତ୍ୟା କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରକାଶଥାଉ କି, ଗତ ୨ମାସ ତଳେ ସଦର ଥାନା ଅନ୍ତର୍ଗତ ଲାଠିରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ରହୁଥିବା ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ଲୋକ ଅଭିଯୋଗ କରିଥିଲେ।

## ଚୀନ୍ ନିର୍ମାଣ କରୁଛି ପ୍ରଥମ କୃତ୍ରିମ ଭାସମାନ ଦ୍ୱୀପ



ବେଜିଂ, ୨୨।୧୧(ଏଜେନ୍ସି): ଚୀନ୍ ସବୁବେଳେ ନୂଆ ନୂଆ ଆବିଷ୍କାର ଓ ଉଦ୍ଭାବନ ନେଇ ସାରା ବିଶ୍ୱକୁ ଚକିତ କରିବା ସହ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ଚୀନ୍ ଏବେ ଏକ ବିଶାଳ ଭାସମାନ ଦ୍ୱୀପ ନିର୍ମାଣ କରୁଛି । ପରମାଣୁ ଆକ୍ରମଣର ସକ୍‌ୱେଭ୍‌ରୁ ବର୍ତ୍ତି ପାରିବା ଭଳି ଏହି ଦ୍ୱୀପର ଡିଜାଇନ୍ କରାଯାଇଛି । ୭୮ ୦୦୦ ଟନ୍ ଓଜନ, ଅଧା ବୁଡି ପାରୁଥିବା ଏହି ଭ୍ରାମ୍ୟମାଣ ଦ୍ୱୀପ ସମୁଦ୍ରରେ ଦୀର୍ଘ ସମୟ ଧରି ତିଷ୍ଠି ପାରିବ । ଏହି କୃତ୍ରିମ ହ୍ରଦ ଉପରେ ୨୩୮ ଲୋକ ରହିପାରିବେ । ଏହାର ଭିତ୍ତିଭୂମି ଚୀନ୍‌ର ଫୁଜିଆନ ବିମାନ ବାହକ ଜାହଜ ଭଳି ବୃହତ୍ । ଏହା ୨୦୨୮ରେ କାର୍ଯ୍ୟକ୍ଷମ ହେବ । ଏହା ୬-୯ ମିଟର ଲମ୍ବ ତରଙ୍ଗ ଓ ବଡ଼ ବଡ଼ ବାତ୍ୟାର ସମ୍ମୁଖୀନ ହେବା ସହ ଅଶାନ୍ତ ସମୁଦ୍ରକୁ ସହ୍ୟ କରିପାରିବ । ଏହାର ଲମ୍ବ ୧୩୮ ମିଟର ହୋଇଥିବା ବେଳେ ଚଉଡା ୮୫ ମିଟର ରହିଛି । ଏହାର ମୁଖ୍ୟ ଡେକର ଉଚ୍ଚତା ୪୫ ମିଟର ରହିଥିବା ବେଳେ ଏହା ପରମାଣୁ ଆକ୍ରମଣକୁ ସହ୍ୟ କରିବାର କ୍ଷମତା ବହନ କରିବ । ଏହା କ୍ୟାଟାଗୋରି-୧୭ ଘୂର୍ଣ୍ଣିବାତ୍ୟାର ସମ୍ମୁଖୀନ ହୋଇପାରିବ । ଏହାକୁ ଚୀନ୍ ବିବାଦୀୟ ଦକ୍ଷିଣ ଚୀନ୍ ସାଗରରେ ନିୟୋଜିତ କରିପାରିବ । ଏହାର ଆକାର, ଗତିଶୀଳତା, ସହନ ଶକ୍ତି କାରଣରୁ ଚୀନ ଏହାକୁ ଯେକୌଣସି ସ୍ଥାନରେ ବ୍ୟବହାର କରିପାରିବ । କିନ୍ତୁ ଚୀନ୍ ଏହାକୁ ଏକ ନାଗରିକ ପରିଯୋଜନା ବୋଲି କହୁଛି । ଯଦି ପରମାଣୁ ଆକ୍ରମଣ ହୁଏ, ତେବେ ଏହା ତିଷ୍ଠି ପାରିବ ଓ ନିଜ କାର୍ଯ୍ୟ ଜାରି ରଖିପାରିବ । ଚୀନ୍‌ର ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ କିପରି କାର୍ଯ୍ୟ କରିବ ତାହା ୨୦୨୮ ପରେ ହିଁ ଜଣାପଡ଼ିବ ।

## ଇଣ୍ଡୋନେସିଆରେ ଅଗ୍ନି ଉଦ୍‌ଗୀରଣ

### ଉଦ୍ଧାର ହେଲେ ୧୭୦ ପର୍ବତାରୋହୀ



ଜାକର୍ତ୍ତା, ୨୨।୧୧(ଏଜେନ୍ସି): ଇଣ୍ଡୋନେସିଆର ଜାଭା ଦ୍ୱୀପରେ ଥିବା ସେମେରୁ ଆଗ୍ନେୟଗିରିରେ ଅଗ୍ନିଉଦ୍‌ଗିରଣ ହୋଇଛି । ଫଳରେ ଆକାଶରେ ୬, ୫୦୦ ଫୁଟ୍ ଉଚ୍ଚର ପାଉଁଶର ଏକ ଲମ୍ବା ଧାର ଦେଖିବାକୁ ମିଳିଛି । ଏହି ଆଗ୍ନେୟଗିରିରୁ ଅତ୍ୟନ୍ତ ଉତପ୍ତ ଲାଭା ୨୦ କିମି ପର୍ଯ୍ୟନ୍ତ ପ୍ରବାହିତ ହୋଇଛି । ରାସ୍ତା, ପୋଲ ଓ ଆଖପାଖ ଅଞ୍ଚଳ ପାଉଁଶ ଦ୍ୱାରା ଆଚ୍ଛାଦିତ ହୋଇଛି । ନିକଟବର୍ତ୍ତୀ ଗାଁଗୁଡିକରୁ ଲୋକଙ୍କୁ ଖାଲି କରାଯାଇଛି । ୩ ଗାଁରୁ ପାଖାପାଖି ୧, ୦୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ଆକାଶରେ ଧୂଆଁ ଉଡିବା କାରଣରୁ କେତୋଟି ଗାଁରେ ଦିନରେ ମଧ୍ୟ ଅନ୍ଧାର ଆଚ୍ଛାଦିତ ହୋଇଥିଲା । ସଲଫରର ଗନ୍ଧ ଉତ୍କଟ ସ୍ଥିତି ସୃଷ୍ଟି କରିଥିଲା । ଏପରିକି ଉତପ୍ତ ଲାଭାରେ କିଛି ଲୋକ ଜଳିଯାଇଛନ୍ତି । ପ୍ରତିବର୍ଷ ଇଣ୍ଡୋନେସିଆରେ ୪ରୁ ୫ଟି ଜ୍ୱାଳାମୁଖି ଉଦ୍‌ଗିରଣ ହୋଇଥାଏ । ମାଉଣ୍ଟ ସେମେରୁ ହେଉଛି ଜାଭା ଦ୍ୱୀପର ଉଚ୍ଚତମ ଶୃଙ୍ଗ । ନଭେମ୍ବର ୧୯ରେ ଏଥିରେ ଉଦ୍‌ଗିରଣ ହୋଇଥିଲା । ଫଳରେ ସେଠାକାର ଶିବିରରେ ଥିବା ୧୭୦ରୁ ଊର୍ଦ୍ଧ୍ୱ ପର୍ବତାରୋହୀ ଫସି ରହିଥିଲେ । ସମସ୍ତଙ୍କୁ ଇଣ୍ଡୋନେସିଆର ଅଧିକାରୀମାନେ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି । ଏହା ପୂର୍ବରୁ ୨୦୨୧ ଡିସେମ୍ବରରେ ମାଉଣ୍ଟ ସେମେରୁରେ ବଡ଼ ଧରଣର ବିସ୍ଫୋଟ ହୋଇଥିଲା । ଏହି ବିସ୍ଫୋଟରେ ୫୧ ଜଣ ଲୋକ ମୃତ୍ୟୁବରଣ କରିଥିଲେ ଓ ହଜାର ହଜାର ଘର ନଷ୍ଟ ହୋଇଥିଲା । ଉଲ୍ଲେଖଥାଉ କି, ଇଣ୍ଡୋନେସିଆ 'ରିଙ୍ଗ ଅଫ୍ ଫାୟାର' ଅଞ୍ଚଳରେ ଅବସ୍ଥିତ । ଏହି କାରଣରୁ ଏଠାରେ ଭୂକମ୍ପ ଓ ଜ୍ୱାଳାମୁଖୀ ବିସ୍ଫୋରଣ ଏକ ସାଧାରଣ କଥା ।

## ଧରାବୀରେ ନିଆଁ; ରେଳ ଚଳାଚଳ ବାଧାପ୍ରାପ୍ତ

ମୁମ୍ବଇ, ୨୨।୧୧(ଏଜେନ୍ସି): ମୁମ୍ବଇର ଧରାବୀ ନିକଟସ୍ଥ ରେଳ ଲାଇନ୍ ପାଖରେ ନବରଙ୍ଗ କମ୍ପାଉଣ୍ଡରେ ଶନିବାର ଅପରାହ୍ଣରେ ନିଆଁ ଲାଗିଛି । ଫଳରେ ୱେଷ୍ଟର୍ଣ୍ଣ ରେଳବାଇର ମୁମ୍ବଇ ସେଣ୍ଟ୍ରାଲ ଡିଭିଜନ୍‌ରେ ରେଳ ଚଳାଚଳ ଆଂଶିକ ଭାବେ ବାଧାପ୍ରାପ୍ତ ହୋଇଛି । ବାନ୍ଦ୍ରା ଓ ମାହିମ୍ ମଧ୍ୟରେ ଯୁପି ହାର୍ବର ଲାଇନରେ ଥିବା ଝୁମ୍ପୁଡି ଘରେ ଅଗ୍ନିକାଣ୍ଡ ଘଟିବା ପରେ ଏହି ସମସ୍ୟା ଉପୁଜିଛି । ଅପରାହ୍ଣ ୧୨.୨୫ରେ ଅଗ୍ନିକାଣ୍ଡ ଆରମ୍ଭ ହୋଇଥିଲା । ଫଳରେ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଧିକାରୀମାନେ ଉପରେ ଯାଇଥିବା ଇଲେକଟ୍ରିକ୍ ଯୋଗାଣକୁ ବନ୍ଦ କରିଥିଲେ । ଅଗ୍ନିକାଣ୍ଡଠାରୁ ରେଳ ଚଳାଚଳ ନିରାପଦ ଦୂରରେ ଥିବାରୁ ଟ୍ରେନ୍ ଓ ଯାତ୍ରୀଙ୍କର କୌଣସି କ୍ଷତି ହୋଇନାହିଁ ବୋଲି ଅଧିକାରୀମାନେ କହିଛନ୍ତି । ଘଟଣାସ୍ଥଳରେ ଦମକଳ ବାହିନୀ ଓ ରେଳବାଇ କର୍ମଚାରୀ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ ଜାରି ରଖିଛନ୍ତି । ସନ୍ଧ୍ୟା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା । ଅପରାହ୍ଣ ୨ଟାରେ ଟ୍ରେନ୍ ଚଳାଚଳ ପୁଣି ଆରମ୍ଭ ହୋଇଥିଲା । ତେବେ ଟ୍ରେନ୍‌ର ଗତିକୁ ଘଣ୍ଟା ପ୍ରତି ୪୫ କିମିରେ ସୀମିତ ରଖାଯାଇଥିଲା ।

## ଉତ୍ତରାଖଣ୍ଡରେ ହ୍ରଦ ପାଲଟିଲା ବରଫ

ନୂଆଦିଲ୍ଲୀ, ୨୨।୧୧(ଏଜେନ୍ସି): ସାରା ଉତ୍ତର ଭାରତରେ ଶୀତର ଲହରି କାରଣରୁ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି । ହିମାଳୟ କ୍ଷେତ୍ରରେ ଥିବା ରାଜ୍ୟମାନଙ୍କରେ ତୁଷାରପାତ ଆରମ୍ଭ ହୋଇଛି । ସମତଳ ଅଞ୍ଚଳରେ ଖାସ୍ କରି ମଧ୍ୟପ୍ରଦେଶରେ ମଧ୍ୟ ପ୍ରବଳ ଶୀତର ପ୍ରଭାବ ଦେଖିବାକୁ ମିଳିଛି । ଫଳରେ ଗତ ଦୁଇଦିନ ମଧ୍ୟରେ ଦୁଇଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ଭୋପାଳ, ଇନ୍ଦୋର ସମେତ ୭ଟି ଜିଲ୍ଲାରେ ଶୀତ ଲହରି ଖେଳିଯାଇଛି । ସେପଟେ ଉତ୍ତରାଖଣ୍ଡର ଚାମୋଲି ସ୍ଥିତ ବଦ୍ରିନାଥ ଧାମରେ ଏବର୍ଷ ଗୁରୁବାର ପ୍ରଥମଥର ପାଇଁ ତୁଷାରପାତ ହୋଇଛି । ଫଳରେ ପୂରା ମନ୍ଦିର ପରିସର ବରଫର ଧଳା ଚାଦରରେ ଛାଇ ହୋଇଯାଇଛି । ଏଠାରେ ତାପମାତ୍ର ୬ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଛି । ସେହିପରି ଉତ୍ତରାଖଣ୍ଡରେ ହ୍ରଦ ପୂରା ବରଫ ପାଲଟିଯାଇଛି । ଚମୋଲି ଜିଲ୍ଲାର ଶେଷନେତ୍ର ହ୍ରଦ ଜମିଯାଇଛି । ଆଗାମୀ ଦୁଇ ସପ୍ତାହ ପର୍ଯ୍ୟନ୍ତ ତାପମାତ୍ରାରେ ହ୍ରାସ ହେବ ନାହିଁ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ କୁହାଯାଇଛି ।

## ଡ୍ରାଇଭରଙ୍କୁ ହୃଦ୍‌ଘାତ: ୪-୫ ବାଇକ୍ ଉପରେ ଚଢ଼ିଗଲା କାର୍; ୪ ମୃତ

ଥାଣେ, ୨୨।୧୧(ଏଜେନ୍ସି): ମହାରାଷ୍ଟ୍ରର ଥାଣେ ଜିଲ୍ଲାରେ ଅମ୍ବରନାଥ ସହରରେ ଶୁକ୍ରବାର ସନ୍ଧ୍ୟା ୬.୪୨ରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି । ଜଣେ ଡ୍ରାଇଭର ହୃଦ୍‌ଘାତ୍‌ର ସମ୍ମୁଖୀନ ହେବା ଫଳରେ ନିୟନ୍ତ୍ରଣ ହରାଇ ଏକ ଟାଟା ନେକ୍ସନ କାର୍ ସାମ୍ନାପଟୁ ଆସୁଥିବା ବାହାନଗୁଡିକୁ ଧକ୍କା ଦେବା ପଲଟି ଯାଇଥିଲା । କାର୍‌ଟି ୪-୫ ବାଇକ୍‌କୁ ଧକ୍କା ଦେଇଥିଲା । ସହରର ଫ୍ଲାଏଓଭର ଉପରେ ହିଁ ଏହି ଦୁର୍ଘଟଣା ଘଟିଛି ଓ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଏଥିରେ ୪ ଜଣ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି । କାର ଏତେ ଜୋରରେ ଧକ୍କା ଦେଇଥିଲା ଯେ, ବାଇକ୍ ଚଢ଼ିଥିବା ଜଣେ ଲୋକ ଫ୍ଲାଏ ଓଭର ଉପରୁ ଉପରକୁ ଉଠି ତଳେ ଖସି ପଡ଼ିଥିଲେ । ସମ୍ପୂର୍ଣ୍ଣ ଘଟଣା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି ।ଦୁର୍ଘଟଣା ପରେ ଫ୍ଲାଏଓଭର ଓ ସଡ଼କର ଦୁଇପଟେ ଲୋକଙ୍କ ଭିଡ଼ ଜମା ହୋଇଥିଲା । ଏହାପରେ ଆହତଙ୍କୁ ହସ୍ପିଟାଲ ନିଆଯାଇଥିଲା । ଆହତଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଉଛି । ଘଟଣାସ୍ଥଳରେ ପୁଲିସ ପହଞ୍ଚି ଦୁର୍ଘଟଣା କାରଣ ନେଇ ଯାଞ୍ଚ ଆରମ୍ଭ କରିଛି । ମୃତକ ଓ ଆହତଙ୍କ ପରିଚୟ ପାଇବାକୁ ପୁଲିସ ପ୍ରୟାସ ଜାରି ରଖିଛି ।

# ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ-ମମ୍‌ଦାନୀ ଭେଟଘାଟ

■ ନିର୍ବାଚନ ବେଳେ ବିଷୋଦଗାର
■ ଏବେ ଏକାଠି ହେଲେ
■ ଭାରତରେ କେବେ? : ଥରୁର



ୱାଶିଂଟନ, ୨୨।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ନ୍ୟୁୟର୍କ ସିଟିର ନବନିର୍ବାଚିତ ମେୟର ଜୋହରାନ ମମ୍‌ଦାନୀ ଶୁକ୍ରବାର ହ୍ୱାଇଟ୍ ହାଉସ୍‌ରେ ପ୍ରଥମଥର ପାଇଁ ପରସ୍ପରକୁ ସାକ୍ଷାତ କରିଛନ୍ତି । ଦୁଇ ନେତାଙ୍କ ମଧ୍ୟରେ ଏହି ସାକ୍ଷାତ ଆଲୋଚନା ଆମେରିକା ରାଜନୀତିରେ ଚର୍ଚ୍ଚାର କେନ୍ଦ୍ର ହୋଇଛି । କାରଣ ମେୟର ନିର୍ବାଚନ ବେଳେ ଦୁଇ ନେତା ପରସ୍ପରକୁ ଅତି କଡ଼ା ଭାଷାରେ ସମାଲୋଚନା କରିଥିଲେ । ଏପରିକି ପରସ୍ପର ବିରୋଧରେ ବିଷୋଦଗାର କରିବାକୁ ପଛାଇ ନଥିଲେ । ନିର୍ବାଚନ ପରେ ଏହି ଦୁଇ ନେତା ହ୍ୱାଇଟ୍ ହାଉସରେ ଏକାଠି ହୋଇ ସାକ୍ଷାତ ଆଲୋଚନା କରିବା ଏବଂ ଆଲୋଚନା ବେଳେ ପରିବେଶ ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିବା ଘଟଣା ଦେଶବାସୀଙ୍କୁ ଆଶ୍ୱସ୍ତ କରିଛି । ସାକ୍ଷାତ ଆଲୋଚନା ପରେ ଉଭୟ ଟ୍ରମ୍ପ ଏବଂ ମମଦାନୀ ଗଣମାଧ୍ୟର ସାମନା ମଧ୍ୟ କରିଛନ୍ତି । ସେମାନଙ୍କ ମଧ୍ୟରେ ଆଲୋଚନା ଫଳପ୍ରଦ ରହିଥିବା ଦୁଇ ନେତା କହିଛନ୍ତି । ତେବେ ଜଣେ ସମ୍ବାଦିକ ମମ୍‌ଦାନୀଙ୍କୁ ଏମିତି ଏକ ପ୍ରଶ୍ନ ପଚାରିଥିଲେ, ଯାହାକି ଟିକିଏ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା । କିନ୍ତୁ ଟ୍ରମ୍ପ ଏହାର ଏମିତି ଉତ୍ତର ଦେଲେ ଯେ ଗଣମାଧ୍ୟମ ପ୍ରତିନିଧି ଆଚମ୍ବିତ ହୋଇପଡ଼ିଥିଲେ । ମମଦାନୀଙ୍କୁ ସାମ୍ବାଦିକଙ୍କ ପ୍ରଶ୍ନ ଥିଲା-ଆପଣ ଟ୍ରମ୍ପଙ୍କୁ ଏକଛତ୍ରବାଦୀ ନେତା ବୋଲି ବିବେଚନା କରୁଛନ୍ତି କି? ମମଦାନୀଙ୍କୁ ସୁରକ୍ଷା ଦେବାକୁ ଯାଇ ଟ୍ରମ୍ପ ମମଦାନୀଙ୍କୁ କହିଥିଲେ ଯେ, ହଁ କହିଦିଅ, ମତେ କିଛି ଫରକ ପଡ଼ିବ ନାହିଁ । ସୂଚନାଯୋଗ୍ୟ ଯେ ନ୍ୟୁୟର୍କ ମେୟର ନିର୍ବାଚନ ସମୟରେ ଟ୍ରମ୍ପ ମମ୍‌ଦାନୀଙ୍କୁ କମ୍ୟୁନିଷ୍ଟ ପାଗଳ ଓ ଜିହାଦୀ ବୋଲି କହିଥିଲେ । ସେହିପରି ମମ୍‌ଦାନୀ ଟ୍ରମ୍ପଙ୍କୁ ଏକଛତ୍ରବାଦୀ ଓ ଫାସିଷ୍ଟ ବୋଲି କହିଥିଲେ । ତେବେ ବର୍ତ୍ତମାନ ମମ୍‌ଦାନୀଙ୍କୁ ମୁଁ ଜିହାଦୀ ବୋଲି ମାନୁନାହିଁ ବୋଲି ଟ୍ରମ୍ପ କହିଥିଲେ । ନ୍ୟୁୟର୍କ ପୁଣି ସୁନ୍ଦର ହେବା ଆବଶ୍ୟକ । ତେଣୁ ନ୍ୟୁୟର୍କକୁ ପୁଣି ସୁନ୍ଦର କରିବା ସହ ଏହାର ବିକାଶ କରିବା ଦିଗରେ ମମ୍‌ଦାନୀ କାର୍ଯ୍ୟ କଲେ ଅଧିକ ଖୁସି ହେବି ବୋଲି ଟ୍ରମ୍ପ କହିଥିଲେ । ସେହିପରି ଟ୍ରମ୍ପଙ୍କ ସହ ସାକ୍ଷାତକୁ ବହୁତ ଫଳପ୍ରଦ ବୋଲି ମମ୍‌ଦାନୀ କହିଛନ୍ତି ।

ଟ୍ରମ୍ପ ଓ ମମ୍‌ଦାନୀଙ୍କ ସାକ୍ଷାତକୁ କଂଗ୍ରେସ ସାଂସଦ ଶଶୀ ଥରୁର ପ୍ରଶଂସା କରିଛନ୍ତି । ସେ ମଧ୍ୟ ଏହାର ଭିଡିଓ ସେୟାର କରିଛନ୍ତି । ଗଣତନ୍ତ୍ରରେ ଏହି ଭଳି କାର୍ଯ୍ୟ କରିବା ଉଚିତ ବୋଲି ସେ କହିଛନ୍ତି । ନିର୍ବାଚନରେ ନିଜର ବିଚାରଧାରା ସହ ପୂରା ଶକ୍ତି ଓ ସାମର୍ଥ୍ୟ ଖଟାଇ ଲଢ଼ିବା ଉଚିତ । କିନ୍ତୁ ନିର୍ବାଚନ ସରିଲେ ଦେଶହିତ ପାଇଁ ସାଥୀ ହୋଇ କାର୍ଯ୍ୟ କରିବା ଉଚିତ । ଭାରତରେ ମଧ୍ୟ ଏଭଳି ପରିବେଶ ସୃଷ୍ଟି ହେଉ ବୋଲି ଥରୁର କହିଛନ୍ତି । ଥରୁରଙ୍କ ଏହି ମନ୍ତବ୍ୟକୁ ବିଜେପି ପ୍ରଶଂସା କରିଛି ।

## ଆତଙ୍କବାଦ-ନିଶା ଚାଲାଣ ମେଣ୍ଟ ଭଙ୍ଗାଯାଉ

■ ଜି-୨୦ ସମ୍ମିଳନୀରେ ମୋଦୀ ଦେଲେ ପ୍ରସ୍ତାବ



ଜୋହାନ୍ସବର୍ଗ, ୨୨।୧୧ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ଯୋଗଦେଇ ବିଶ୍ୱ ସମ୍ମୁଖୀନ ହେଉଥିବା ଆହ୍ୱାନର ମୁକାବିଲା ପାଇଁ ଭାରତର ଆଭିମୁଖ୍ୟ ରଖିଛନ୍ତି ।। ଆତଙ୍କବାଦ ଓ ନିଶା କାରବାର ବିରୋଧେରେ ବିଶ୍ୱ ଏକାଠି ହେବାକୁ ସେ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଯେ ସାରା ବିଶ୍ୱରେ ସିନ୍ଥେଟିକ୍ ଡ୍ରଗ୍ସ ଚାଲାଣ ବୃଦ୍ଧି ପାଇବାରେ ଲାଗିଛି । ଏହା କେବଳ ସ୍ୱାସ୍ଥ୍ୟ ପାଇଁ ବିପଦ ନୁହେଁ, ସାମାଜିକ ସ୍ଥିରତା ଓ ସୁରକ୍ଷା ପ୍ରତି ସବୁଠାରୁ ବଡ଼ ବିପଦ । ଏଭଳି ନିଶା କାରବାର ବିଶ୍ୱରେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଇବାରେ ସହାୟକ ହେଉଛି । ନିଶା କାରବାର ଏବଂ ଆତଙ୍କବାଦର ଏହି ନେଟୱାର୍କକୁ ଧ୍ୱଂସ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି । ଏହା ସହିତ ପ୍ରଧାନମନ୍ତ୍ରୀ ମୋଦୀ ଆଉ ତିନିଟି ନୂଆ ପ୍ରସ୍ତାବ ଦେଇଛନ୍ତି । ଏଥିରେ ଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଏବଂ ସ୍ୱାସ୍ଥ୍ୟ ସେବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରିବାକୁ ପ୍ରସ୍ତାବ ରହିଛି । ଏହା ସାମୂହିକ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଲକ୍ଷ୍ୟ ହାସଲରେ ସହାୟକ ହେବ ବୋଲି ମୋଦୀ କହିଛନ୍ତି ।

ଏହି ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମର ପୁତିନ ସାମିଲ ହୋଇନାହାନ୍ତି । ଜିନପିଙ୍ଗ ଅସୁସ୍ଥତା କାରଣରୁ ଆସିପାରିନଥିବା ବେଳେ ପୁତିନ ଗିରଫ ଭୟରେ ଆସି ନାହାନ୍ତି । ସେହିପରି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସମ୍ମିଳନୀକୁ ବର୍ଜନ କରିଛନ୍ତି । ଆସନ୍ତା ବର୍ଷ ପାଇଁ ଆମେରିକାକୁ ଜି-୨୦ର ଅଧକ୍ଷତା ମିଳିବାର ଥିଲା । କିନ୍ତୁ ଆମେରିକାର କୌଣସି ପ୍ରତିନିଧି ଆଜି ଏଥିରେ ସାମିଲ ହୋଇ ନାହାନ୍ତି । ତେଣୁ ଆୟୋଜକ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ରାମଫୋସା 'ଖାଲି ଚୌକି'କୁ ଅଧକ୍ଷତା ପ୍ରଦାନ କରିବେ ବୋଲି କହିଛନ୍ତି । ଟ୍ରମ୍ପଙ୍କ ଅନୁପସ୍ଥିତି ସତ୍ତ୍ୱେ ଅନ୍ୟ ଦେଶ ଦକ୍ଷିଣ ଆଫ୍ରିକା ପ୍ରସ୍ତୁତ କରିଥିବା ଘୋଷଣାପତ୍ରକୁ ମଞ୍ଜୁରି ଦେଇଛନ୍ତି ।

## ୨୧୫ ଛାତ୍ରଙ୍କୁ ଅପହରଣ



ଅବୁଜା, ୨୨।୧୧(ଏଜେନ୍ସି): ନାଇଜେରିଆ ସ୍କୁଲ୍‌ରେ ପୁଣି ଏକ ଅପହରଣ କାଣ୍ଡ ଘଟିଛି । ଏକ କ୍ୟାଥେଲିକ୍ ବୋର୍ଡିଂ ସ୍କୁଲ୍‌ରେ କେତେଜକ ଅଜଣା ବନ୍ଧୁକଧାରୀ ଲୋକ ୨୨୦ରୁ ଊର୍ଦ୍ଧ୍ୱ ଛାତ୍ରଙ୍କୁ ଅପହରଣ କରିଛନ୍ତି । ଖ୍ରୀଷ୍ଟିଆନ୍ ଆସୋସିଏସନ ଅଫ୍ ନାଇଜେରିଆ (ସିଏଏନ୍) ତରଫରୁ କୁହାଯାଇଛି ଯେ, ସ୍କୁଲ୍‌ରୁ ୨୨୭ ଜଣ ଲୋକଙ୍କୁ ଅପହରଣ କରାଯାଇଛି । ଏମାନଙ୍କ ମଧ୍ୟରେ ୨୧୫ ଜଣ ଛାତ୍ର ଓ ୧୨ ଜଣ ଶିକ୍ଷକ ସାମିଲ ରହିଛନ୍ତି । ବନ୍ଧୁକଧାରୀମାନେ ସ୍କୁଲ୍‌ରେ ଧସେଇ ପସିବା ସହ ଛାତ୍ର, ଶିକ୍ଷକ ଓ ଜଣେ ସୁରକ୍ଷାକର୍ମୀଙ୍କୁ ଉଠାଇ ନେଇଥିଲେ । ସୁରକ୍ଷାକର୍ମୀଙ୍କୁ ସେମାନେ ଗୁଳି ମଧ୍ୟ ମାରିଥିଲେ । କିଛି ଛାତ୍ର ଦୌଡ଼ି ପଳାଇବା ସହ ନିଜକୁ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ । ଏବେ ଏହି ସ୍କୁଲ୍‌କୁ ବନ୍ଦ କରାଯାଇଛି । ପିତାମାତା ନିଜ ପିଲାଙ୍କୁ ଘରକୁ ନେବା ପାଇଁ ସ୍କୁଲ୍‌ରେ ପହଞ୍ଚିଛନ୍ତି । ଶୁକ୍ରବାର ସକାଳେ ନାଇଜର ରାଜ୍ୟର ଅଗୱାରା ଜିଲ୍ଲାରେ ପାପରି କମ୍ୟୁନିଟିସ୍ଥିତ ସେଣ୍ଟ ମେରୀ ସ୍କୁଲରେ ଏହି ଘଟଣା ଘଟିଥିଲା । ଭୋରରୁ ଏହି ଘଟଣା ଘଟିଥିଲା ବୋଲି ପୁଲିସ କହିଛି । ନିଜ ପିଲାଙ୍କୁ ଖୋଜି ପାଉ ନଥିବାରୁ ପିତାମାତା ଆତଙ୍କିତ ଅବସ୍ଥାରେ ଅଛନ୍ତି । ଏହାର କିଛିଦିନ ପୂର୍ବରୁ ନାଇଜେରିଆର ଉତ୍ତର ପଶ୍ଚିମ ରାଜ୍ୟର କେବି ଜିଲ୍ଲାରେ ଏକ ସେକେଣ୍ଡାରୀ ସ୍କୁଲ୍‌ରେ ପଶି ୨୫ ଜଣ ଛାତ୍ରୀଙ୍କୁ ଅପହରଣ କରିଥିଲେ । ଏମାନଙ୍କ ମଧ୍ୟରୁ ଜଣେ ଖସିଆସିଥିବା ବେଳେ ବାକି ୨୪ଜଣ ଛାତ୍ର ଏବେ ମଧ୍ୟ ନିଖୋଜ ଅଛନ୍ତି ।

## ପାକିସ୍ତାନ ଦେଇ ଆସୁଛି ଚୀନ-ତୁର୍କୀ ନିର୍ମିତ ଅସ୍ତ୍ରଶସ୍ତ୍ର

■ ପଞ୍ଜାବ ଗ୍ୟାଙ୍ଗର ପର୍ଦ୍ଦାଫାସ୍


ନୂଆଦିଲ୍ଲୀ, ୨୨।୧୧ (ଏଜେନ୍ସି): ଦିଲ୍ଲୀ ପୁଲିସ ଶନିବାର ଏକ ବଡ଼ଧରଣର ବେଆଇନ ଅସ୍ତ୍ରଶସ୍ତ୍ର କାରବାର କରୁଥିବା ଅନ୍ତର୍ଜାତୀୟ ର୍‍ୟାକେଟର ପର୍ଦ୍ଦାଫାସ ହୋଇଛି । ଏହି ନେଟୱର୍କରେ ପାକିସ୍ତାନୀ ଗୁଇନ୍ଦା ଏଜେନ୍ସି ଆଇଏସଆଇ ସାମିଲ ରହିଛି । ଚୀନ୍, ତୁର୍କୀରୁ ଅସ୍ତ୍ରଶସ୍ତ୍ର ଅଣଯାଇ ପାକିସ୍ତାନରୁ ଭାରତ ପଠା ଯାଉଥିଲା । ଏଥିପାଇଁ ଡ୍ରୋନ ବ୍ୟବହାର କରାଯାଉଥିଲା । ଏହି ମାମଲାରେ ଦିଲ୍ଲୀ ପୁଲିସ ଚାରି ଜଣଙ୍କୁ ଗିରଫ କରିଛି । ଏମାନଙ୍କ ମଧ୍ୟରେ ପଞ୍ଜାବର ୱାଣ୍ଟେଡ ଅପରାଧୀ ମନଦୀପ ସାମିଲ ରହିଛି । ଉତ୍ତର ପ୍ରଦେଶର ତାର ଦୁଇ ସହଯୋଗୀ ରୋହନ ଏବଂ ମନୁକୁ ମଧ୍ୟ ଧରାଯାଇଛି । ପୁଲିସ ୧୦ ମହଙ୍ଗା ବିଦେଶୀ ପିସ୍ତଲ ଏବଂ ୯୨ ଜୀବନ କ୍ୟାଟ୍ରିଜ ଜବତ କରିଛି । ସୋନୁ ଖତ୍ରି ଗ୍ୟାଙ୍ଗ ସହ ସାମିଲ ମନଦୀପ ବିରୋଧରେ ହତ୍ୟା ସହିତ ଅନେକ ମାମଲା ରହିଛି । ତଦନ୍ତରୁ ଜଣାପଡ଼ିଛି ଯେ ପାକିସ୍ତାନରୁ ଡ୍ରୋନ ମାଧ୍ୟମରେ ଭାରତକୁ ଅସ୍ତ୍ରଶସ୍ତ୍ର ଅଣଯାଇ ଥିଲା । ଏହା ଜଣା ନ ପଡ଼ିବା ଲାଗି କାର୍ବନ ପେପର ବ୍ୟବହାର କରାଯାଉଥିଲା । ପରେ ଏହାକୁ ଦିଲ୍ଲୀ ଏବଂ ଅନ୍ୟ ସ୍ଥାନକୁ ପଠା ଯାଉଥିଲା । ଏହା ଅପରାଧୀଙ୍କୁ ଯୋଗା ଯାଉଥିଲା । ଏବେ ଭାରତକୁ କେତେ ଅସ୍ତ୍ରଶସ୍ତ୍ର ଆସିଛି ଏବଂ କାହାକୁ ବିକାଯାଇଛି ତାହା ଜାଣିବା ପାଇଁ ଦିଲ୍ଲୀ ପୁଲିସ ପ୍ରୟାସ କରୁଛି । ଜନପ୍ରୀତ ଓରଫ ଜସା ଏହି ନେଟୱର୍କର ମୁଖ୍ୟ କାର୍ପଟଦାର ବୋଲି କୁହାଯାଉଛି । ସେ ଆମେରିକାରେ ରହି ପାକିସ୍ତାନୀ ଚୋରାଚାଲାଣକାରୀଙ୍କ ମାଧ୍ୟମରେ ଏହି ନେଟୱର୍କ ଚଳାଉ ଥିଲା ।

## ଏଟିଏମ୍ ଭ୍ୟାନରୁ ୭ କୋଟି ଲୁଟ୍‌ରେ ପୁଲିସ

ବେଙ୍ଗାଲୁରୁ, ୨୨।୧୧(ଏଜେନ୍ସି): କିଛିଦିନ ତଳେ ବେଙ୍ଗାଲୁରୁରେ ଏଟିଏମ୍ ଭ୍ୟାନ୍‌ରୁ ୭.୧୧ କୋଟି ଟଙ୍କା ଲୁଟ୍ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା । ଏବେ ପୁଲିସ ଏହି ମାମଲାର ପର୍ଦ୍ଦାଫାସ୍ କରିଛି । ପୁଲିସ ଜଣେ କାର୍ଯ୍ୟରତ କନଷ୍ଟେବଲଙ୍କ ସହିତ କମ୍ପାନୀ ପୂର୍ବତନ କର୍ମଚାରୀଙ୍କ ସହ ମୋଟ୍ ୩ ଜଣଙ୍କୁ ଗିରଫ କରିଛି । ଏମାନଙ୍କଠାରୁ ୫.୭୬ କୋଟିର ନଗଦ ଟଙ୍କା ଜବତ କରାଯାଇଛି । କମ୍ପାନୀର ଜଣେ ପୂର୍ବତନ କର୍ମଚାରୀ ଭ୍ୟାନର ଇନଚାର୍ଜ ତଥା ଗୋବିନ୍ଦପୁର ପୁଲିସ ଥାନାରେ ନିୟୋଜିତ କନଷ୍ଟେବଲଙ୍କ ସହ ସାଥି ହୋଇ ଲୁଟ୍ ଷଡଯନ୍ତ୍ର ରଚିଥିଲେ । ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ପୁଲିସ କମିଶନର ସିମନ୍ତ କୁମାର ସିଂ କହିଛନ୍ତି । ୭.୧୧ରୁ ଏମାନଙ୍କଠାରୁ ୫.୭୬ କୋଟି ଟଙ୍କା ଜବତ କରାଯାଇଛି ବୋଲି ସେ କହିଛନ୍ତି । ଏମାନେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଓ ଆୟକର ଅଧିକାରୀ ଭାବେ ନିଜର ପରିଚୟ ଦେଇ ଲୁଟ୍ କରିଥିଲେ । ଗତ ବୁଧବାର ଦ୍ୱିପହର ପାଖାପାଖି ୧୨ଟା ବେଳେ ଦକ୍ଷିଣ ବେଙ୍ଗାଲୁରୁର ଏକ ବ୍ୟସ୍ତବହୁଳ ଫ୍ଲାଏ ଓଭର ବ୍ରିଜ୍‌ରେ ହିଁ ଏହି କାଣ୍ଡ ଘଟାଯାଇଥିଲା । ସିଏମ୍‌ଏସ୍ ଇନଫୋ ସିଷ୍ଟମ ନାମକ ଏକ କମ୍ପାନୀର ଏହି କ୍ୟାଶ ଭ୍ୟାନକୁ ଜେପି ନଗରର ଏଚ୍‌ଡିଏଫ୍‌ସି ବ୍ୟାଙ୍କରୁ ୨୨ କିମି ଦୂରରେ ଥିବା ଏସ୍‌ବିଆର ଲେଟ୍‌ଆଉଟ୍‌କୁ ନିଆଯାଉଥିବା ବେଳେ ଏହି କାଣ୍ଡ ଘଟିଥିଲା । ଏହି ମାମଲାରେ ୧୧ ଟିମ୍‌ରେ ୨୦୦ ପୁଲିସକର୍ମୀ ଅପରାଧୀଙ୍କୁ ଖୋଜୁଥିଲେ ।

# ଶେଷରେ ମୁହଁ ଖୋଲିଲେ ଜଗଦୀପ ଧନଖଡ଼

**ଇସ୍ତଫା କାରଣ ପଚାରିବାରୁ ହାତ ଯୋଡ଼ିଦେଲେ**



ଭୋପାଳ, ୨୨।୧୧ (ଏଜେନ୍ସି): ଅଚାନକ ନିଜ ପଦରୁ ଇସ୍ତଫା ଦେଇଥିବା ପୂର୍ବତନ ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ଼ ଦୀର୍ଘ ଦିନ ପରେ ମୁହଁ ଖୋଲିଛନ୍ତି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ଡ. ମନମୋହନ ବୈଦ୍ୟଙ୍କ ପୁସ୍ତକ 'ହମ୍ ଔର ୟହ ବିଶ୍ୱ' ଉନ୍ମୋଚନ କାର୍ଯ୍ୟକ୍ରମରେ ସାମିଲ ହୋଇ 'ଚେଇଁ ଶୋଇଥିବ ଯିଏ ତାକୁ ଉଠାଇବ କିଏ' ବୋଲି କହିଛନ୍ତି । ଗତକାଲି ସନ୍ଧ୍ୟାରେ ସେ ଦେଇଥିବା ଏଭଳି ଟିପ୍ପଣୀକୁ ନେଇ ରାଜନୀତି ସରଗରମ ହୋଇ ଉଠିଛି । ଇସ୍ତଫାର କାରଣ ପଚାରିବାରୁ ସେ ଏଭଳି ମନ୍ତବ୍ୟ କାହିଁକି ଓ କାହା ଉଦ୍ଦେଶ୍ୟରେ ଦେଲେ ତାହାକୁ ନେଇ ପ୍ରଶ୍ନ ଉଠିଲାଣି ।

ଧନଖଡ଼ କହିଥିଲେ ଯେ 'ଭଗବାନ କୃପାରୁ କେହି ଅପପ୍ରଚାରର ଶିକାର ହୋଇ ନ ଫସନ୍ତୁ । ଯିଏ କିଛି ବୁଝିବାକୁ ଚାହେଁ ନାହିଁ, ଯେତେ ବୁଝାଇଲେ ବି ସେ ଅର୍ଥକୁ ଅନର୍ଥ କରିବ । ଯିଏ ଶୋଇ ରହିଛି ତାକୁ ନିଦରୁ ଉଠାଇ ହେବ, କିନ୍ତୁ ଯିଏ ଚେଇଁ କି ଶୋଇଛି ତାକୁ କେହି ଉଠାଇ ପାରିବେ ନାହିଁ।' ତେବେ କାର୍ଯ୍ୟକ୍ରମ ଶେଷରେ ଉପ-ରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାର କାରଣ ପଚାରିବାରୁ ସେ ହାତ ଯୋଡ଼ି ଦେଇଥିଲେ । ଧନଖଡ଼ କିଛି ନ କହି ଗାଡ଼ିରେ ବସି ଚାଲି ଯାଇଥିଲେ ।

ସମ୍ବୋଧନରେ ପୂର୍ବତନ ଉପ-ରାଷ୍ଟ୍ରପତି କହିଥିଲେ ଯେ ବହୁତ ବିଚାରବିମର୍ଶ ପରେ ଏବେ ଇଂରାଜୀରେ ସମ୍ବୋଧନ କରିବାକୁ ନିଷ୍ପତ୍ତି ନେଇଛି । କାରଣ ଯିଏ ବୁଝିବାକୁ ଚାହେଁ ନାହିଁ, ସେ କଥାର ଭୁଲ୍ ଅର୍ଥ ବାହାର କରିବା ନିଶ୍ଚିତ । ରାଷ୍ଟ୍ରର ବ୍ୟାପକ ଅବଧାରଣାକୁ ସୀମିତ କରିଦିଆଯାଇଛି । ବ୍ୟକ୍ତି ଏକାକୀ ଲଢ଼ିପାରିବ ନାହିଁ, କିନ୍ତୁ ସଂସ୍ଥା ଲଢ଼ି ପାରିବ । ଯିଏ ଚେଇଁ କି ଶୋଇଛି ବଳ ପ୍ରୟୋଗ କଲେ ବି ସେ ଉଠି ପାରିବ ନାହିଁ । ଏହି ସମ୍ବୋଧନ ସମୟରେ ଜଣେ ସହଯୋଗୀ ବିମାନ ସମୟ ହୋଇଗଲାଣି କହିବାରୁ ଧନଖଡ଼ କହିଥିଲେ ଯେ ବିମାନ ପାଇଁ ମୁଁ କର୍ତ୍ତବ୍ୟକୁ ଛାଡ଼ିପାରିବି ନାହିଁ । କିଛି ଲୋକ ବଡ଼ ହଇଚଇ ସ୍ଥିତି ସୃଷ୍ଟି କରିଛନ୍ତି । ଆହ୍ୱାନ ମଧ୍ୟରେ ନିଜକୁ ମଜଭୁତ ରଖ । ଦେଶଭକ୍ତି ସବୁଠୁ ଜରୁରୀ । ଦେଶ ପ୍ରତି ନିଜ କର୍ତ୍ତବ୍ୟକୁ ଜାଣ ଏବଂ ଦେଶହିତରେ କାମ କର । ଏହା ହିଁ ଦେଶଭକ୍ତି । କୌଣସି କଥାକୁ ନ ବୁଝି ତାହାର ଅପ୍ରପଚାରରେ ସାମିଲ ହୁଅ ନାହିଁ । ପ୍ରଥମେ କଥାକୁ ଭଲ ଭାବେ ବୁଝ ।

ସୂଚନାଯୋଗ୍ୟ, ନିଜ କାର୍ଯ୍ୟକାଳ ସରିବା ପୂର୍ବରୁ ଗତ ଜୁଲାଇ ୨୧ରେ ଧନଖଡ଼ ଉପ-ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ । ଏହାକୁ ନେଇ ସେତେବେଳେ ଅନେକ ଚର୍ଚ୍ଚା ହୋଇଥିଲା । ସରକାରଙ୍କ ସହ ବିବାଦ କାରଣରୁ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଥିବା କୁହାଯାଇଥିଲା । ତେବେ ସେ ଇସ୍ତଫାର କାରଣରେ ସ୍ୱାସ୍ଥ୍ୟ ସମସ୍ୟା ବୋଲି ଉଲ୍ଲେଖ କରିଥିଲେ ।

ଅନ୍ୟପଟେ ବିମାନବନ୍ଦରରେ ଧନଖଡ଼ଙ୍କୁ ଉପଯୁକ୍ତ ସମ୍ମାନ ଦେଇ ନ ଥିବାରୁ ଏହି କାର୍ଯ୍ୟକ୍ରମରେ ସାମିଲ ଦିଗବିଜୟ ସିଂହ ବିଜେପି ସରକାରଙ୍କୁ ନିନ୍ଦା କରିଛନ୍ତି । 'ବ୍ୟବହାର କର ଏବଂ ଫୋପାଡ଼' ବିଜେପିର ନୀତି ବୋଲି ଦିଗବିଜୟ କହିଛନ୍ତି ।

## ଏସ୍‌ଆଇଆର୍ ଚାପ : ପଶ୍ଚିମବଙ୍ଗରେ ଆଉ ଜଣେ ବିଏଲ୍‌ଓ ମୃତ

କୋଲକାତା, ୨୨।୧୧(ଏଜେନ୍ସି): ସ୍ପେଶାଲ ଇନଟେନସିଭ ରିଭିଜନ (ଏସ୍‌ଆଇଆର୍) ଚାପ କାରଣରୁ ପଶ୍ଚିମବଙ୍ଗରେ ଆଉ ଜଣେ ଶିକ୍ଷୟିତ୍ରୀ ତଥା ବ୍ଲକ ଲିଭେଲ ଅଫିସର (ବିଏଲ୍‌ଓ) ମୃତ୍ୟୁବରଣ କରିଛନ୍ତି । ଏସ୍‌ଆଇଆର ପ୍ରକ୍ରିୟା ଚାଲିଥିବାରୁ ସେ ପ୍ରବଳ ଚାପରେ ଥିଲେ ଓ ଏଥିପାଇଁ ସେ ଜୀବନ ହରାଇଛନ୍ତି ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି । ଏହି ଶିକ୍ଷୟିତ୍ରୀ ହେଉଛନ୍ତି ୫୪ ବର୍ଷୀୟା ରିଙ୍କୁ ତରଫଦାର । ସେ ବେଙ୍ଗଲି ସ୍ୱାମୀ ବିବେକାନନ୍ଦ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ଥିଲେ । କ୍ରିଷ୍ଣାନଗର ବାସଭବନରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ତାଙ୍କ ପ୍ରକୋଷ୍ଠରୁ ଏକ ନୋଟ୍ ଉଦ୍ଧାର କରାଯାଇଛି । ଯଦି ବିଏଲ୍‌ଓ ଭାବେ କାର୍ଯ୍ୟ ସମ୍ପାଦନ ନ କରିପାରିବି, ତେବେ ପ୍ରଶାସନ ତରଫରୁ ମୋ ଉପରେ ଚାପ ବୃଦ୍ଧି ପାଇବ ବୋଲି ଏହି ନୋଟ୍‌ରେ ଲେଖାଯାଇଛି । ବିଏଲ୍‌ଓ ଭାବେ ଦାୟିତ୍ୱ ନେବା ପରେ ତାଙ୍କ ଉପରେ ପ୍ରବଳ ମାନସିକ ଚାପ ଥିଲା ବୋଲି ରିଙ୍କୁଙ୍କ ଦିଅର କହିଛନ୍ତି ।। ଗୁଜରାଟରେ ମଧ୍ୟ ଆଜି ଆଉ ଜଣେ ବିଏଲ୍‌ଓଙ୍କ ଏହି କାରଣରୁ ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।

## ଲଢ଼େଇରେ ଗଲା ଦନ୍ତା ଜୀବନ

ରାସଗୋବିନ୍ଦପୁର, ୨୨।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ସାରୁମୂଳା ବିଟ୍‌ର ବେତନାସିଆ ସଂରକ୍ଷିତ ଜଙ୍ଗଲରୁ ଆଜି ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ହାତୀଟିର ବୟସ ୧୦ରୁ ୧୨ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇଥିବା କିଛି



ଲୋକଙ୍କଠାରୁ ଖବର ପାଇ ବାରିପଦା ଡିଏଫଓ ଗୋବିନ୍ଦଚନ୍ଦ୍ର ବିଶ୍ୱାଳ, ଏସ୍‌ସିଏଫ୍ ମେହେରବାନ ଅଲ୍ଲୀ, ଆରସିସିଏଫ ପ୍ରକାଶଚନ୍ଦ୍ର ଗୋଗିନେନି, ରାସଗୋବିନ୍ଦପୁର ରେଞ୍ଜର୍ ଘନଶ୍ୟାମ ସିଂ, ଫରେଷ୍ଟର୍ ମାଳତୀଲତା ସିଂ, ଗାର୍ଡ ଚିତ୍ତରଞ୍ଜନ ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବ୍ୟବଚ୍ଛେଦ ପରେ ମୃତ୍ୟର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ଶୁକ୍ରବାର ଦନ୍ତାଟି ଅନ୍ୟ ଏକ ହାତୀ ସହ ଜଙ୍ଗଲରେ ଲଢ଼େଇ କରୁଥିବା ବନ ବିଭାଗ କର୍ମଚାରୀ ଦେଖିଥିବା କହିଛନ୍ତି। ପରସ୍ପର ଲଢ଼େଇରୁ ଦନ୍ତାର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ସୂଚନାଯୋଗ୍ୟ, ଶୁକ୍ରବାର ବାଙ୍କବଣରେ ୪୦ଟି ଝାଡ଼ଖଣ୍ଡୀ ହାତୀ ଥିବା ବେଳେ ସନ୍ଧ୍ୟାରେ ସାରମୂଳା ବିଟର ବେତନସିଆ ଜଙ୍ଗଲରେ ପ୍ରବେଶ କରିଥିଲେ।

# ଡାକ ଶୁଣିଲେ ମହାପ୍ରଭୁ!

## ନିସ୍ତେଜ ଶିଶୁର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର

ପୁରୀ, ୨୨।୧୧(ସମିସ): ଚଳିତ ମାସ ୯ ତାରିଖରେ ଶ୍ରୀମନ୍ଦିର ସିଂହଦ୍ୱାରରେ ଏକ ଭାବବିହ୍ୱଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ଜଣେ ବ୍ୟକ୍ତି ତାଙ୍କ ୫ବର୍ଷର ଅସୁସ୍ଥ ପୁଅକୁ ଦୁଇହାତରେ କୋଳେଇ ଆଣି ପହଞ୍ଚିଥିଲେ। ପୁଅ ନାକରେ ଖାଦ୍ୟନଳୀ ଲାଗିଥିଲା। ପୁଅକୁ ସିଂହଦ୍ୱାରରେ ଗଡ଼ାଇ ଭୋଭୋ ହୋଇ କାନ୍ଦି ପକାଇଥିଲେ। ବ୍ରେନ୍ ଷ୍ଟ୍ରୋକ୍‌ରେ ପୀଡ଼ିତ ପୁଅକୁ ପତିତପାବନଙ୍କ ନିକଟରେ ଗଡ଼ାଇ ଜୀବନ ଭିକ୍ଷା ମାଗିଥିଲେ। ଶ୍ରୀମନ୍ଦିର ସେବାୟତ ମହାପ୍ରଭୁଙ୍କ ଫୁଲ, ତୁଳସୀ ପ୍ରଦାନ କରିଥିଲେ। ବ୍ୟକ୍ତି ଜଣଙ୍କ ଏମିତି କାନ୍ଦୁଥିଲେ ଯେ ଶ୍ରଦ୍ଧାଳୁଙ୍କ ଆଖିରୁ ଲୁହ ଜକେଇ ଆସିଥିଲା। ସମସ୍ତେ ଆହା ପଦେ କହି କାଳିଆ ତୁ ନିରାଶ କରନା, ଜଣେ ଅସହାୟ ବାପାକୁ ଖାଲି ହାତରେ ଫେରାନା ବୋଲି କହୁଥିଲେ। ଶେଷରେ ବ୍ୟକ୍ତିଜଣଙ୍କ ପୁଅକୁ କୋଳରେ ଧରି ବାଇଶିପାହଚ ଚଢ଼ି ଶ୍ରୀମନ୍ଦିର ଭିତରକୁ ଯାଇଥିଲେ। ୧୩ ଦିନ ପରେ ପୁଣି ସେହି ବ୍ୟକ୍ତିଙ୍କୁ ସିଂହଦ୍ୱାର ନିକଟରେ ଦେଖିବାକୁ



ମିଳିଥିଲା। ସେଦିନ ନିସ୍ତେଜ ଥିବା ତାଙ୍କ ପୁଅଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବେଶ୍ ସୁଧାର ଆସିଥିଲା। ସେ ହାତ ଗୋଡ଼ ହଲାଉଥିଲେ। ଆଉ ବ୍ୟକ୍ତି ଜଣଙ୍କ ଏଥିପାଇଁ ମହାପ୍ରଭୁଙ୍କୁ ଧନ୍ୟବାଦ ଦେବା ସହ 'ମୋ ପୁଅ ଉପରେ ଆପଣଙ୍କ କୃପା ଥାଉ ଶ୍ରୀଜଗନ୍ନାଥ' କହି କାନ୍ଦି ପକାଉଥିଲେ।

ଏହି ବ୍ୟକ୍ତିଜଣଙ୍କ ହେଉଛନ୍ତି, ରାଜସ୍ଥାନ ପାସ୍‌ୱାଡାର ନିଖିଲ ଭୋଇ। ତାଙ୍କ ୫ ବର୍ଷର ପୁଅର ମସ୍ତିଷ୍କାଘାତ ହେବା ପରେ ବିଭିନ୍ନ ଜାଗାରେ ଡାକ୍ତରଙ୍କୁ ଦେଖାଇଥିଲେ।

### ୧୩ ଦିନ ତଳେ ଶରଣ ପଶିଥିଲେ ବାପା

ହେଲେ କୌଣସି ସୁଫଳ ନମିଳିବାରୁ ଗତ ୯ ତାରିଖରେ ପୁରୀ ଆସି ମହାପ୍ରଭୁଙ୍କ ନିକଟରେ ନିଜ ପୁଅର ଜୀବନ ଭିକ୍ଷା କରିଥିଲେ। ଇତିମଧ୍ୟରେ ତାଙ୍କ ପୁଅ ଧୀରେଧୀରେ ସୁସ୍ଥ ହେଉଥିବା ଉପଲବ୍ଧି କରିବା ପରେ ଶନିବାର ନିଖିଲ ପୁଅକୁ ଧରି ପୁରୀରେ ପହଞ୍ଚିଥିଲେ। ମହାପ୍ରଭୁଙ୍କୁ ଧନ୍ୟବାଦ ଜଣାଇବା ସହ ପୁଅକୁ ଗଡ଼ାଇ ଶରଣ ପଶିଥିଲେ। ଆପଣଙ୍କ କୃପାରୁ ପୁଅ ଏବେ ସୁସ୍ଥ ହେଉଛି, ଏମିତି କୃପା ରଖିଥାନ୍ତୁ ପ୍ରଭୁ ଜଗନ୍ନାଥ କହି କାନ୍ଦି ପକାଇଥିଲେ ନିଖିଲ। ପୁରୀରେ ସେ ୧୦ଦିନ ରହି ମହାପ୍ରଭୁଙ୍କୁ ପ୍ରାର୍ଥନା କରିବେ ବୋଲି କହିଛନ୍ତି। ତେବେ ପୁଅର ଔଷଧ ଖର୍ଚ୍ଚ ବାବଦ ଆବଶ୍ୟକ ଅର୍ଥ ସହୃଦୟ ବ୍ୟକ୍ତିଙ୍କଠାରୁ ନିଖିଲ ମାଗୁଥିବା ମଧ୍ୟ ଦେଖିବାକୁ ମିଳିଥିଲା। ତେବେ କିଛି ସହୃଦୟ ବ୍ୟକ୍ତି ତାଙ୍କୁ ସହଯୋଗ କରିବା ସହ ଏ ସମ୍ପର୍କରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଇଥିଲେ। ସିଡିଏମ୍‌ଓ ଏକ ଆମ୍ବୁଲାନ୍ସ ପଠାଇ ତାଙ୍କୁ ହସ୍ପିଟାଲ ନେଇଛନ୍ତି। ମେଡିସିନ୍ ୱାର୍ଡରେ ତାଙ୍କ ପୁଅଙ୍କୁ ଆବଶ୍ୟକ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି।

## ଦୁଇ ଗଣଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

ଉଦଳା, ୨୨।୧୧ (ସମିସ): ଏକ ଗଣଦୁଷ୍କର୍ମ ମାମଲାର ଶୁଣାଣି କରି ଉଦଳା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ କୋର୍ଟ ଆଜି ଦୁଇଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଲେଖାଏଁ ଜେଲ୍ ଓ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ବିଚାରପତି ପ୍ରଦୀପ କୁମାର ବେହେରା ମାମଲାର ଶୁଣାଣି କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଆସାମୀଦ୍ୱୟ ହେଲେ, କପ୍ତିପଦା ଥାନା ଅନ୍ତର୍ଗତ ବୃନ୍ଦାଗଡ଼ି ଗ୍ରାମର ସାଗର ହାଁସଦା ଏବଂ ସୁରେନ୍ଦ୍ର ସୋରେନ୍।

ଅଭିଯୋଗ ଅନୁଯାୟୀ, ଗତ ୨୦ ଏପ୍ରିଲରେ ପୀଡ଼ିତାଙ୍କୁ ନିଶା ଖୁଆଇ ସାଗର ଓ ସୁରେନ୍ଦ୍ର ତାଙ୍କୁ ଦୁଷ୍କର୍ମ କରିଥିଲେ। ପରେ ଏ ସଂପର୍କରେ ଜଣାପଡ଼ିବା ପରେ ପରିବାରଲୋକେ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ପୀଡିତାଙ୍କ ବୟାନ ରେକର୍ଡ କରିଥିଲା। ଅଭିଯୋଗ ଆଧାରରେ ପୁଲିସ୍ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅତିରିକ୍ତ ପିପି ଲିଲେଶ କୁମାର ଜେନା ପରିଚାଳନା କରୁଥିଲେ।

## ଶଶୁର ଘର ଉପରେ ଜ୍ୱାଇଁର ବୋମାମାଡ଼

### ଖସିଗଲେ ଜ୍ୱାଇଁ; ୨ ସାଙ୍ଗଙ୍କୁ ମାଡ଼ିବସିଲେ ଗ୍ରାମବାସୀ

ଭଦ୍ରକ, ୨୨।୧୧(ସମିସ): ପ୍ରେମ ବିବାହ କରିଥିଲେ। କିଛି ଦିନ ଠିକ୍‌ଠାକ୍ ଚାଲିବା ପରେ ସମ୍ପର୍କରେ ଭଟ୍ଟା ପଡ଼ିଗଲା। କଥା ଏତେ ଆଗକୁ ଚାଲିଗଲା ଯେ ଦୁହିଁଙ୍କର ବିଚ୍ଛେଦ ହୋଇଗଲା। ଏଥିପାଇଁ ଶ୍ୱଶୁରଘର ଲୋକଙ୍କୁ ଦାୟୀ କରି ପ୍ରତିଶୋଧରେ ଜଳୁଥିବା ଜ୍ୱାଇଁ ୨ ସାଙ୍ଗଙ୍କ ମିଶି ଶଶୁର ଘର ଉପରକୁ ବୋମା ଫିଙ୍ଗିଲା। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାଂଶଡ଼ା ଥାନା କରଣପଲ୍ଲୀ ଅଞ୍ଚଳରେ।

ସୂଚନାନୁଯାୟୀ, ବନ୍ତ ଅଞ୍ଚଳର ପାଣ୍ଡୁଆ ଗ୍ରାମର ଶ୍ରୀଧର ନାୟକ କରଣପଲ୍ଲୀ ଗ୍ରାମର ରମେଶ ମହାଳିକଙ୍କ ଝିଅ ମାମୁନିଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛି ଦିନ ଠିକ୍‌ଠାକ୍ ଚାଲିବା ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନାନ୍ତର ହୋଇଥିଲା। ପରେ କରଣପଲ୍ଲୀ ଅଞ୍ଚଳର ଭଦ୍ର ଲୋକଙ୍କ ଉପସ୍ଥିତିରେ ଦୁହିଁଙ୍କର ବିବାହ ବିଚ୍ଛେଦ ହୋଇଥିଲା। ବିଚ୍ଛେଦ ପରେ ଦୁହେଁ ନିଜ ନିଜ



ଘରେ ରହୁଥିଲେ। କିନ୍ତୁ ଶ୍ରୀଧର ଏହାକୁ ସହ୍ୟ କରିପାରିନଥିଲେ। ବିବାହ ବିଚ୍ଛେଦ ପାଇଁ ମାମୁନିଙ୍କ ବାପଘରଲୋକଙ୍କୁ ସେ ଦାୟୀ କରି ପ୍ରତିଶୋଧ ନେବାକୁ ମୌକା ଖୋଜୁଥିଲେ। ଗତକାଲି ବିଳମ୍ବିତ ରାତିରେ ଦୁଇ ସାଙ୍ଗ, ଅଶୋକ ଦାସ ଓ କିଶୋର ନାୟକଙ୍କ ସହ ସେ କରଣପଲ୍ଲୀର ପହଞ୍ଚିଥିଲେ। ସେଠାରେ ସେମାନେ ରମେଶଙ୍କ ଘର ଉପରକୁ ବୋମାମାଡ଼ କରିଥିଲେ। ଏଥିରେ ରମେଶଙ୍କ ଆଜବେଷ୍ଟସ୍ ଘରର କିଛି ଅଂଶ ଭାଙ୍ଗିଯାଇଥିଲା। ଅପରପକ୍ଷେ, ବୋମାମାଡ଼ ଶବ୍ଦରେ ଗ୍ରାମବାସୀ ଉଠିପଡ଼ିଥିଲେ ଓ ଖସି ପଳାଉଥିବା ୩ଜଣଙ୍କ ମଧ୍ୟରୁ ଦୁଇ ସାଙ୍ଗଙ୍କୁ ମାଡ଼ି ବସିଥିଲେ। କିନ୍ତୁ ଶ୍ରୀଧର ଖସି ପଳାଇଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ବାଂଶଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶ୍ରୀଧରଙ୍କ ୨ ସାଙ୍ଗଙ୍କୁ ଥାନାକୁ ନେଇ ଅଟକ ରଖିଛି। ରମେଶଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ମହାଳିକଙ୍କ ଲିଖିତ ଅଭିଯୋଗ ପରେ ତଦନ୍ତ ଚାଲିଛି।

## ଆତ୍ମସମର୍ପଣ କଲେ ୩୭ ମାଓବାଦୀ




ମାଲକାନଗିରି,୨୨।୧୧(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନାରେ ୩୭ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ଛତିଶଗଡ଼ ମାଓ ସଂଗଠନର ଦୁଇଜଣ ଟପ୍ ମାଓନେତା ତଥା ମାଓବାଦୀଙ୍କ କେନ୍ଦ୍ରୀୟ କମିଟି ସଦସ୍ୟ କୋୟାଡା ସାମ୍ବାଇ ଓରଫ ଆଜାଦ୍ ଏବଂ ଆପ୍ପାସି ନାରାୟଣ ଓରଫ ରମେଶ ରହିଛନ୍ତି। ସେହିପରି, ୩ଜଣ ଷ୍ଟେଟ୍ କମିଟି ସଦସ୍ୟ, ୩ଜଣ ଡିଭିସିଏମ ମେମ୍ବର, ୯ଜଣ ଏରିଆ କମିଟି ମେମ୍ବର ଓ ୨୨ଜଣ ପାର୍ଟି ମେମ୍ବର ଅଛନ୍ତି। ଏମାନେ ତେଲେଙ୍ଗାନା ଡିଜିପିଙ୍କ ନିକଟରେ ଏହି ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଦୁଇଜଣ ଆନ୍ଧ୍ର କ୍ୟାଡର୍‌ଙ୍କୁ ଛାଡ଼ିଦେଲେ ବାକି ସମସ୍ତ ମାଓବାଦୀ ହେଉଛନ୍ତି ଛତିଶଗଡ଼ ବିଜାପୁର ଓ ସୁକୁମା ଜିଲ୍ଲାର। ଏମାନେ ସମସ୍ତେ ଟପ୍ ମାଓନେତା ହିଡ଼ମାଙ୍କୁ ସହଯୋଗ କରୁଥିଲେ ବୋଲି ତେଲେଙ୍ଗାନା ଡିଜିପି କହିଛନ୍ତି। ହିଡମାଙ୍କ ଏନ୍‌କାଉଣ୍ଟର୍ ପରେ ଭୟଭୀତ ହୋଇ ସମସ୍ତେ ତେଲେଙ୍ଗାନା ଯାଇ ପୁଲିସ ପାଖରେ ଆତ୍ମସମର୍ପଣ କରିଥିବା ନେଇ ସୂଚନା ଦେଇଛନ୍ତି ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ଆଜାଦ୍। ଏମାନଙ୍କଠାରୁ ମୋଟ ୮ଟି ବନ୍ଧୁକ ଜବତ କରାଯାଇଛି।

### ପୁଣି ଜନନୀ ଯନ୍ତ୍ରଣା

## ଖଟରେ ବୁହା ହେବା ବେଳେ ସନ୍ତାନ ପ୍ରସବ

ଶରତ, ୨୨।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ ଅନ୍ତର୍ଗତ ପଦ୍ମପୋଖରୀ ପଞ୍ଚାୟତ ଧନାସାହିରୁ ଜନନୀ



ଯନ୍ତ୍ରଣାର ଆଉ ଏକ ଚିତ୍ର ସାମ୍ନାକୁ ଆସିଛି। ଗର୍ଭବତୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ନେବା ବେଳେ ବାଟରେ ମହିଳାଜଣଙ୍କ ପ୍ରସବ କରିଛନ୍ତି।

ସୂଚନାନୁସାରେ, ପଦ୍ମପୋଖରୀ ପଞ୍ଚାୟତ ଧନାସାହିର ସମା ମହାକୁଡ଼ଙ୍କ ସ୍ତ୍ରୀ ନାନ୍ଦୀ ମହାକୁଡ଼ଙ୍କ ଶନିବାର ପ୍ରସବଯନ୍ତ୍ରଣା ହୋଇଥିଲା। ପରିବାରଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। କିନ୍ତୁ, ଗାଁ ରାସ୍ତା ଖରାପ ଥିବାରୁ ଆମ୍ବୁଲାନ୍ସ ଗାଁଠାରୁ ୫ କିମି ଦୂରରେ ଛିଡ଼ା ହୋଇଥିଲା। ଏପଟେ ନାନ୍ଦୀଙ୍କ ପ୍ରସବ ଯନ୍ତ୍ରଣା ବଢ଼ି ଚାଲିଥିଲା। ତେଣୁ ଅନ୍ୟ ଉପାୟ ନ ପାଇ ପରିବାରଲୋକ ଏକ ଖଟରେ ନାନ୍ଦୀଙ୍କୁ ବୋହିବୋହି ଆମ୍ବୁଲାନ୍ସ ନିକଟକୁ ନେଉଥିଲେ। ତେବେ ଅଧା ବାଟରେ ନାନ୍ଦୀ ଏକ ସନ୍ତାନ ପ୍ରସବ କରିଥିଲେ। ସ୍ଥାନୀୟ ଆଶା ଓ ଅଙ୍ଗନବାଡି କର୍ମୀ ଏନେଇ କୌଣସି ସୂଚନା ପାଇ ନ ଥିବାରୁ ପ୍ରସୂତିଙ୍କୁ କୌଣସି ସହାୟତା ମିଳିପାରିନାହିଁ।

ସୂଚନାଯୋଗ୍ୟ, ଗାଁ ରାସ୍ତା ଶୋଚନୀୟ ହୋଇପଡ଼ିଥିବାରୁ ଗ୍ରାମବାସୀ ମରାମତି ନିମନ୍ତେ କପ୍ତିପଦା ବିଡିଓଙ୍କୁ ବହୁବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ଫଳରେ ଏହି ଗାଁର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

### କିମ୍ସ ଜାତୀୟ ସମ୍ମିଳନୀ-୨୦୨୫

## ଡ. ଶିବାନନ୍ଦ ମହାନ୍ତିଙ୍କୁ ପ୍ରଥମ 'ହିରୋ' ପୁରସ୍କାର

ଭୁବନେଶ୍ୱର,୨୨।୧୧(ସମିସ): କିମ୍ସ ଜାତୀୟ ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଦିବସବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚିକିତ୍ସା, ଜନସ୍ୱାସ୍ଥ୍ୟ, ଜୈବଚିକିତ୍ସା ନବସର୍ଜନା, ସ୍ୱାସ୍ଥ୍ୟସେବା ନୀତି ଏବଂ ଚିକିତ୍ସା ଶିକ୍ଷା ଆଦି କ୍ଷେତ୍ରରୁ ଭାରତର ବହୁପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଓ ବିଶେଷଜ୍ଞ ଯୋଗ ଦେଇଥିଲେ। ସମସ୍ତଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା, ଲୋକଙ୍କ ମଧ୍ୟରେ



ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା, ସ୍ଥାନୀୟ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଗବେଷଣା, ଗବେଷଣାଲବ୍ଧ ଜ୍ଞାନକୁ କିପରି ଲୋକଙ୍କ ଉପକାରରେ ଲଗାଯାଇପାରିବ, ସ୍ଥାନୀୟ ସମ୍ବଳ ଏବଂ କମ୍ ଖର୍ଚ୍ଚରେ କିପରି ଗବେଷଣା କରାଯାଇପାରିବ, ସାଧାରଣ ଲୋକଙ୍କୁ କମ୍ ଖର୍ଚ୍ଚରେ ସୁବିଧାରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଆଦି ଯୋଗାଇ ଦେବା ବିଷୟରେ ବିଶେଷଜ୍ଞମାନେ ମତ ପ୍ରଦାନ କରିଥିଲେ। ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ମୁକାବିଲା ଓ ମାତୃ ଯତ୍ନକୁ ସୁଦୃଢ଼ କରିବାରେ ଉଲ୍ଲେଖନୀୟ ପ୍ରୟାସ ପାଇଁ ଡା. ଶିବାନନ୍ଦ ମହାନ୍ତିଙ୍କୁ କିମ୍ସ ପକ୍ଷରୁ ପ୍ରଥମ 'ହେଲ୍‌ଥ ଏମ୍ପାୱାରମେଣ୍ଟ ଇନ୍ ରୁରାଲ୍ ଓଡିଶା' (ହିରୋ) ପୁରସ୍କାର ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ଆଇସିଏମ୍‌ଆରର ମହାନିର୍ଦ୍ଦେଶକ ତଥା ସ୍ୱାସ୍ଥ୍ୟ ଗବେଷଣା ବିଭାଗ ସଚିବ ଡା. ରାଜୀବ ବାହାଲ, ସ୍ୱାସ୍ଥ୍ୟସେବାର ଭବିଷ୍ୟତ, ଗ୍ରାମୀଣ ସ୍ୱାସ୍ଥ୍ୟ ସଶକ୍ତିକରଣ ଓ ଗବେଷଣା ଜନିତ କ୍ଲିନିକାଲ୍ ଅଭ୍ୟାସର ଭବିଷ୍ୟତ ଉପରେ ଆଲେଶଚନା କରିଥିଲେ। କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ଓଡିଶାର ଗ୍ରାମାଞ୍ଚଳ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ କିମ୍ସ ତାର ପ୍ରୟାସ ଜାରି ରଖିଥିବା କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ତଥା ବିଶିଷ୍ଟ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ, ଆପୋଲୋ କର୍କଟ କେନ୍ଦ୍ର ହେମାଟୋ-ଅଙ୍କୋଲୋଜି ଏବଂ ଅସ୍ଥି ମଜ୍ଜା ପ୍ରତିରୋପଣ ବିଭାଗୀୟ ମୁଖ୍ୟ ଡା. ଭେଲୁ ନାୟାର, ଚେନ୍ନାଇସ୍ଥିତ ଏମଜିଏମ ସ୍ୱାସ୍ଥ୍ୟ ସେବାର ହୃଦ୍ ଏବଂ ଫୁସ୍‌ଫୁସ୍ ପ୍ରତିରୋପଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. କେ. ଆର. ବାଲକୃଷ୍ଣନ୍ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ସେବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ୫ଶହରୁ ଉର୍ଦ୍ଧ୍ୱ ଡାକ୍ତରୀ ଓ ସ୍ୱାସ୍ଥ୍ୟସେବାର ତଥା କ୍ଷେତ୍ରର ଛାତ୍ରଛାତ୍ରୀ, ଅଧ୍ୟାପକମାନେ ଯୋଗ ଦେଇଥିଲେ।




ସକାଳ THE SAKALA



# ହାଇୱାକୁ ପଛରୁ ଧକ୍କା ଦେଲା ଆମ୍ବୁଲାନ୍ସ, ହେଲପର ମୃତ

**ସମ୍ବଲପୁର, ୨୨।୧୧ (ସମିସ)**

ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅନ୍ତର୍ଗତ ମହୁଲପାଲି ଫୁଲଝରଣ ନିକଟରେ ଏକ ୧୦୮ ଆମ୍ବୁଲାନ୍ସ ଟ୍ରକ୍‌କୁ ପଛରୁ ଧକ୍କା ଦେବାଫଳରେ ଘଟଣାସ୍ଥଳରେ ଆମ୍ବୁଲାନ୍ସ ହେଲ୍ପରଙ୍କ ମୃତ୍ୟୁ ଘଟିଛି। ଏହାସହ ୨ ଜଣ ଗୁରୁତର ଆହତ ଓ ୩ ଜଣ ସାମାନ୍ୟ ଆହତ ହୋଇଛନ୍ତି। ଯୁଯୋମୁରା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ବୁର୍ଲା ଭିମସାରକୁ ପଠାଇଛି। ମୃତକଙ୍କ ଶବ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏନେଇ ଏକ ମାମଲା ରୁଜୁ କରି ଉଭୟ ଗାଡ଼ିକୁ ପୁଲିସ ଜବତ କରିଥିବା ଜଣାପଡ଼ିଛି।




ସୂଚନା ଅନୁଯାୟୀ, ଆଜି ଶନିବାର ଭୋର୍ ସାଢ଼େ ୪ଟାରୁ ୫ଟା ମଧ୍ୟରେ ବୌଦ୍ଧରୁ ଏକ ଆମ୍ବୁଲାନ୍ସ (ଓଡି ୦୨ ବିଏଚ୍ ୨୮୯୮) ରୋଗୀନେଇ ବୁର୍ଲା ଭିମସାରକୁ ଆସୁଥିବାବେଳେ ଜାତୀୟ ରାଜପଥ ନଂ. ୫୫ ମହୁଲପାଲି ଫୁଲଝରଣ ନିକଟରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ହାଇୱା (ଓଡି ୧୫ ଏବି ୧୬୫୦)କୁ ପଛରୁ ଧକ୍କା ଦେଇଥିଲା। ଆମ୍ବୁଲାନ୍ସଟି ହାଇୱା ତଳେ ପଶିଯାଇଥିଲା। ଅଗ୍ନିଶମ କର୍ମଚାରୀ ଓ ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ବାହାର କରିଥିଲେ। ଆମ୍ବୁଲାନ୍ସ ସମ୍ମୁଖ ସିଟ୍‌ରେ ଚାଳକଙ୍କ ପାର୍ଶ୍ୱରେ ବସିଥିବା ହେଲ୍ପରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି।

ମୃତକ ଜଣକ ବୌଦ୍ଧ ଜିଲ୍ଲା ଜହ୍ନାପଙ୍କ ଫାଣ୍ଡି ଅନ୍ତର୍ଗତ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଚାରିଶମ୍ଭୁ ସାହିର ଆମ୍ବୁଲାନ୍ସ ହେଲ୍ପର ଅମିତ ସାହୁ ବୋଲି ଜଣାପଡ଼ିଛି। ଆମ୍ବୁଲାନ୍ସ ଚାଳକ ଏବଂ ରୋଗୀଜଣକ ଆହୁରି ଗୁରୁତର ହୋଇଛନ୍ତି। ଆମ୍ବୁଲାନ୍ସରେ ଥିବା ଅନ୍ୟ ତିନିଜଣ ସାମାନ୍ୟ ଆହତ ହୋଇଥିବା ପୁଲିସ କହିଛି। ସମସ୍ତଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ବୁର୍ଲା ମେଡିକାଲରେ ଭର୍ତ୍ତି କରିବାସହ ମୃତକଙ୍କୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

ପୁଲିସ ଗାଡ଼ି ଦୁଇଟି ଜବତ କରିବାସହ ହାଇୱା ଚାଳକକୁ ଥାନାରେ ଅଟକ ରଖିଛି। ଅନ୍ୟପକ୍ଷରେ ହାଇୱା ଓଭରଲୋଡିଂ ଏବଂ ଅନ୍ୟ କାରଣରୁ ଏମ୍‌ଭିଆଇ ଗାଡ଼ିକୁ ୬୬, ୮୨୦ ଟଙ୍କା ଜୋରିମାନା କରିଛନ୍ତି। ସୂଚନାନୁଯାୟୀ, ମୃତକ ଅମିତ ଗତବର୍ଷ ବିବାହ କରିଥିଲେ, ତାଙ୍କ ପଛରେ ପତ୍ନୀ ଓ ବାପାମା' ଅଛନ୍ତି।



ବର୍ଷା ଆଶଙ୍କାରେ ରାତିରେ ଧାନ ଅମଳ କରୁଛି ଚାଷୀ

# ଚୋରି ଘଟଣାରେ ୪ ଗିରଫ

**ରେଢ଼ାଖୋଲ, ୨୨।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଥାନା ଅଞ୍ଚଳରେ ଦିନ ଦ୍ୱିପହର ରେ ନିଛାଟିଆ ଘର ଦେଖି ଦୁର୍ବୃତ୍ତ ସୁନା ରୂପା ଗହଣା ଚୋରି କରି ଅନ୍ୟତ୍ର ବିକ୍ରି କରୁଥିଲେ।ପୁଲିସ ଏହି ଚୋରି ଘଟଣା ପର୍ଦ୍ଦାଫାଶ କରିଛି। ଗିରଫ ଅଭିଯୁକ୍ତ ଯୁବକମାନେ ସମ୍ବଲପୁର ଜିଲ୍ଲା ଧନୁପାଲି ଥାନା ଭତ୍ରା ଅଞ୍ଚଳର ବିମଳ ରଞ୍ଜନ(୩୩), ଅତୁଲ୍ୟ କର(୩୦), ସୁରଜ ସାହୁ(୩୭) ଓ ପରେଶ ସଠୁଆ(୨୦)। ସୂଚନା ଯୋଗ୍ୟ ଯେ ଗତ ମେ' ମାସରୁ ଅଭିଯୁକ୍ତ ବିମଳ ରଞ୍ଜନ ଓ ଅତୁଲ୍ୟ କର ମିଳିତ ଭାବେ ଦିନ ଦ୍ୱିପହରରେ ବିଭିନ୍ନ ଥାନା ଅଞ୍ଚଳରେ ଥିବା ବିଶେଷ କରି ଏକୁଟିଆ ନିଛାଟିଆ ଘର ଭିତରେ ପଶି ସୁନା ରୂପା ଗହଣା ସହିତ ଅନ୍ୟ ସାମଗ୍ରୀ ଚୋରି କରି ନେଇ ଅନ୍ୟ ଦୁଇ ଅଭିଯୁକ୍ତ ସୁରଜ ସାହୁ ଓ ପରେଶ ସଠୁଆଙ୍କୁ ବିକ୍ରି କରୁଥିଲେ।ଏଥିରେ ରେଢ଼ାଖୋଲ ଉପଖଣ୍ଡ ଯୁଯୁମୁରା, ଚାରମାଳ ଓ କିସିଣ୍ଡା ଥାନାରେ ୭ ଟି କେସ ଏବଂ ଧମା, ସଦର ଓ ଜମନକିରା ଥାନାରେ ୮ ଟି କେସ ମୋଟ ୧୫ଟି କେସ ଉକ୍ତ ଅଭିଯୁକ୍ତଙ୍କ ବିରୋଧରେ ରହିଛି। ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେରଙ୍କ ନେତୃତ୍ୱରେ ଯୁଯୁମୁରା ଥାନା ଅଧିକାରୀ ସଞ୍ଜୟ ରାଉତ ରାୟ, ଚାରମାଳ ଥାନା ଅଧିକାରୀ ସଞ୍ଜୟ କୁମାର ପ୍ରଧାନ, ଏସ୍‌ଆଇ ସଞ୍ଜୟ ସାହୁ ମିଳିତ ଭାବେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ମାଧ୍ୟମରେ ତଦନ୍ତ ଆରମ୍ଭ କରି ଉକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରି ଘଟଣାର ପର୍ଦ୍ଦାଫାଶ କରିଥିଲେ। ପୁଲିସ ବିଭିନ୍ନ ସୁନା ଅଳଙ୍କାର ମୋଟ ୭୩.୭ ଗ୍ରାମ, ବିଭିନ୍ନ ରୂପା ଗହଣା, ଗୋଟିଏ ବାଇକ୍ ସହିତ ପ୍ରାୟ ୧ ଲକ୍ଷ ଟଙ୍କା ଜବତ କରିଛି। ଏ ସଂକ୍ରାନ୍ତରେ କେସ ନଂ ୧୭୦/୨୫ ରେ ମାମଲା ରୁଜୁ କରି ଉକ୍ତ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ପ୍ରକାଶ କରିଛନ୍ତି।




## ଆଜି ବିତର୍କ ପ୍ରତିଯୋଗିତା

**ସମ୍ବଲପୁର, ୨୨।୧୧(ସମିସ):** ଆଜି(ରବିବାର) 'ସକାଳ' ପକ୍ଷରୁ ବିତର୍କ ପ୍ରତିଯୋଗିତା-୨୦୨୫ ସ୍ଥାନୀୟ ଗୁରୁନାନକ ପବ୍ଲିକ ସ୍କୁଲ ଠାରେ ଆୟୋଜିତ ହେବ। କନିଷ୍ଠ ବର୍ଗରେ ୮ ମରୁ ୧୦ମ ଶ୍ରେଣୀ ଏବଂ ବରିଷ୍ଠ ବର୍ଗରେ ଯୁକ୍ତ-୨ରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ। କନିଷ୍ଠ ବର୍ଗରେ ବିତର୍କର ବିଷୟ 'ବହିପଢ଼ା : ଜରୁରୀ ଆବଶ୍ୟକତା? ଅନାବଶ୍ୟକ ବୋଝ? କମୁଛି କି ବହି ପ୍ରତି ଆକର୍ଷଣ?' ଥିବାବେଳେ ବରିଷ୍ଠ ବର୍ଗରେ ବିଷୟ-Gen-Z : ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଦାମତା?' ରହିଛି। ଏଥିରେ ସମ୍ବଲପୁର ସହରର ସମସ୍ତ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।

## ପୋଲ ଉପରୁ ଖସିପଡ଼ିଲା ହାଇୱା

**ସମ୍ବଲପୁର, ୨୨।୧୧ (ସମିସ) :** ସମ୍ବଲପୁର ଜିଲ୍ଲା ବିଶାଳଖିଣ୍ଡାରେ ଏକ ହାଇୱା ଗାଡ଼ି ପୋଲ ତଳକୁ ଖସିପଡ଼ିଛି। ତେବେ, ଏକ ବଡ଼ ଦୁର୍ଘଟଣାରୁ ଗାଡ଼ି ଚାଳକ ବର୍ତ୍ତି ଯାଇଛନ୍ତି। ପୋଲଟି ଅଣଓସାରିଆ ହୋଇଥିବାରୁ ବହୁ ସମୟରେ ଏମିତି ଗାଡ଼ି ତଳକୁ ଖସିବାସହ ଲୋକେ ମୃତାହତ ହେଉଛନ୍ତି। ପୋଲର ଉଭୟପାର୍ଶ୍ୱ ଏବଂ ରାସ୍ତାରେ ସୂଚନା ଫଳକ ନାହିଁ ତେଣୁ ଅଘଟଣ ଘଟୁଥିବା ଅଭିଯୋଗ ହେଉଛି। ଅଞ୍ଚଳବାସୀ ତଥା ଜିଲ୍ଲା ଭାରତ ନିର୍ମାଣ ଯୁବ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଓସାରିଆ ପୋଲ ନିର୍ମାଣ ଏବଂ ସୂଚନା ଫଳକ ଲଗାଯିବାକୁ ସ୍ଥାନୀୟ ପ୍ରଶାସନଠାରେ ଦାବି ଜଣାଇଛନ୍ତି।



## ପାଗଳ କୁକୁର କାମୁଡ଼ାରେ ୧୬ରୁ ଊର୍ଦ୍ଧ୍ୱ ଆହତ

**ରେଢ଼ାଖୋଲ, ୨୨।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ବିଭିନ୍ନ ସାହିରେ ଶନିବାର ଦିନ ସନ୍ଧ୍ୟାରେ ପାଗଳ କୁକୁର କାମୁଡାରେ ୧୬ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ସହରର ଖନ୍ଦାଡିପ, କଳିନ୍ଦର, ରଥସାହି, ଯଦୁମଣିପାଟଣା ଏବଂ ଏଲଆଇସି କଲୋନୀ ଅଞ୍ଚଳରେ ଏକ ପାଗଳ କୁକୁର ବୁଲିବୁଲି ସାଧାରଣ ଲୋକଙ୍କୁ ଆକ୍ରମଣ କରି କାମୁଡି ରକ୍ତାକ୍ତ କରିଥିବା ଜଣାପଡ଼ିଛି।ଏଥିରେ ଆହତ ଲୋକମାନେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ଆସି ଚିକିତ୍ସିତ ହୋଇଛନ୍ତି।

# ବାମରା ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନ ମେଳା

**କୁଚିଣ୍ଡା, ୨୨।୧୧(ସମିସ):** ସମ୍ବଲପୁର ଜିଲ୍ଲା ବାମରା ଆଦର୍ଶ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ପ୍ରଦର୍ଶନୀ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବର ବିଜ୍ଞାନ ପ୍ରଦର୍ଶନୀରେ ଶହେ ୯୦ଟି ପ୍ରକଳ୍ପ, ଇକୋ କ୍ଲବର ୭୦ଟି ପ୍ରକଳ୍ପ ତଥା ସେମିନାରର ୪୫ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ବାମରା ବ୍ଲକ ଶିକ୍ଷା ଅଧିକାରୀ ଗୀତା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ଜିଲ୍ଲା ପରିଷଦ ସଭାନେତ୍ରୀ କୁମୁଦିନୀ ନାୟକ ଯୋଗ ଶିଶୁ ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷା ପିଙ୍କି ଧୁରୁଆ ଯୋଗ ଦେଇଥିବା ବେଳେ ସମ୍ମାନିୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ ଓ ସରପଞ୍ଚ ବିମଳ ଲାକ୍ରା ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ସ୍ମିତା ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସୁବୋଧ ନାୟକ, ସଞ୍ଜୟ ସାହୁ, ଅଶୋକ ପଟେଲ, ନିତ୍ୟାନନ୍ଦ ସୁନାନୀ, ମନୋଜ ପ୍ରସାଦ, ବିନୟ ପଣ୍ଡା, ହିମାଂଶୁ ଭୂଷଣ ରାଉତ ପରିଚାଳନା କରିଥିବା ବେଳେ, ବ୍ଲକର ସମସ୍ତ ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ତଥା ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା

**କୁଚିଣ୍ଡା, ୨୨।୧୧(ସମିସ):** କୁଚିଣ୍ଡାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରରେ ଶୁକ୍ରବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନମେଳାକୁ କୁଚିଣ୍ଡା ମୁଖ୍ୟଅତିଥି ଭାବେ କୁଚିଣ୍ଡା ମହାବିଦ୍ୟାଳୟର ରସାୟନ ବିଜ୍ଞାନ ପ୍ରାଧ୍ୟାପକ ଡ଼.ସୁମନ୍ତ ପଟେଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ୫୮ ଟି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଛାତ୍ରଛାତ୍ରୀଙ୍କୁ ଆଗାମୀ ଦିନରେ ବୈଜ୍ଞାନିକ ହୋଇ ଅଞ୍ଚଳର ନାମ ଟେକ ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅଥିତି ଭାବେ ଗୋଛରା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ମନୋଜ କୁମାର ସାହୁ, ସାହଜବାହାଲ ହାଇସ୍କୁଲର ପ୍ରଧାନଶିକ୍ଷକ ସୁଦର୍ଶନ ପାଣି, ବାଳିକା ଉଚ୍ଚ ବିଦ୍ୟାଳୟ, କୁଚିଣ୍ଡାର ଶ୍ରୀକାନ୍ତ ଚୌଧୁରୀ, ହରିହର ପଟେଲ ବିଜ୍ଞାନ ମେଳାରେ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ମନୋଜ କୁମାର ସାହୁ, ଚିନ୍ମୟ ଶର୍ମା, ସଂଦୀପ ପଣ୍ଡା, ଶ୍ରୀକାନ୍ତ ଚୌଧୁରୀ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଶିକ୍ଷା ଅନୁଷ୍ଠାନ ଅଧ୍ୟକ୍ଷ ମନୋଜ କୁମାର ପଣ୍ଡା ଓ ସହ ଶିକ୍ଷକ ବିଜୟ କୁମାର ଭୋଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଜ୍ଞାନ ମେଳାରେ ସମସ୍ତ ଭାଇ ଅପା କର୍ମଚାରୀ ଅବିଭାବକ ସହଯୋଗ କରିଥିଲେ।



## ହୀରାକୁଦ ରୋଗୀ କଲ୍ୟାଣ ସମିତି ବୈଠକ



**ସମ୍ବଲପୁର, ୨୨।୧୧(ସମିସ):** ହୀରାକୁଦ ରୋଗୀ କଲ୍ୟାଣ ସମିତିର ସମୀକ୍ଷା ବୈଠକ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ହୋଇଛି। ବୈଠକକୁ ସମ୍ବଲପୁର ମହାନଗର ନିଗମ କମିଶନର ରେହାନ ଖେତ୍ରି ଅଧ୍ୟକ୍ଷତା କରିଥିବା ବେଳେ ବିଧାୟକ ପ୍ରତିନିଧି ଶୁଭଶ୍ରୀ ମିଶ୍ର, ହିଣ୍ଡାଲକୋ ପାରିପାର୍ଶିକ ଉନ୍ନୟନ ଅଧିକାରୀ ଆନନ୍ଦ ଚକ୍ରବର୍ତ୍ତୀ, ଏଫ୍‌ଆରପିର ଜିତେଶ ରଥ, ଆର୍‌ଏଣ୍ଡଡି ଯନ୍ତ୍ରୀ ସୁମନ୍ତ କୁମାର୍ ପାରେଖ ଏବଂ ଲାଏନ୍ସ କ୍ଲବ ସଭାପତି କାର୍ତ୍ତିକ କଲେତ, ଅନୁପ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ। ହୀରାକୁଦ ଚିକିତ୍ସା କେନ୍ଦ୍ରର ମୁଖ୍ୟ ଡାକ୍ତର ଅନୋମଲ ମିଞ୍ଜ ବୈଠକ ପରିଚାଳନା କରିଥିଲେ। ଅନେକ ସମୟ ବ୍ୟବଧାନ ପରେ ବୈଠକ ଅନୁଷ୍ଠିତ ହେଉଥିବାରୁ ଆଗକୁ ପ୍ରତିମାସରେ ଯେମିତି ବୈଠକ ଅନୁଷ୍ଠିତ ହେବ ସେଥିପ୍ରତି ଯତ୍ନବାନ ହେବାକୁ ମତପ୍ରକାଶ ହୋଇଥିଲା। ଆହାର କେନ୍ଦ୍ରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ଓ ମିଶନ ଶକ୍ତି କାଫେ ପ୍ରତିଷ୍ଠା, ରୋଗୀ ଓ ପରିଜନଙ୍କୁ ଖାଦ୍ୟ ବଣ୍ଟନ, ଶିଳ୍ପ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଏକ୍ସରେ ମେସିନ୍ ଓ ପାନୀୟ ଜଳ ବିଶୋଧନାଗାର ସ୍ଥାପନ, ଡାକ୍ତରଖାନା ପରିସରକୁ ମଇଳା କରୁଥିବା ବ୍ୟକ୍ତିଙ୍କ ଠାରୁ ଫାଇନ ଆଦାୟ ଓ ପୂର୍ଣ୍ଣ କାଳୀନ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ସମ୍ପର୍କରେ ଆଲୋଚନା ହୋଇଥିଲା। ଡ.ଜ୍ଞାନେନ୍ଦ୍ର କିଷ୍ପତା, ଡ. ଗୌରବ ସାହୁ, ଡ.ଶ୍ରୀଧର ପଣ୍ଡା, ଡ. ରୂପାଲି କାଲୋ, ବୈକୁଣ୍ଠ କରୁଆ, ମନୋରଞ୍ଜନ ସାହୁ, କୁନ୍ତିମା ରନ ବିଡ଼ା, ଇଲୁ ପ୍ରଧାନ, ସୁଶିଲ ମହାନନ୍ଦ, ସନ୍ତୋଷ ମେହେର, ପ୍ରକାଶ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଧକ୍କାରେ ଛାତ୍ରୀ ଗୁରୁତର

**କୁଚିଣ୍ଡା, ୨୨।୧୧(ସମିସ):** ଦିନକୁ ଦିନ କୁଚିଣ୍ଡା ସହର ଜନଗହଳି ହେବା ସହ ଅମାନିଆ ଗାଡ଼ି ଚାଳକଙ୍କ ଦ୍ରୁତ ଗାଡ଼ି ଚାଳନା ହେତୁ ବହୁ ସମୟରେ ଦୁର୍ଘଟଣା ଘଟି ଅନେକ ଧନ ଜୀବନ ନଷ୍ଟ ହେଲାଣି।ତଥାପି ଅମାନିଆ ଗାଡ଼ି ଚାଳକମାନେ ମାନୁନାହାନ୍ତି। ଶନିବାର ପୂର୍ବାହ୍ନରେ କୁଚିଣ୍ଡା କଲେଜର ଜଣେ ଯୁକ୍ତ ତିନି ପ୍ରଥମ ବର୍ଷ ବିଜ୍ଞାନ ବିଭାଗର ଛାତ୍ରୀ ସୁନେଲି କିସାନ୍ କ୍ଲାସ ସାରି ନିଜ ଘର ଲଇଗୁରା ଗ୍ରାମକୁ ଯିବାକୁ ମୁଖ୍ୟ ରାସ୍ତାକୁ ବାହାରିବା ବେଳେ ଗେଟ୍ ପାଖରେ ଜଣେ ବାଇକ୍ ଚାଳକ ଦ୍ରୁତ ଗତିରେ ଆସି ଧକ୍କା ଦେବା ଫଳରେ ସୁନେଲି ର ବାମ ଗୋଡ ଆଣ୍ଠୁ ତଳକୁ ଭାଙ୍ଗି ଯାଇଥିଲା। ଖବର ପାଇ କୁଚିଣ୍ଡା ମହାବଦ୍ୟାଳୟର ଅଧ୍ୟକ୍ଷ ସହିତ ଅଧ୍ୟାପକ ଓ କର୍ମଚାରୀ କୁଚିଣ୍ଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। କୁଚିଣ୍ଡା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥାନାନ୍ତର କରିଥିଲେ। ସୁନେଲିଙ୍କ ପରିବାରର ଆର୍ଥିକ ପରିସ୍ଥିତି ସେତେଟା ସ୍ୱଚ୍ଛଳ ନଥିବାରୁ ମାନବିକତା ଅଧ୍ୟକ୍ଷ ମନୋଜ କୁମାର ପଣ୍ଡା କିଛି ଆର୍ଥିକ ସହଯୋଗ କରି ତୁରନ୍ତ ବୁର୍ଲା ପାଠାଇବାର ବ୍ୟବସ୍ଥା କରିଥିଲେ।



## ରାଧିକା ପାଣିଗ୍ରାହୀଙ୍କ ପରଲୋକ

**ସମ୍ବଲପୁର, ୨୨।୧୧ (ସମିସ) :** ସମ୍ବଲପୁର ଗୋବିନ୍ଦତୋଲା ନିବାସୀ ରାଧିକା ପାଣିଗ୍ରାହୀ (୮୭)ଙ୍କ ଗୁରୁବାର ଅପରାହ୍ନରେ ପରଲୋକ ହୋଇଯାଇଛି। ଦଶପୁର ଗ୍ରାମର ମୂଳନିବାସୀ ସ୍ୱର୍ଗତା ପାଣିଗ୍ରାହୀ ବାର୍ଦ୍ଧକ୍ୟଜନିତ ସମସ୍ୟାରେ ପିଡ଼ିତ ଥିଲେ। ସ୍ୱର୍ଗତା ପାଣିଗ୍ରାହୀଙ୍କ ସ୍ୱାମୀ ହାରାଧନ ପାଣିଗ୍ରାହୀଙ୍କ ପୂର୍ବରୁ ପରଲୋକ ହୋଇଯାଇଛି। ଶେଷଶଯ୍ୟା ନିକଟରେ ପୁଅ ଅମ୍ବରୀଶ, ବୋହୂ ଶୋଭାଗିନୀ, ନାତି ନିହାର ଓ ତୁଷାର, ନାତିବୋହୂ ଜରିନା, ପଣନାତୁଣୀ ଅପୂର୍ବା ଓ ଅଲିଭା ଉପସ୍ଥିତ ଥିଲେ। ସ୍ଥାନୀୟ ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ ନାତି ନିହାର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

### ହୀରାକୁଦ ଜଳଭଣ୍ଡାର ଚାରିପାଖରେ ଜମିର ବାଣିଜ୍ୟିକ ବ୍ୟବହାର

# ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ହସ୍ତକ୍ଷେପ ଲୋଡ଼ିଲେ ସୁପ୍ରିମକୋର୍ଟ ଆଇନଜୀବୀ

**ସମ୍ବଲପୁର, ୨୨।୧୧ (ସମିସ)**

ହୀରାକୁଦ ମାଷ୍ଟର ପ୍ଲାନ କରାଯାଇ ହୀରାକୁଦ ଜଳଭଣ୍ଡାର ଚତୁଃପାର୍ଶ୍ୱରେ ବଡ଼ ବଡ଼ ହୋଟେଲଠାରୁ ଆରମ୍ଭ କରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ହଜାର ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ କରାଯିବାକୁ ଯୋଜନା ଚାଲିଛି। ଏପରିକି କିଛି ଯୋଜନା ବାସ୍ତବରୂପ ନେବା ଆରମ୍ଭ କଲାଣି। ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି। ସୁପ୍ରିମକୋର୍ଟ ଆଇନଜୀବୀ ସିଦ୍ଧାର୍ଥ ଶଙ୍କର ମିଶ୍ର ହୀରାକୁଦ ଜଳଭଣ୍ଡାର ଚାରିପାଖର ଜମିର ବାଣିଜ୍ୟିକ ବ୍ୟବହାର ରୋକିବା ସକାଶେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ହସ୍ତକ୍ଷେପ କରିବାକୁ ପ୍ରମୁଖ ସଚିବଙ୍କୁ ପତ୍ର ଲେଖିଛନ୍ତି।

ତାଙ୍କ ପତ୍ର ଅନୁଯାୟୀ, ଓଡ଼ିଶା ସରକାର ହୀରାକୁଦ ଜଳଭଣ୍ଡାର ଚାରିପାଖରେ ଏକ ବଡ଼ ହୋଟେଲ ଭାସମାନ ସୁବିଧା କ୍ରୁଜ୍ ପଏଣ୍ଟ ଏବଂ ମନୋରଞ୍ଜନ ସମେତ ବୃହତ ପରିମାଣର ବାଣିଜ୍ୟିକ ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକୁ ଅନୁମତି ଦେବାପାଇଁ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ହୀରାକୁଦ ଜଳଭଣ୍ଡାର ସମ୍ବଲପୁରର ଏକ ଜୀବନରେଖା, ଏକ ବାଣିଜ୍ୟିକ ପ୍ଲଟ୍ ନୁହେଁ ଏବଂ ଏହାକୁ ଏକ ବ୍ୟବସାୟିକ କ୍ଷେତ୍ରରେ ପରିଣତ କରିବାର ଯେକୌଣସି ପ୍ରୟାସ ପ୍ରକୃତି ସମେତ ସାଧାରଣ ସୁରକ୍ଷା ଏବଂ ଜାତୀୟ ସୁରକ୍ଷା ଉପରେ ଆକ୍ରମଣ। ହୀରାକୁଦ ନଦୀବନ୍ଧ ଜଳସେଚନ, ବନ୍ୟା ନିୟନ୍ତ୍ରଣ, ପାନୀୟ ଜଳ ଯୋଗାଣ ଏବଂ ବିଦ୍ୟୁତ୍ ଉତ୍ପାଦନ ପାଇଁ ନିର୍ମିତ ହୋଇଥିଲା। ଏହା ଲକ୍ଷ ଲକ୍ଷ ଲୋକଙ୍କୁ ବନ୍ୟାରୁ ରକ୍ଷା କରେ ଏବଂ ପଶ୍ଚିମ ଓଡ଼ିଶାର ଅର୍ଥନୀତିକୁ ବଜାୟ ରଖେ। ଏହି ସମ୍ବେଦନଶୀଳ ଜଳଭଣ୍ଡାର ଅଞ୍ଚଳରେ ଯେକୌଣସି ବାଣିଜ୍ୟିକ ଅନୁପ୍ରବେଶ ଅପରିବର୍ତ୍ତନୀୟ ପରିବେଶଗତ କ୍ଷତି ଘଟାଇବ ଏବଂ ଜାତୀୟ ଗୁରୁତ୍ୱର ଏକ ପ୍ରମୁଖ ବନ୍ଧକୁ ଘେରି ରହିଥିବା ସୁରକ୍ଷା ପ୍ରୋଟୋକଲ୍‌କୁ ଦୁର୍ବଳ କରିବ। ରାଜ୍ୟ ସରକାରଙ୍କୁ ପୂର୍ବରୁ ବୈଷୟିକ ଚେତାବନୀ ଦିଆଯାଇଛି ଯେଉଁଥିରେ ନଦୀବନ୍ଧର ଉପରମୁଣ୍ଡରେ ସ୍ଥାୟୀ ନିର୍ମାଣ ଉପରେ ପ୍ରତିବନ୍ଧକ ଅନ୍ତର୍ଭୁକ୍ତ। ପର୍ଯ୍ୟଟନ ସୁବିଧା ଦ୍ୱାରା କଠିନ ବର୍ଜ୍ୟବସ୍ତୁ ଏବଂ ତରଳ ନିର୍ଗତ ଜଳଭଣ୍ଡାରରେ ପ୍ରବେଶ କରିବାର ଆଶଙ୍କା ରହିଛି। ଏହାଦ୍ୱାରା ପ୍ରବାସୀ ପକ୍ଷୀଙ୍କ ପାଇଁ କ୍ଷତି, ବନ୍ୟପ୍ରାଣୀ ଏବଂ ଜଳଜୀବଙ୍କ ପାଇଁ ବିପଦ ରହିଛି। କିଛି ପାହାଡିଆ ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ନଦୀବନ୍ଧର ସ୍ଥିରତା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ବିପଦରେ ପକାଇପାରେ। ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ, ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ଇକୋ ପର୍ଯ୍ୟଟନ କାର୍ଯ୍ୟକଳାପ ପୂର୍ବରୁ ଉପଲବ୍ଧ, ଯାହା ଗୁରୁତ୍ୱପୂର୍ଣ୍ଣ ଜଳଭଣ୍ଡାର ଗଠନଠାରୁ ବହୁତ ଦୂରରେ ଏକ ନିୟନ୍ତ୍ରିତ ଏବଂ ନିୟନ୍ତ୍ରିତ ଅଞ୍ଚଳ। ଇକୋ ରିଟ୍ରିଟ୍ ମଡେଲ୍ ବାଣିଜ୍ୟିକ ହୋଟେଲ କ୍ରୁଜ୍ ଟର୍ମିନାଲ ଏବଂ ବଡ଼ ମନୋରଞ୍ଜନ ପାର୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ। ସମ୍ବେଦନଶୀଳ ହୀରାକୁଦ ଜଳଭଣ୍ଡାର ଅଞ୍ଚଳରେ ପର୍ଯ୍ୟଟନ ବିସ୍ତାର କରିବା ଦାୟୀ ଇକୋ ପର୍ଯ୍ୟଟନ ନୁହେଁ ବରଂ ବିପଜ୍ଜନକ ବାଣିଜ୍ୟିକ ଜବରଦଖଲ। ପରିବେଶଗତ ଏବଂ ନାଗରିକ ସୁରକ୍ଷା ଚିନ୍ତା ବ୍ୟତୀତ ଏକ ଗମ୍ଭୀର ଜାତୀୟ ସୁରକ୍ଷା ବିପଦ ରହିଛି। ହୀରାକୁଦ ଏକ ରଣନୈତିକ ଜଳ ଭିତ୍ତିଭୂମି ସମ୍ପତ୍ତି। ସମ୍ବେଦନଶୀଳ ଅଞ୍ଚଳ ନିକଟରେ ବଡ଼ ଧରଣର ପର୍ଯ୍ୟଟକଙ୍କ ପ୍ରବେଶକୁ ଅନୁମତି ଦେବା ଦ୍ୱାରା ସର୍ବେକ୍ଷଣ, ଅନଧିକୃତ ପ୍ରବେଶ ଏବଂ ଜାଣିଶୁଣି କ୍ଷତି ହେବାର ସମ୍ଭାବନା ଖୋଲେ। ପର୍ଯ୍ୟଟକ ବେଶରେ ଯେକେହି ପ୍ରବେଶ କରିପାରିବେ। ବାଣିଜ୍ୟିକ କମ୍ପ୍ଲେକ୍ସ ପ୍ରତିଷ୍ଠା ହେବା ପରେ ନିରନ୍ତର ଗତିବିଧି ନିରୀକ୍ଷଣକୁ ଅତ୍ୟନ୍ତ କଷ୍ଟକର କରିଦେବା ଆଶଙ୍କା ରହିଛି। କିଛି ଲୋକ ହୀରାକୁଦକୁ ସହର ହ୍ରଦ, କୃତ୍ରିମ ଜଳପ୍ରପାତ କିମ୍ବା ବ୍ରହ୍ମପୁତ୍ରର ହାଉସବୋଟ୍ ସହିତ ତୁଳନା କରୁଥିବା ଏକ ଭୁଲ୍ ଧାରଣା। ଏହି ତୁଳନା ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ।

ଆଇନଜୀବୀ ଶ୍ରୀ ମିଶ୍ର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟଠାରେ ଦାବି କରିଛନ୍ତି ଯେ, ଜଳଭଣ୍ଡାର ଚାରିପାଖରେ ସମସ୍ତ ବାଣିଜ୍ୟିକ ପର୍ଯ୍ୟଟନ ପ୍ରକଳ୍ପ ଉପରେ ତୁରନ୍ତ ରୋକ୍ ଲଗାଯାଉ। ଜଳବିଜ୍ଞାନ, ବନ୍ଧ ସୁରକ୍ଷା, ଜାତୀୟ ସୁରକ୍ଷା, ପରିବେଶ ଆଇନ ଏବଂ ବିପର୍ଯ୍ୟୟ ପରିଚାଳନା ବିଶେଷଜ୍ଞମାନଙ୍କୁ ନେଇ ଏକ ସ୍ୱାଧୀନ ତଦନ୍ତ ନିର୍ଦ୍ଦେଶ ଦିଆଯାଉ। ଜରୁରୀ ଯାଞ୍ଚ ପାଇଁ ସମସ୍ତ ଅନୁମୋଦନ, ଏନ୍‌ଓସି, ମାନଚିତ୍ର, କ୍ଲିୟରାନ୍ସ ଡକ୍ୟୁମେଣ୍ଟ ଏବଂ ସୁରକ୍ଷା ମୂଲ୍ୟାଙ୍କନ ଦାଖଲ କରିବାକୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଉ। ନିଶ୍ଚିତ କରନ୍ତୁ ଯେ ଭବିଷ୍ୟତର ଯେକୌଣସି ପଦକ୍ଷେପ ଜନ ବିଶ୍ୱାସ ସିଦ୍ଧାନ୍ତ ଏବଂ ଧାରା ୪୮ କ ଅନୁଯାୟୀ ସାମ୍ବିଧାନିକ କର୍ତ୍ତବ୍ୟକୁ ସମ୍ମାନ କରେ। ହୀରାକୁଦ ହେଉଛି ଏକ ଜାତୀୟ ଜୀବନରେଖା ଏବଂ ସମ୍ବଲପୁର ଏବଂ ପଶ୍ଚିମ ଓଡ଼ିଶାର ଲୋକଙ୍କ ପାଇଁ ଜୀବନର ଆଧାର। ପରିବେଶ, ଜନସୁରକ୍ଷା ଏବଂ ଜାତୀୟ ସୁରକ୍ଷା ସ୍ୱାର୍ଥ ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଏଥିରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଶ୍ରୀ ମିଶ୍ର ଦାବି ଜଣାଇଛନ୍ତି।

## ଆଇନଜୀବୀଙ୍କ ବିୟୋଗରେ ଶୋକସଭା



**ରେଢ଼ାଖୋଲ, ୨୨।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବାରକାଉନସିଲର ବରିଷ୍ଠ ଆଇନଜୀବୀ ବିମଳ ଚନ୍ଦ୍ର ପ୍ରଧାନ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିଲେ। ତାଙ୍କ ବିୟୋଗରେ ରେଢ଼ାଖୋଲ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏନେଇ ଶନିବାର ସନ୍ଧ୍ୟାରେ ରେଢ଼ାଖୋଲ ବିଜେପି କାର୍ଯ୍ୟାଳୟରେ ନଗର ସଭାପତି ସୁଷମା ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ବିମଳ ଚନ୍ଦ୍ର ପ୍ରଧାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ନିରବ ପ୍ରାର୍ଥନା କରାଯାଇଥିଲା। ବିମଳ ପ୍ରଧାନ ୧୯୯୦ ମସିହାରେ ବିଜେପିରେ ଯୋଗ ଦେଇ ଜିଲ୍ଲା କାର୍ଯ୍ୟକାରିଣୀ, ବ୍ଲକ ଉପସଭାପତି ଦାୟିତ୍ୱ ନେଇ ଆଜି ପର୍ଯ୍ୟନ୍ତ ସକ୍ରିୟ ସଦସ୍ୟ ରହିଥିବା ସହ ବ୍ୟକ୍ତିଗତ ଭାବେ ଆଇନଜୀବୀ ଭାବରେ କାର୍ଯ୍ୟ କରୁଥିଲେ। ଶୋକ ସଭାରେ ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ, ବରିଷ୍ଠ ବିଜେପି ନେତା ପ୍ରତାପ ପ୍ରଧାନ, ବିରଞ୍ଚି ପ୍ରଧାନ, ଯୋଗଜନ୍ମା ଦାଶ ଶର୍ମା, ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ବୈଠାରୁ, ନଗର ସଭାପତି ଅନିଲ ପୃଷ୍ଟି, ସାଧାରଣ ସମ୍ପାଦକ ଅଲେଖାନନ୍ଦ ପ୍ରଧାନ, ଯୁବମୋର୍ଚ୍ଚା ସଭାପତି ବବଲୁ ମହାପାତ୍ର, ରାମାନୁଜ ମହାପାତ୍ର, ଗୋବିନ୍ଦ ଭାତିରିଆ, କନ୍ଦର୍ପ ରାଉଲ, ରାଜା ସିଂହ, ଯୁଯେଷ୍ଟି ବାଜେଣୀ, ସନ୍ତୋଷ ବାରିକ, ବିଧାନସଭା ପ୍ରଭାରୀ ଡମ୍ବରୁଧର ବୁଡେକ ପ୍ରମୁଖ ଉପସ୍ଥିତ ଥିଲେ।

# ପଦ୍ମଶ୍ରୀ କୁଞ୍ଜ ବିହାରୀ ମେହେରଙ୍କ ଜୟନ୍ତୀ



**ବରପାଲି, ୨୨।୧୧(ସମିସ):** ବରପାଲିର ବିଶିଷ୍ଟ ବାନ୍ଧକଳା ଶିଳ୍ପଗୁରୁ ପଦ୍ମଶ୍ରୀ କୁଞ୍ଜ ବିହାରୀ ମେହେରଙ୍କ ୯୮ତମ ଜନ୍ମ ଜୟନ୍ତୀ କଳାଭାରତୀ ଟ୍ରଷ୍ଟ ସଂଗ୍ରହାଳୟ ପରିସରରେ ପାଳିତ ହୋଇଯାଇଛି। 'କଳାଭବନ' ଓ 'କଳାଶ୍ରୀ' ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଉତ୍ସବରେ ଟ୍ରଷ୍ଟର ସଦସ୍ୟମାନେ ଟ୍ରଷ୍ଟ ପରିସରରେ ରହିଥିବା ଆବକ୍ଷ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ଟ୍ରଷ୍ଟର ବରିଷ୍ଠ ସଦସ୍ୟ ସିନେ ଅଭିନେତା ଅଶୋକ ଦାଶ ଦୀପ ପ୍ରଜ୍ୱଳନ କରି ଆବକ୍ଷ ପ୍ରତମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିବା ବେଳେ ତାଙ୍କ ସୁପୁତ୍ର, ଅନ୍ତର୍ଜାତୀୟ ଖ୍ୟାତି ସମ୍ପର୍ଣ୍ଣ ବାନ୍ଧଶିଳ୍ପୀ ଡ.ସୁରେନ୍ଦ୍ର ମେହେର ପିତାଙ୍କ ବାନ୍ଧ କଳା କ୍ଷେତ୍ରରେ ଅବଦାନ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଟ୍ରଷ୍ଟ ସମ୍ପାଦକ ଅଧ୍ୟାପକ ଉତ୍ତର ଗଡ଼ତିୟା ପଦ୍ମଶ୍ରୀ ମେହେରଙ୍କ ବାନ୍ଧ କଳା କ୍ଷେତ୍ରରେ ଅବଦାନ ଉପରେ ଆଲୋକପାତ କରିଥିଲେ। ଶେଷରେ ଟ୍ରଷ୍ଟ ବରିଷ୍ଠ ସଦସ୍ୟ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ବୀରେନ୍ଦ୍ର ନାଥ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ସଦସ୍ୟ ହରି ଚରଣ ଖଟୁଆ, ଜାତୀୟ ପୁରସ୍କାର ପ୍ରାପ୍ତ ଟେରାକୋଟା ଶିଳ୍ପୀ ମନବୋଧ ରଣା, ଗଦାଧର ସିଂହ, ମହେନ୍ଦ୍ର ମେହେର, ସୁଦାମ ମେହେର, ଅଧ୍ୟାପକରମାକାନ୍ତ ତ୍ରିପାଠୀ, ନବ କିଶୋର ମେହେର, ତନ୍ମୟାନନ୍ଦ ମେହେର, ଅଶୋକ ଖଟୁଆ, ବନ୍ତରାମ ସେଠ୍, ଶାନ୍ତି ଲତା ମେହେର, ପୁଷ୍ପାଞ୍ଜଳି ମେହେର, ରୀନା ମେହେର, ପୁଷ୍ପାଞ୍ଜଳି ମେହେର (ବେବି) ପ୍ରମୁଖ ସଦସ୍ୟ ଯୋଗ ଦେଇଥିଲେ।

# ମାନେଶ୍ୱର ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ସମ୍ବଲପୁର, ୨୨।୧୧ (ସମିସ)

ମାନେଶ୍ୱର ବ୍ଲକ ଅନ୍ତର୍ଗତ ପୁରୁଣା ବଳାରଙ୍ଗା ହାଇସ୍କୁଲଠାରେ ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହେଇଯାଇଛି। ଉଦଘାଟନୀ ଉତ୍ସବରେ ମାନେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷା ରୁକ୍ମିଣୀ ମହାନନ୍ଦ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଲୋକିତା ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିତ୍ତରଞ୍ଜନ ମଲ୍ଲିକ, ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ଡଃ ପ୍ରମୋଦ କୁମାର ପଣ୍ଡା, ପୂର୍ବତନ ଶିକ୍ଷା ମଣ୍ଡଳାଧୀଶ ଡଃ ଗିରିଧାରୀ ହୋତା ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୀତାରାମ ଭୋଇ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ବିଜ୍ଞାନ ପ୍ରଦର୍ଶନୀରେ ବିଭିନ୍ନ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରୁ ମନୋନୀତ ୧୫୭ଟି ପ୍ରକଳ୍ପ ପ୍ରଦର୍ଶିତ ହେଇଥିଲା। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନର ମୁଖ୍ୟ ଥିମ୍ ବିକଶିତ ଓ ଆତ୍ମନିର୍ଭର ଭାରତ ଉପରେ ପର୍ଯ୍ୟବେସିତ ୭ଟି ବିଷୟ ପୋଷଣୀୟ କୃଷି, ଆବର୍ଜନା ପ୍ରବନ୍ଧନ, ସବୁଜ ଶକ୍ତି, ନୂତନ ବୈଷୟିକ ପ୍ରଯୁକ୍ତି, ଗଣିତ,




ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା, ଜଳ ସଂରକ୍ଷଣ ଉପରେ ଛାତ୍ରଛାତ୍ରୀମାନେ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ଏହି ଅବସରରେ ବିଜ୍ଞାନ କୁଇଜ ଓ ପ୍ଲାଷ୍ଟିକ ପ୍ରଦୂଷଣ ପ୍ରସଙ୍ଗ ଉପରେ ଏକ ସମ୍ମାନ ଅନୁଷ୍ଠିତ ହେଇଥିଲା। ଏଥିସହିତ ଇକୋ କ୍ଲବ ଓ ଶକ୍ତି କ୍ଲବର ପରିବେଶ ସହଯୋଗୀ ଜୀବନଶୈଳୀ ବିଷୟ ଅନ୍ତର୍ଭୁକ୍ତ ୭ଟି ଉପବିଷୟ ଜଳ ସଂରକ୍ଷଣ, ଶକ୍ତି ସଂରକ୍ଷଣ, ଆବର୍ଜନା ପ୍ରବନ୍ଧନ, ଏକକ ପ୍ଲାଷ୍ଟିକ, ସୁସ୍ଥ ଜୀବନଶୈଳୀ, ପୋଷଣୀୟ ଖାଦ୍ୟ ବ୍ୟବସ୍ଥା ଉପରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହେଇଥିଲା। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନ୍ତର୍ଗତ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ ଓ ସାମ୍ପ୍ରତିକ ବିଷୟ ଉପରେ ପ୍ରାଥମିକ ଓ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲିଖିତ କୁଇଜ ପ୍ରତିଯୋଗିତା ଆୟୋଜିତ ହେଇଥିଲା। ବାଳ ବୈଜ୍ଞାନିକ ପ୍ରଦର୍ଶନୀରେ ୧୪୨ଟି, ଇକୋ କ୍ଲବ ପ୍ରଦର୍ଶନୀରେ ୧୫ଟି, ସେମିନାରରେ ୧୨ଜଣ, କୁଇଜରେ ୪୦ଜଣ ଅଂଶଗ୍ରହଣ କରିଥିଲେ। ସମୁଦାୟ ୨୪୩ ଜଣ ଛାତ୍ରଛାତ୍ରୀ ବିଜ୍ଞାନ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ।

ଉଦଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକିତା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷା ଗୀତାଞ୍ଜଳି ଭୋଇ ମୁଖ୍ୟ ଅତିଥି, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଲାଇଫ୍‌ର ଡିଭିଜନାଲ ମ୍ୟାନେଜର ମାନସ ମହାନ୍ତି ସମ୍ମାନିତ ଅତିଥି ଇଞ୍ଜିନିୟର ଭୁବନାନନ୍ଦ ପଟ୍ଟନାୟକ ମୁଖ୍ୟବକ୍ତା ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଳିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଦେବସ୍ମିତା ରାଉତ, ସବିତା ପଶାୟତ ସୁଜିତ ରଣବିଡା ମଞ୍ଚ ସଂଯୋଜନା କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକିତା ଦାଶଙ୍କ ତତ୍ତ୍ୱାବଧାନ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳି ଚୌଧୁରୀଙ୍କ ପରିଚାଳନାରେ ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀରେ ସିଆରସିସି, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ମହାମାୟା ପବ୍ଲିକ୍ ସ୍କୁଲର ବିଜ୍ଞାନମେଳା

**ପାଇକମାଳ, ୨୨।୧୧(ସମିସ):** ପାଇକମାଳ ମହାମାୟା ପବ୍ଲିକ ସ୍କୁଲର ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଂସ୍ଥାର ନିର୍ଦ୍ଦେଶିକା ଜ୍ୟୋତିର୍ମୟୀ ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ହୃଦାନନ୍ଦ ଭୋଇ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଯୋଗ ଦେଇଥିଲେ। ଏଥିରେ ବିଚାରକ ଭାବେ ମହାମାୟା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପିକା ନିତୁ ସାହୁ ଓ ଅଧ୍ୟାପକ ତପୀନ୍ଦ୍ର ରଣା ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ମଡେଲ ମାନଙ୍କର ମୂଲ୍ୟାଙ୍କନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ମ୍ୟାନେଜର ଅକ୍ଷୟ ଦାଶ, ଯଶୋଦେବ ଭୋଇ, ଲିଙ୍ଗରାଜ ପ୍ରଧାନ, ଦୀପ୍ତିମୟୀ ସାହୁ, ସୁଭଦର୍ଶିନୀ ହୋତା, ଗୁପତ ଦୀପ, କିଶୋରୀ ସାହୁ, ମାଳିକ୍କାକୁମ୍ଭାର, ସ୍ୱାଗତିକା ମହାନ୍ତି, କର୍ଣ୍ଣିକା ପ୍ରଧାନ, ତ୍ରିଲୋଚନ ସାହୁ, ପ୍ରଶାନ୍ତ ହରିପାଳ, ଦିନେଶ ସତନାମୀ, ଦୀପକ ଶତନାମୀ, ଉଜ୍ଜ୍ୱଳା ବରିହା, ପୂଜାରାଣୀ ସାହୁ, ପୂଜା ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା

**ଜମନକିରା, ୨୨।୧୧ (ସମିସ) :** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମୁଣ୍ଡେନପାଲିଠାରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଉକ୍ତ ପ୍ରତିଯୋଗିତାକୁ ଅନୁଷ୍ଠାନର ସଭାପତି ସରୋଜ ନାଥ ଉଦଘାଟନ କରିଥିଲେ। ଇନ୍ଦିରା ଗାନ୍ଧୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ବିକାଶ କିସାନ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ କ୍ରୀଡ଼ା ଏବଂ ଯୋଗ ଦ୍ୱାରା ମନରେ ଆତ୍ମବିଶ୍ୱାସ ବୃଦ୍ଧି ହୋଇଥାଏ ବୋଲି ପରାମର୍ଶ ଦେଇଥିଲେ। ବିଦ୍ୟାଳୟର କ୍ରୀଡ଼ା ଏବଂ ପ୍ରତିଯୋଗିତା ପ୍ରମୁଖ ଗୁରୁଜୀ ଅଷ୍ଟଶମ୍ଭୁ ମହାକୁଳ ସମସ୍ତ ପ୍ରତିଯୋଗିତା ପରିଚାଳନା କରିଥିଲେ। ଶିଶୁ ବାଟିକା ବିଭାଗର ୫ଟି ପ୍ରତିଯୋଗିତା ଏବଂ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଭାଗର ୧୦ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବହୁରୂପୀ ହାସ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୁରୁମା ମନୀଷା ପ୍ରଧାନ, କଲ୍ୟାଣୀ ଷଡ଼ଙ୍ଗୀ, ପ୍ରଣତୀ ବଡ଼ାଇ, ପ୍ରିୟଙ୍କା ପ୍ରଧାନ, ଅନୀତା ବାଗ, ଶିବାନୀ ବାଗ, ଲିଲି ପିଙ୍କ, ସୋନାଲି ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରଧାନ ଆଚାର୍ଯ୍ୟା ଜ୍ୟୋତିର୍ମୟୀ ବାଘ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଲୋଚନା ନାୟକଙ୍କ ପରଲୋକ

**ସମ୍ବଲପୁର, ୨୨।୧୧ (ସମିସ) :** ଗୋବିନ୍ଦଟୋଲା ନିବାସୀ ସୁଲୋଚନା ନାୟକ (୮୬)ଙ୍କ ଶୁକ୍ରବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ସ୍ୱର୍ଗତା ନାୟକ ବାର୍ଦ୍ଧକ୍ୟଜନିତ ସମସ୍ୟାରେ ପୀଡ଼ିତ ଥିଲେ। ଶେଷଶଯ୍ୟା ନିକଟରେ ପୁଅ ଦେବେନ୍ଦ୍ର ଓ ମହେନ୍ଦ୍ର, ବୋହୂ ମାନସୀ ନାୟକ ଓ ରଶ୍ମିତା, ନାତୁଣୀ ଜାଗୃତି, ସଂସ୍କୃତି, ଝିଅ ଅନୀତା, ଜ୍ୱାଇଁ ଅଶୋକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ ପୁଅ ଦେବେନ୍ଦ୍ର ମୁଖାଗ୍ନି ଦେଇଥିଲେ।

### ପୁସ୍ତକମେଳାର ୩ୟ ଦିବସରେ କବି ସମ୍ମିଳନୀ

## କବିତା କେବଳ ମନୋରଞ୍ଜନର ଖୋରାକ ନୁହଁ

**ବରଗଡ଼, ୨୨।୧୧(ସମିସ):** କବିତା ଯେ କେବଳ ମନୋରଞ୍ଜନର ଖୋରାକ ଯୋଗାଇଥାଏ ତାହା ନୁହଁ, ଏହା ସମାଜ ସଂସ୍କାରର ବହୁଳ ବାର୍ତ୍ତା ଦେଇଥାଏ ବୋଲି ବରଗଡ଼ ପୁସ୍ତକମେଳାର ତୃତୀୟ ଦିବାସରେ ମତ ପ୍ରକାଶ ପାଇଛି। ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆୟୋଜିତ ହେଉଥିବା ୨୨ତମ ପୁସ୍ତକମେଳା ଅବସରରେ ଆଜି କବି ଓ କବୟିତ୍ରୀ ସମ୍ମିଳନୀରେ ନିମନ୍ତ୍ରିତ ମହିଳା କବୟିତ୍ରୀ ମାନେ ନିଜର ସ୍ୱରଚିତ କବିତା ମାନ ପାଠ କରି ଜନସାଧାରଣଙ୍କୁ ବିଭିନ୍ନ ସ୍ୱାଦର ଖୋରାକ ଯୋଗାଇ ଥିଲେ। ପାଠାଗାରର ବରିଷ୍ଠ ସଦସ୍ୟା ଅଧ୍ୟାପିକା ଜୟଶ୍ରୀ ସାହୁଙ୍କ ସଭାପତିତ୍ୱ ଓ ଅନ୍ୟତମ ବରିଷ୍ଠ ସଦସ୍ୟା ଅଧ୍ୟାପିକା ସଂଘମିତ୍ରା ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କବି ସମ୍ମିଳନୀରେ କବୟିତ୍ରୀ ସାଗରିକା ସାହୁ, ହେମାଙ୍ଗିନି ଦାଶ, ଲତିକା ବିଳାସ, ସବିତା ମାହାର, ଦର୍ଶନା ଅଗ୍ରୱାଲ, କ୍ଷୀରୋଦିନି ବେହେରା, ଦିବାଂଶି ତିୱାରୀ ପ୍ରମୁଖ ସ୍ୱରଚିତ କବିତାମାନ ପାଠ କରିଥିଲେ। ଦିବାଂଶି ତିୱାରୀ ଜଣେ କିନ୍ନର ହୋଇ ମଧ୍ୟ ନିଜର ଇଚ୍ଛାଶକ୍ତି ବଳରେ ସ୍ୱାବଲମ୍ବୀ ହୋଇ ଝାରସୁଗୁଡ଼ା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆରେ କାର୍ଯ୍ୟରତ ଅଛନ୍ତି। ଏହି ଅବସରରେ ଆଜି ରାୟପୁର କୋର୍ବାରୁ ଆସିଥିବା ମହିଳା ଗଜଲ ଗାୟିକା ସନ୍ତୋଷ ଶ୍ରଦ୍ଧା ମହନ୍ତ ଗଜଲ୍ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରଗଡ଼ ପୌର ପରିଷଦର ଅଧ୍ୟକ୍ଷା କଳ୍ପନା ମାଝୀ ସମସ୍ତ କବୟିତ୍ରୀଙ୍କୁ ଶାଲ, ସ୍ମାରକୀ ଦେଇ ଗାନ୍ଧୀ ସ୍ମୃତି ପାଠାଗାର ତରଫରୁ ସମ୍ବର୍ଦ୍ଧିତ କରିଥିଲେ। ଆଜି ସନ୍ଧ୍ୟାରେ ବରଗଡ଼ ସୂର୍ଯ୍ୟଶ୍ରି ଟ୍ରିନିଟି ସ୍କୁଲ ଓ ସେଣ୍ଟ୍ରାଲ ସ୍କୁଲ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସନ୍ଧ୍ୟା କାର୍ଯ୍ୟକ୍ରମକୁ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ ରାଏ ଓ ସୂର୍ଯ୍ୟଶ୍ରି ଟ୍ରିନିଟି ସ୍କୁଲର ଅଧ୍ୟକ୍ଷ ସୌଦାଗର କୁଁଅର ଉଦଘାଟନ କରିଥିଲେ। ଏହି ସମୟରେ ଟ୍ରିନିଟି ସ୍କୁଲର ଏକାଡେମୀକ ନିର୍ଦ୍ଦେଶକ ବଜେନ୍ଦ୍ର ମହାପାତ୍ର, ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ପିକେ ସାହୁ, ଯୋଗେଶ ରଣା, ପାଠାଗାର ସଭାପତି ଅରୁଣ ମହାନ୍ତି, ଉପ ସଭାପତି ମନୋରଞ୍ଜନ ସାହୁ, ସଦସ୍ୟ ଅମିୟ ଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉଭୟ ସ୍କୁଲର ଛାତ୍ରଛାତ୍ରୀଙ୍କୁ ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ମାଧୁଛନ୍ଦା ସାହୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ ପାଠାଗାରର ବରିଷ୍ଠ ସଦସ୍ୟ ବିକ୍ରମାଦିତ୍ୟ ପଣ୍ଡା ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ପାଠାଗାରର ସଦସ୍ୟ ସନ୍ତୋଷ ପଣ୍ଡା ସଂଯୋଜନା କରିଥିଲେ। ଏହି ଅବସରରେ ଲେଖକ ଡ.ପ୍ରତାପ କେଶରୀ ପଣ୍ଡାଙ୍କ ପୁସ୍ତକ ଭାବେଁ କାଏଁ ଅଭାବକୁ ଅତିରିକ୍ତ ଜିଲ୍ଲାପାଳ ସାହୁ ଉନ୍ମୋଚନ କରିଥିଲେ।

## ଜମନକିରା ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

**ଜମନକିରା, ୨୨।୧୧(ସମିସ):** ଜମନକିରା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଜମନକିରା ବିଡିଓ ରବୀନ୍ଦ୍ର କୁମାର ସେଠୀ, ମୁଖ୍ୟବକ୍ତା ଭାବରେ ମନୋଜ କୁମାର ପଣ୍ଡା ଅଧ୍ୟକ୍ଷ କୁଚିଣ୍ଡା ମହାବିଦ୍ୟାଳୟ, ମୁଖ୍ୟଅତିଥି ଭାବରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗ ଦେବାକୁ ସହମତି ଦେଇଥିଲେ। କିନ୍ତୁ ମନ୍ତ୍ରୀଙ୍କ ଅନୁପସ୍ଥିତିରେ ସରପଞ୍ଚ ବଡରମା ତଥା ମଣ୍ଡଳ ସଭାପତି ଜମନକିରାତାଙ୍କର ପ୍ରତିନିଧି ବିଜୟ କୁମାର ନାଏକ ତାଙ୍କର ପ୍ରତିନିଧି ଭାବରେ ଯୋଗଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସାଲେକରାମ ପ୍ରଧାନ, ସମ୍ପାଦକ ନାରାୟଣ ସାହୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ସୁରଳୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁମା ଛବିରାଣୀ ଗଡ଼ନାୟକ ବୌଧିକ ପରିଚାଳନା କରିଥିଲେ। ଗୁରୁମା ସସ୍ମିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ ଉତ୍ସବ ଉପଲକ୍ଷେ ବିଦ୍ୟାଳୟ ରେ ହୋଇ ଥିବା ବିଭିନ୍ନ ପ୍ରତି ଯୋଗିତା ପୁରସ୍କାର ଶିଶୁଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ ଶିଶୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## କୁଚିଣ୍ଡା ମହାବିଦ୍ୟାଳୟରେ ଶିକ୍ଷା ବିଭାଗର ପାଠଚକ୍ର

**କୁଚିଣ୍ଡା, ୨୨।୧୧(ସମିସ):** ଭାରତୀୟ ଶିକ୍ଷା ଦର୍ଶନ ଉପରେ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ପରିସୀମାର ବୃଦ୍ଧି ଲକ୍ଷ୍ୟରେ କୁଚିଣ୍ଡା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଶିକ୍ଷା ବିଭାଗ ତରଫରୁ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଓ ମହାତ୍ମାଗାନ୍ଧୀଙ୍କ ଶିକ୍ଷା ଦର୍ଶନ: ବ୍ରିଟିଶ ଶିକ୍ଷା ବ୍ୟବସ୍ଥାର ସମାଲୋଚନା ଏବଂ ଏକ ନୂତନ ବିକଳ୍ପ' ।ଶୀର୍ଷକରେ ଛାତ୍ରଛାତ୍ରୀମାନେ ପାଠଚକ୍ର ରେ ସେମାନଙ୍କ ଜ୍ଞାନ ଓ ଅନୁଭବକୁ ନିବନ୍ଧ ଉପସ୍ଥାପନ କରିଥିଲେ। ବିଭାଗୀୟ ମୁଖ୍ୟ ଡ.ମେନକା ନାୟକ ସ୍ୱାଗତ ଅଭିଭାଷଣ ସହିତ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଶିକ୍ଷା ବିଭାଗର ଅନ୍ୟତମ ଅଧ୍ୟାପିକା ବେଲମତି କୁମୁରା ଶିର୍ଷକର ମହତ୍ତ୍ୱ ଓ ସାରମର୍ମ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଡ.ସୁମନ୍ତ କୁମାର ପଟେଲ୍ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିବା ବେଳେ ରାଜନୀତି ବିଭାଗର ବିଭାଗୀୟ ମୁଖ୍ୟ ଡ.ସୁଧାଂଶୁ କୁମାର ମହାପାତ୍ର ମହାପାଗାନ୍ଧୀଙ୍କ ଜୀବନ ଦର୍ଶନ, ସତ୍ୟାଗ୍ରହ ଏବଂ ରାଷ୍ଟ୍ର ନିର୍ମାଣର ପୃଷ୍ଠଭୂମି ଏବଂ ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ଡ. ପ୍ରକାଶ ଚନ୍ଦ୍ର ପଟେଲ ଭାରତୀୟ ଶିକ୍ଷା ବ୍ୟବସ୍ଥା ସହିତ ପାଶ୍ଚାତ୍ୟ ଶିକ୍ଷା ବ୍ୟବସ୍ଥାର ତୁଳନା, ପ୍ରୟୋଗବାଦି ଶିକ୍ଷାର ଭୂମିକା, ପରୀକ୍ଷଣମୂଳକ ଶିକ୍ଷା ପ୍ରଣାଳୀ, ବିଷୟରେ ଯଥାକ୍ରମେ ପ୍ରାଞ୍ଜଳ ଭାବେ ବର୍ଣ୍ଣନା କରିଥିଲେ। ଶୋଭାରାଣୀ ପାତ୍ର, ରଶ୍ମିତା ସାହୁ, ଅଜୟ ନାୟକ, ସୁବାଷ କିଶାନ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଶିକ୍ଷା ଦର୍ଶନ ଉପରେ ଏବଂ ଧରିତ୍ରୀ ରୋହିଦାଶ, ବର୍ଷାରାଣୀ କେନ୍ଥୁ, ମମତା ମାହାତ, ରେଶ୍ମା କିଶନ, ଧଲେନ୍ଦ୍ର ବାଗ ଓ ପ୍ରିନ୍ସ ଦେହୁରୀ ' ମହାତ୍ମାଗାନ୍ଧୀଙ୍କ ଶିକ୍ଷା ଦର୍ଶନ ଉପରେ ପାଠଚକ୍ର ଉପସ୍ଥାପନା କରିଥିଲେ। ଶୋଭାରାଣୀ ପାତ୍ର, ରଶ୍ମିତା ସାହୁ, ଅଜୟ ନାୟକ, ସୁବାଷ କିଶାନ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଶିକ୍ଷା ଦର୍ଶନ ଉପରେ ଏବଂ ଧରିତ୍ରୀ ରୋହିଦାଶ, ବର୍ଷାରାଣୀ କେନ୍ଥୁ, ମମତା ମାହାତ, ରେଶ୍ମା କିଶନ, ଧଲେନ୍ଦ୍ର ବାଗ ଓ ପ୍ରିନ୍ସ ଦେହୁରୀ ମହାତ୍ମାଗାନ୍ଧୀଙ୍କ ଶିକ୍ଷା ଦର୍ଶନ ଉପରେ ପାଠଚକ୍ର ଉପସ୍ଥାପନା କରିଥିଲେ। କର୍ଯ୍ୟକ୍ରମକୁ ଦ୍ୱିତୀୟ ବର୍ଷ ଛାତ୍ର ଧରଣୀ କିଶାନ ପରିଚାଳନା କରିଥିବା ବେଳେ ତୃତୀୟ ବର୍ଷ ଛାତ୍ରୀ ମୌସୁମି ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ଡ.କେଶବ ଚନ୍ଦ୍ର ମେହେରଙ୍କ ଜନ୍ମ ଶତବାର୍ଷିକୀ

**ବରଗଡ଼, ୨୨।୧୧(ସମିସ):** ସ୍ଥାନୀୟ ଗାନ୍ଧୀ ଭବନରେ ଡ.କେଶବ ଚନ୍ଦ୍ର ମେହେରଙ୍କ ଜନ୍ମ ଶତ ବାର୍ଷିକୀ ସମାରୋହରେ ଆୟୋଜିତ ହୋଇ ଯାଇଛି। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ତଥା ପ୍ରଖ୍ୟାତ ବାନ୍ଧ ଗବେଷକ ଡ.କେଶବ ଚନ୍ଦ୍ର ମେହେରଙ୍କୁ ସରକାର ଓ ପ୍ରଶାସନ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବା ସହ ତାଙ୍କର ସ୍ମୃତିରକ୍ଷା ସକାଶେ ପଦକ୍ଷେପ ନେବାକୁ କେଶବ ମେହେର ସ୍ମୃତି ସମିତି ପକ୍ଷରୁ ଦାବି ହୋଇଛି। ମୁଖ୍ୟ ଅତିଥି ଭାବେ ଛତିଶଗଡ଼ ମେହେର (ଭୁଲିଆ) ସମାଜର ଯୁବ ସଭାପତି ଅରୁଣ ମେହେର ଯୋଗ ଦେଇଥିଲେ। ବାନ୍ଧ କଳା ପ୍ରତି ଡ.ମେହେରଙ୍କ ଅତୁଳନୀୟ ଅବଦାନ ଯୋଗୁଁ ବାନ୍ଧ କଳା ଶିଳ୍ପୀମାନଙ୍କ ମଧ୍ୟରେ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ମତ ପ୍ରକାଶ ପାଇଥିଲା। ଡ.ମେହେରଙ୍କ ଓଡ଼ିଆ ସାହିତ୍ୟ ଓ ମେହେର ସମାଜ ପ୍ରତି ଅବଦାନ ଉପରେ ଆଲୋକପାତ କରିବା ସହ ଛତିଶଗଡ଼ରେ ମଧ୍ୟ ସ୍ୱଭାବ କବି ଗଙ୍ଗାଧର ମେହେର ଓ କେଶବ ମେହେରଙ୍କ ପ୍ରତିଭାର ପ୍ରସାର ପ୍ରସାର ସକାଶେ ସଭା କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ଅଧ୍ୟାପକ ପୁଷ୍ପ ମେହେର ଯୋଗ ଦେଇଥିଲେ। ପଶ୍ଚିମଓଡ଼ିଶାର ବାନ୍ଧକଳା ପୃଥିବୀର ଅନ୍ୟତମ ଶ୍ରେଷ୍ଠ କଳା ବୋଲି କହିଥିଲେ। ସମ୍ମାନିତ ଅତିଥି କବି ଦିବ୍ୟକିଶୋର ଦେବତା, ନାଟ୍ୟକାର କେଶରଞ୍ଜନ ପ୍ରଧାନ ଡ.ମେହେରଙ୍କ ସାହିତ୍ୟ ସାଧନାର ଭୂୟସୀ ପ୍ରଶଂସା କରିଥିଲେ। ସାହିତ୍ୟିକ ଡ.ସୁବାସ ମେହେର ସଭାରେ ସଭାପତିତ୍ୱ କରି ଥିଲେ। ଅତିଥିମାନେ 'କେଶବ କ୍ରାନ୍ତି' ସ୍ମରଣିକା ଉନ୍ମୋଚନ କରିଥିଲେ। ଏହି ଅବସରରେ ବିଶିଷ୍ଟ ବାନ୍ଧଶିଳ୍ପୀ କୌସ୍ତୁଭ ମେହେର, ବୟନ କଳା ପାଇଁ ବୌଦ୍ଧର ସୁରୁବାବୁ ମେହେର, ହବସପୁରୀ ଶାଢ଼ିର ପ୍ରଶିକ୍ଷକ କଳାହାଣ୍ଡିର ଜଳନ୍ଧର ମେହେର, ସମ୍ବଲପୁରୀ ବାନ୍ଧ କଳା ଡିଜାଇନର ବରଗଡ଼ର ମୀନକେତନ ମେହେର ଓ ସମ୍ବଲପୁରୀ ହାତବୁଣା ଲୁଗା ଉତ୍ପାଦିକା ଭାବେ ସମ୍ବଲପୁର ଜିଲା ଅନ୍ତର୍ଗତ କର୍ଡୋଲାର ସୀମା ମେହେରଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ବ୍ୟଙ୍ଗ କବି ମନୋରଞ୍ଜନ ସାହୁ, ଶିଶୁ ସାହିତ୍ୟିକ ରବିନାରାୟଣ ସାହୁ 'ସମାଜ'ର ବରିଷ୍ଠ ସହସମ୍ପାଦକ ସୁଜିତ ମିଶ୍ର, ଗାଳ୍ପିକ ଆନନ୍ଦ ମେହେର ପ୍ରମୁଖ ତାଙ୍କର ପ୍ରତିଭାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଔପନ୍ୟାସିକ ତେଜରୁ ବାରିକ ସଭା ସଂଯୋଜନା କରିଥିଲେ। ସୁମନା ମେହେର, ନନ୍ଦିନୀ ମେହେର, ଶେଫାଳି ମେହେର ଡ.ମେହେରଙ୍କ କବିତା କଲ୍ୟାଣୀ ତୁମେ ଆସ... କବିତା ଆବୃତ୍ତି କରିଥିଲେ। ସ୍ୱାଗତ ସଙ୍ଗୀତ ତାରା ପ୍ରସାଦ ମେହେର ଗାନ କରିଥିବା ବେଳେ ଉଦଯାପନୀ ସଙ୍ଗୀତ ଗାନ କରିଥିଲେ ମୀନକେତନ ମେହେର। ରୋହିତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଧନପତି ମହାପାତ୍ର, ଶେଷନ ବିଶି, ଗଜରାଜ ମେହେର, ତେଜରାଜ ମେହେର, ଅଶୋକ ମେହେର, ବିଚିତ୍ର ମେହେର, ଚୂଳସୁନ୍ଦର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ତରଣୀସେନ ଗୁରୁ, ନରେନ୍ଦ୍ର ମହାନ୍ତି, ଆକାଶ ମିଶ୍ର, ରାଜେନ୍ଦ୍ର ଚଇନି ପ୍ରମୁଖ ସହଯୋଗ କରିଥିଲେ।



## ଭୋଜପୁର ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ଜମନକିରା, ୨୨।୧୧(ସମିସ):** ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶା ଦ୍ୱାରା ପରିଚାଳିତ ଜମନକିରା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବରେ ପୂର୍ବତନ ଗୁଣ୍ଡୁରୁଟୁଆ ମଣ୍ଡଳ ସଭାପତି ଦୁଷ୍ମନ୍ତ ନାୟକ, ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ଗବେଷକ ତଥା ଶିକ୍ଷକ ଡ଼ ଗୌରିଦାସ ପଧାନ, ସମ୍ମାନିତ ଅତିଥି ଭାବରେ ସ୍କୁଲ ପରିଚାଳନା କମିଟି ସମ୍ପାଦକ ରତି କାନ୍ତ କିସାନ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଜୟ କୃଷ୍ଣ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ ।ଅତିଥିମାନେ ପ୍ରଥମେ ଦୀପ ପ୍ରଜ୍ୱଳନ କରିଥିଲେ। ଶେଷରେ ସ୍କୁଲ ପରିଚାଳନା କମିଟି ଉପସଭାପତି ସୁପ୍ରଭା ମହାକୁଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ପୁରସ୍କାର ବିତରଣ ପରେ କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।







JDM INTER DISTRICT COMPETITIONS (Any One)

| Group | Grade | Date | Item - I | Item - II | Item - III |
|---|---|---|---|---|---|
| A | Nursery - U.K.G | 7th Dec. 2025 | Fancy Dress | Rhymes (Eng. only) | ***** |
| B | Std. I & II | 7th Dec. 2025 | Poem Recitation (Eng. only) | Colouring | ***** |
| C | Std. III - V | 7th Dec. 2025 | Impersonation (Hindi/Odia/English) | Craft | Dance (90s) |
| D | Std. VI - VIII | 7th Dec. 2025 | Extempore (Eng. only) | Song (Patriotic) | Dance (Devotional/Mythological) |
| E | Std. IX - XII | 7th Dec. 2025 | Dance (Free Style) | PPT (Topic: AI and PRIVACY : ARE WE SAFE IN A SMART WORLD?) | Song (Devotional) |

A participant can participate in any one of the selected items from each group.
Registration FREE from 17th Nov 2025 to 4th Dec 2025.
Registrations can be done at school or through Online
https://forms.gle/GeFND1Z66TBTpvDU6 or SCAN the code
Additional information related to the competitions will be intimated through WHATSAPP.
Place of Registration :
SBD INTERNATIONAL SCHOOL
Affiliated to CBSE, New Delhi
New Campus : Gopabandhupur, Beside NH-16, Bhadrak
CONTACT US
7855080800
7077710014
9078112324
7077710012
ADMISSION OPEN
NURSERY-IX, XI (Sci.,Comm. & Arts)
For NEW SESSION 2026-27
HOSTEL FACILITY Available for BOYS & GIRLS
For admission enquiry link → https://forms.gle/fLc2YHNNCf7AjsXJ7


# ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ପାଇକମାଳ, ୨୨।୧୧(ସମିସ)

ପାଇକମାଳ ସ୍ଥିତ ଯମୁନା କନ୍ଧୁଣି ବାଳିକା ଉଚ୍ଚ ବିଦ୍ୟାଳୟ ୩୩ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ନୃସିଂହନାଥ ମନ୍ଦିର ଟ୍ରଷ୍ଟି ଦ୍ୱାରା ୧୯୯୩ ମସିହାରେ ପ୍ରଭୁ ନୃସିଂହ ଠାକୁରଙ୍କୁ ପାଇଥିବା ଯମୁନା କନ୍ଧୁଣି ନାମରେ ପ୍ରତିଷ୍ଠା ହୋଇଥିବା ଯମୁନା କନ୍ଧୁନୀ ବାଳିକା ଉଚ୍ଚ ବିଦ୍ୟାଳୟର ୩୩ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ସ୍କୁଲ ପରିଚାଳନା କମିଟି ସଭାପତି ନିରୁପମା ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ମେଜର ଚିତ୍ତରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ବିଡିଓ ପ୍ରଫୁଲ୍ଲ ଅଦୁ, ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ଅଦନ ସୁନା, ନୃସିଂହନାଥ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୋଷତ୍ତମ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏଥି ସହ ଅଞ୍ଚଳରେ ଯମୁନା କନ୍ଧୁଣି ବାଳିକା ଉଚ୍ଚ ବିଦ୍ୟାଳୟ ବହୁ ଛାତ୍ରୀ ବହୁ ପ୍ରତିଭାର ଅଧିକାରୀ ସାଜିଥିବାରୁ ସ୍କୁଲ ପରିଚାଳନା କମିଟି ସଭାପତି ନିରୁପମା ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ପ୍ରଧାନ ଶିକ୍ଷକ ସୁଶାନ୍ତ ପଣ୍ଡା ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସଭାକୁ ଶିକ୍ଷୟିତ୍ରୀ ଅନିମାରାଉତ ସଞ୍ଚାଳନ କରିଥିଲେ। ଏ ବର୍ଷ ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରେମାନନ୍ଦ ବାରିକଙ୍କୁ ହଟକିଶୋର ପାଣିଗ୍ରାହୀ ସମ୍ମାନରେ ସମ୍ମାନିତ କରା ଯାଇଥିଲା। ବିଦ୍ୟାଳୟ ଛାତ୍ରୀ ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ସମ୍ମାନିତ କରା ଯାଇଥିଲା। ବିଦ୍ୟାଳୟ ଏହି ଉତ୍ସବରେ ଶିକ୍ଷୟିତ୍ରୀ ଉଷା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀଶ୍ରୀ ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ବିଦ୍ୟାଳୟରେ ଆବଶ୍ୟକତାକୁ ଅନୁଭବ କରି ଏକ ସୁଲଭ ଶୌଚାଳୟ ନିର୍ମାଣ ପାଇଁ ଘୋଷଣା କରିବା ସହ ଏହାକୁ ସାଂସଦ ପ୍ରଦୀପ ପୁରୋହିତଙ୍କ କରକମଳରେ ଶିଳାନ୍ୟାସ କରାଯାଇଥିଲା।



ସୃଜନିକା

ସକାଳ
THE SAKALA
www.sakalaepaper.com



# କଟନ୍ କ୍ୟାଣ୍ଡି



ଡା. ଇପ୍‌ସିତା ପ୍ରଧାନ

କଳା ରଙ୍ଗର ହୁଡ୍‌ଡି ପିନ୍ଧା ଛୁଆଟା, ଟିକେ ଛାଡ଼ି ଟିକେ ତା' ବାପା ହାତକୁ ଟାଣୁଛି "...ବାପା, କଟନ୍ କ୍ୟାଣ୍ଡି...ବାପା, କଟନ୍ କ୍ୟାଣ୍ଡି.....ବାପା, କଟନ୍ କ୍ୟାଣ୍ଡି..."

ଦୁଇ ଦିନ ହେଲା ପାର୍କରେ କ'ଣ ଗୋଟେ ଗପ-ଫେଷ୍ଟ ଚାଲିଛି ଯେ, ସନ୍ଧ୍ୟା ହେଲେ ଗପ ଶୁଣିବାକୁ ଭିଡ଼ ଜମୁଛି । ଭଲ ବେପାର ହେଉଛି ସେଇଥିପାଇଁ ଦି' ଦିନ ହେଲା । ଆଜିବି ଆସିଲା ପରଠୁ ୨୦ଟା ବେଲୁନ ଆଉ ୧୧ ଟା କଟନ୍ କ୍ୟାଣ୍ଡି ବିକି ସାରିଲାଣି ସୋମୁ । ଏମିତି ଫେଷ୍ଟିଭାଲ୍ ଟାଇମ୍‌ରେ ଭଲ ବେପାର ହୁଏ । ସେଇ କଥା ମନେମନେ ହିସାବ କରି ଆଜି, ସ୍କୁଲରୁ ଘରକୁ ନ ଯାଇ ସିଧା ମାଲିକ ପାଖକୁ ଯାଇ, ମାଲ୍ ଆଣି ପାର୍କ ଗେଟ୍ ସାମ୍ନାକୁ ପଳେଇ ଆସିଥିଲା ସେ । ଟିକେ ଅଧିକା ବେପାର ହେଲେ, ମାଲିକ ୧୦ ଟଙ୍କା ଦେଲେ ଗୋଟିଏ କଟନ୍ କ୍ୟାଣ୍ଡି ଦେଇଦିଏ । ଆଜି ଫେରିଲା ବେଳେ ରୋଜି ପାଇଁ ଗୋଟେ କଟନ୍ କ୍ୟାଣ୍ଡି ଯେମିତି ହେଲେ ନେବ ସେ । କଟନ୍ କ୍ୟାଣ୍ଡି ଭାରି ପସନ୍ଦ ରୋଜିର । ତା' କୁନିକୁନି ଆଙ୍ଗୁଠିରେ ଗୋଲାପି କଟନ୍ କ୍ୟାଣ୍ଡିରୁ ଟିକେ ଟିକେ କରି ନଖେଇ-ନଖେଇ ଖାଏ ସେ । ପ୍ରତିଥର ପାଟିରେ ଟୁକୁଡ଼ାଟେ ରଖିଲା ପରେ ଘେରାଏ ନାଚି ଯାଏ ।

ଦିନେ ପାଉଣା ପାଇ ସାରିବା ପରେ, ଦଶଟଙ୍କା ଦେଇ ମାଲିକଠୁ କଟନ୍ କ୍ୟାଣ୍ଡି ଗୋଟେ ମାଗିକି ନେଇଥିଲା ରୋଜି ପାଇଁ ଯେ... ଘରଭଡ଼ା ଦିଆ ହୋଇପାରୁନି କାଇଁ ଦଶ ଟଙ୍କା ବର୍ବାଦ କଲା କହି ମା' ବାଡ଼େଇ ନୋଳା ଫଟେଇ ଦେଇଥିଲା । ଆଇ ରାଣ-ନିୟମ କଲା ପରେ ଅଟକି ଥିଲା ମା' । ବାପା ଗଲା ପରଠୁ, ଦି ବର୍ଷ ହେଲା କେତେ କଷ୍ଟରେ ସଂସାର ଚଳୁଛି, କ୍ୟାଣ୍ଡି ଖାଇବାକୁ ଜିଦ୍ଦି କରୁଛି କହି ରୋଜିକୁ ବି ଦୁଇ-ଚାରି ବିଧା ଥୋଇଥିଲା । ପିଲାଙ୍କୁ ବାଡ଼େଇ ସାରି ପାହାନ୍ତା ଯାଏ ନିଜେ ବାହୁନୁ ଥିଲା ମା' । ରାତିରେ ତା' ନୋଳାଫଟା ପିଠିକୁ ଆଉଁଶୁ ଆଉଁଶୁ ରୋଜି କହିଥିଲା, "ବାପା ନଫେରିବା ଯାଏଁ ମୁଁ ଆଉ କଟନ୍ କ୍ୟାଣ୍ଡି ପାଇଁ ଜମା ଜିଦ୍ଦି କରିବିନି ଭାଇ ।"

ପକେଟରେ ହାତ ପୂରାଇ ମନେମନେ ଗଣିଲା ସୋମୁ । କାଲିଠୁ ହିସାବ କରିଛି ସେ । ଦୋକାନ ବାକି ଆଉ ଆଇର କାଶ ଓଷଦ କିଣିଲା ପରେ ଆଉ ୫୦ ଟଙ୍କା ତଥାପି ବଳିବ ତା' ହାତରେ । ଛୋଟିଆ ଉଜ୍ଜ୍ୱଳ ହସଟେ ତା' ଓଠ ଉପରେ ଖେଳିଗଲା । ହାତରେ କଟନ୍ କ୍ୟାଣ୍ଡି ପାଇଲେ ରୋଜି କେମିତି ଖୁସିରେ ଡେଇଁବ, ତାକୁ ଗେଲ କରି ପକେଇବ, ବିଲେଇ ଛୁଆଟେ ପରି ତା' ପାଖରେ ଗୁଞ୍ଜି ହେବ, ଆଖି ଆଗରେ ନାଚି ଯାଉଥାଏ ସୋମୁର । ପାର୍କ ଗେଟ୍ ପାଖରୁ ଟାଣି ଟାଣି ସେ କଳା ହୁଡ୍‌ଡି ପିନ୍ଧା ଛୁଆଟା ତା' ବାପାକୁ ସୋମୁ ସାମ୍ନାରେ ଆଣି ଠିଆ କରି, ପୁଣି କଟନ୍ କ୍ୟାଣ୍ଡି ପାଇଁ ଜିଦ୍ଦି କଲା । ଲୋକଟି ଯଦି ତା' ଜିଦ୍‌ରେ ଏବେ କଟନ୍ କ୍ୟାଣ୍ଡିଟେ କିଣି ଦିଅନ୍ତା, ତା' ହିସାବ ଅନୁସାରେ ସବୁ ଠିକ୍ ବସି ଯାଆନ୍ତା, ଭାବୁଥାଏ ସୋମୁ ।

ବାପା ଜଣକ କଟନ୍ କ୍ୟାଣ୍ଡି କିଣିବାକୁ ମନା କଲାବେଳେ ଛୁଆଟି ଜିଦ୍ ଧରିଥାଏ । "ଲୋକଟି କଟନ୍ କ୍ୟାଣ୍ଡି କିଣିବାକୁ ରାଜି ହୋଇଯାଉ" ବୋଲି ସୋମୁ ମନେମନେ ଠାକୁରଙ୍କୁ ପ୍ରାର୍ଥନା କରୁଥାଏ! ■

ଭୁବନେଶ୍ୱର
ମୋ: ୮୦୧୮୦୫୩୩୯୫

# ମୁକ୍ତିଘର



ଅମ୍ରିତ୍ ଋତୁରାଜ

ଏଇ ଚାରିକାନ୍ଥର
ପରସ୍ତ ପରସ୍ତ ପୁରୁଣା ଚୂନ
ମଳି ହେଇଥିବା ପୁଟି
ଚମ ଛାଲି ହେଇଥିବା ଚଟାଣ
ବାର ଶହ ଆତ୍ମାକୁ
ମୁକ୍ତ କରିଦେଇଛନ୍ତି
ନୂଆ କୋଉ ଜାଗା ଯିବାକୁ ।
ଏଇ କୋଠରି ବାର ଶହ ଆତ୍ମାର
ଖୋଳପାକୁ ପୋଡ଼ା ହେବା
ଦେଖିଲେ ମଣିକର୍ଣ୍ଣିକାରେ
ଏତେ ଶବର ବୋଝ ବୋହିଥିବା
କୋଠରି କ'ଣ ଏବେ ପ୍ରେତଶାଳା?
ନା ଭୟର ଏକଛତ୍ର ରାଜୁତି ସେଇଠି?
ସେଇଠି କ'ଣ ଆତ୍ମାମାନେ
ତାଙ୍କ ଅତୃପ୍ତତାରେ ବାରମ୍ବାର
ସେ କାନ୍ଥର ଚୂନକୁ ରାମ୍ପୁଡ଼ା ରାମ୍ପୁଡ଼ି
କରୁଛନ୍ତି ଆକ୍ରୋଶରେ?

ଏଠି ଅତୀତର ଆଙ୍ଗୁଳି
ପିନ୍ଧିଥିଲା ମୃତ୍ୟୁର ମୁଦି
ମୁକ୍ତ ହେବାକୁ ତର ତର ଆତ୍ମା
ଅପେକ୍ଷା କରିଥିଲା
ଅସ୍ତିତ୍ୱ ନିଜକୁ ସମର୍ପି ଦେବାକୁ
ଅନଳରେ ଇଚ୍ଛା ଅନିଚ୍ଛା ବିନା

ଇଏ ତ ଆଲିଙ୍ଗନର କୋଠରି
ଚାରିକାନ୍ଥର ଅନ୍ଧାରିଆ କୋଣ ସବୁ
ବାର ଶହ ଆଲିଙ୍ଗନ ଦେଖି ଦେଖି
ସଭିଏଁ ପିନ୍ଧିଛନ୍ତି ମୁକ୍ତିର ବିଭୂତି
ଇଏ ତ 'ମୁକ୍ତି ଘର'

ତା' ପାଇଁ ମୃତ୍ୟୁ ତ କେବଳ
ପରିଧାନ ବଦଳି
ସେ ଚିହ୍ନିଛି ସେ ଆତ୍ମାମାନଙ୍କୁ
ଯେଉଁମାନେ ସ୍ମିତ ହାସ୍ୟର
ବିଦାୟ ନେଇ ଚାଲିଗଲେ
ପଞ୍ଚଭୂତର ଆରପଟ ଉପତ୍ୟକାକୁ ।

ମୁକ୍ତିଘର ଅପେକ୍ଷା କରିଛି
ତା' ନୂଆ ଆଗନ୍ତୁକକୁ
କାମନାରୁ ବିଚ୍ଛିନ୍ନ କରିବାକୁ
ଯେ ପଞ୍ଜୁରି ଖୋଲିଗଲା
ହେଇଯାଅ ମୁକ୍ତ ପଥର ଅରଣୀ ବିହଙ୍ଗ ।
ହେଇଟି! ନୂଆ ଆଗନ୍ତୁକ ଆସିଗଲେ
ଦେଖ! ନିରିଖେଇ କି ଦେଖ
କିଛି ବର୍ଷ ଆଗରୁ ସେ
ତମ ଭଳି ହିଁ ଦିଶୁଥିବେ
କିଛି ବର୍ଷ ପରେ ତମେ ବି ତାଙ୍କ ଭଳି ଦିଶିବ । ■



# ହଁ ହଁ ଆମେ ପଶୁ



ଅମରେନ୍ଦ୍ର ମାଧବ ଦାଶ

ଆମେ ହୋଇପାରିଲୁନି ମଣିଷ
ପଶୁ ହୋଇ ରହିଗଲୁ ଚିରକାଳ...

ଆମ ପ୍ରଥା, ପରମ୍ପରା,
ଆମ ଚାଲି, ଚଳଣି,
ଆମ ସମାଜ ଓ ସଂସ୍କୃତି
ସେମାନଙ୍କ ସଭ୍ୟତାର ମାପକାଠିରେ
ଉତୁରି ପାରିଲାନି ବର୍ଷବର୍ଷ ଧରି...

ଆମ ଭଲପାଇବାର ଭାଷା
ସେମାନଙ୍କ ପାଇଁ ସାଜିଲା
ଦୁର୍ବୋଧ, ଦୂରୁହ, ଅଶ୍ଳୀଳ, ଅସଭ୍ୟ
ଆମ ଉଚ୍ଚାରଣ, ଆଚରଣ ଶୁଭିଲା
ସେମାନଙ୍କ କାନକୁ କଠୋର, କର୍କଶ...

ଯଦିଓ ଆମ ପରି
ସେମାନଙ୍କର ବି ଥିଲା
ଆଖି, କାନ, ନାକ, ପାଟି
ହାତ, ଗୋଡ଼, ଦେହ, ମୁଣ୍ଡ
ଆମକୁ ଲାଗୁଥିଲା
ସେମାନଙ୍କ ପରି ଆମେ ବି ସମାନ ମଣିଷ...

ଆମ ଭାବନା ଯେତିକି ଥିଲା ସ୍ୱଚ୍ଛ
ସେମାନଙ୍କ ପାଇଁ ସେତିକି ଥିଲା ଅପହଞ୍ଚ,
ପଛୁଆ, ନୀଚ, ଆଦିମ, ଆଦିବାସୀର ବିଶେଷଣ
ଘେରି ରହିଥିଲା ତାଙ୍କ ଚିନ୍ତା ଚେତନାରେ...

ଆମ ସରଳତାକୁ ଅସଭ୍ୟ କହି
ଆମ ବିଶ୍ୱାସକୁ ଅନ୍ଧବିଶ୍ୱାସ ନାଁ ଦେଇ
ଆମ ପରମ୍ପରାକୁ କୁସଂସ୍କାର ମନେକରି
ଆମ ସ୍ୱାବଲମ୍ବନକୁ ଅଶିକ୍ଷିତର ମାର୍କା ମାରି
ସେମାନେ ରଚିଲେ ବଡ଼ ଷଡ଼ଯନ୍ତ୍ର
ଟାଣିଦେଲେ ଅଭେଦ୍ୟ ଲକ୍ଷ୍ମଣରେଖା...

ଏଥର ଆମକୁ
ଅଲଗା କରିଦେଲେ ସବୁଥିରୁ ସେମାନେ
ତଥ୍ୟରୁ, ତାଲିକାରୁ
ସମାଜରୁ, ସରକାରରୁ
ଅନ୍ୟ ଏକ ଗ୍ରହର ଜୀବ ମନେକରି
ଆଉ ଆମ ନାଁ ଦେଇ ଦେଲେ 'ପଶୁ' ।।


ଆହା!
ମଣିଷ ଭିତରର ପଶୁତ୍ୱକୁ ଦେଖିଲୁ ଏଥର...।। ■

ଭୁବନେଶ୍ୱର
ମୋ.: ୯୪୩୭୩୫୯୯୪୫

# ପୁସ୍ତକ ପରିଚୟ

## ପିଠା ନେଇଗଲା ଡାମରାକାଉ

ସଂଗ୍ରାମ କେଶରୀ ପୃଷ୍ଟି




ବିଦ୍ୟା ପ୍ରକାଶନ
ବାଲୁବଜାର, କଟକ-୨
ପ୍ରଥମ ସଂସ୍କରଣ ୨୦୨୪
ମୂଲ୍ୟ : ୨୦୦ ଟଙ୍କା

ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କ 'ପିଠା ନେଇଗଲା ଡାମରାକାଉ' ପୁସ୍ତକ ପ୍ରକାଶ ପାଇଛି । ଏହି ପୁସ୍ତକରେ ୨୦ ଟି ମନଲୋଭା ଶିଶୁ ଗପ ସଂକଳିତ ହୋଇଛି । 'ଚଢ଼େଇ ଗଲା ଉଡ଼ି', 'ଗା'... ଲୋ କୋଇଲି ଗା'...', 'ଏ ରାସ୍ତା କୁଆଡ଼େ ଯାଇଛି?', 'ଆ'ରେ କାଉ ଆ'...', 'ହଇରେ କୁଲୁ...ଏଇଆ କଲୁ!', 'ପିଠା ନେଇଗଲା ଡାମରାକାଉ', 'ନିଆଁ ଓ ଲଣ୍ଠନ', 'କଳା କୋଇଲିର ଗୀତ ମିଠା...ମିଠା...', 'ଆଖିବୁଜି ଧାଉଁଥା', 'ପଇଡ଼ ବଡ଼ ମଧୁର' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ପ୍ରତିଟି ଗପ ଶିକ୍ଷଣୀୟ ଓ କୌତୁକିଆ ହୋଇଛି । କାଉ,କୋଇଲି,ବଗ, କୁଆ, ବିଲୁଆ, ହନୁମାଙ୍କଡ଼, ଭାଲୁ, ହରିଣ ଆଦି ବିଭିନ୍ନ ପଶୁପକ୍ଷୀଙ୍କୁ ନେଇ ଏହି ପୁସ୍ତକର ଗପଗୁଡ଼ିକର କାହାଣୀ ଗତିଶୀଳ ହୋଇଛି । କାହାଣୀ ମାଧ୍ୟରେ ଗାଳ୍ପିକ ଅନେକ ଶିକ୍ଷଣୀୟ,ଉପଦେଶମୂଳକ କଥା ବର୍ଣ୍ଣନା କରିଛନ୍ତି । ଗପଗୁଡ଼ିକର ସରଳ ଓ ବୋଧଗମ୍ୟ ଭାଷା, କୌତୁକିଆ କାହାଣୀ, ନିଆରା ଉପସ୍ଥାପନା ଶୈଳୀ ପାଠକମାନଙ୍କୁ ଆକର୍ଷିତ କରିବ ନିଶ୍ଚୟ । ଆକର୍ଷଣୀୟ ରଙ୍ଗିନ ଛବି ସହ ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ଶ୍ରୀକ୍ଷେତ୍ରର ଶହେ କଥା

ଡକ୍ଟର ନୀଳମଣି ଲେଙ୍କା



ପ୍ରଭୁ ପ୍ରକାଶନ
କୁମ୍ଭାର ସାହି, ବିଡ଼ାନାସୀ, କଟକ
ପ୍ରଥମ ସଂସ୍କରଣ ୨୦୨୫
ମୂଲ୍ୟ : ୨୦୦ ଟଙ୍କା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ଅପାର । ଶ୍ରୀକ୍ଷେତ୍ର ଏକ ପବିତ୍ର ଭୂମି । ଶ୍ରୀକ୍ଷେତ୍ର ସହିତ ଜଡ଼ିତ ବିଭିନ୍ନ କଥା,କିମ୍ବଦନ୍ତୀ, ମନ୍ଦିର, ଦେବଦେବୀ, ମଠ, ଆଶ୍ରମ ଆଦିକୁ ନେଇ ପ୍ରକାଶ ପାଇଛି ଡକ୍ଟର ନୀଳମଣି ଲେଙ୍କାଙ୍କ 'ଶ୍ରୀକ୍ଷେତ୍ରର ଶହେ କଥା' । ଏହି ପୁସ୍ତକରେ 'ବାଟ ମଙ୍ଗଳା', 'ଅଠର ନଳା', 'କ୍ଷେତ୍ରାଧିଶ୍ୱରୀ ମା' ବିମଳା', 'ମା' ହରଚଣ୍ଡୀ', 'ମା' ରାମଚଣ୍ଡୀ', 'ସମୁଦ୍ର ଲହଡ଼ି ଓ ଲକ୍ଷ୍ମୀ', 'ସାଲବେଗଙ୍କ ସମାଧି ପୀଠ', 'ଭକ୍ତବନ୍ଧୁ ମହାନ୍ତିଙ୍କ ଆଶ୍ରମ', 'ଜଗନ୍ନାଥ ଦାସ ଓ ସାତଲହଡ଼ି ମଠ', 'କବୀର ଚଉରା ମଠ' ଆଦି ସଂପର୍କରେ ଆଲୋଚନା କରାଯାଇଛି । ସେହିପରି 'ଶ୍ରୀମନ୍ଦିରର ପୂର୍ବ ଦ୍ୱାର', 'ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାର', 'ଶ୍ରୀମନ୍ଦିରର ଉତ୍ତର ଦ୍ୱାର', 'ଶ୍ରୀମନ୍ଦିରର ଦକ୍ଷିଣ ଦ୍ୱାର', 'ସିଦ୍ଧ ହନୁମାନ', 'କାଞ୍ଚି ଗଣେଶ', 'କଳ୍ପବଟ', 'ଶ୍ରୀମନ୍ଦିରରେ ଶ୍ୱାନ ପୂଜା' ଆଦିର ମାହାତ୍ମ୍ୟ ସଂପର୍କରେ ବର୍ଣ୍ଣନା କରାଯାଇଛି । ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର, ଶ୍ରୀଜଗନ୍ନାଥଙ୍କ ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । ଗବେଷଣାଧର୍ମୀ, ତଥ୍ୟ ଓ ତତ୍ତ୍ୱ ଭିତ୍ତିକ ଏହି ପୁସ୍ତକଟି ଶ୍ରୀଜଗନ୍ନାଥ ପ୍ରେମୀ ଓ ଶ୍ରୀକ୍ଷେତ୍ର ସଂପର୍କରେ ଜାଣିବା ପାଇଁ ଆଗ୍ରହୀ ପାଠକମାନଙ୍କୁ ଆକୃଷ୍ଟ କରିବ ନିଶ୍ଚୟ । ■

## କିଛି ଖରା କିଛି ଛାଇ

ଡକ୍ଟର ଦୀପେନ କୁମାର ପଟ୍ଟନାୟକ



ସ୍ୱୟଂସିଦ୍ଧା ଫାଉଣ୍ଡେସନ୍
ନୀଳାଦ୍ରି ବିହାର, ଭୁବନେଶ୍ୱର -୨୧
ପ୍ରଥମ ସଂସ୍କରଣ ୨୦୨୫
ମୂଲ୍ୟ : ୨୨୦ ଟଙ୍କା

"ଆମ ଜୀବନଟା ସତେ
କିଛି ଖରା ଓ କିଛି ଛାଇର
ଖେଳ/ମାନ ଅଭିମାନ
ରୁଷାଫୁଲା ମାନଭଞ୍ଜନରେ
ବିତି ଯାଏ କେତେ କାଳ ।"
( କିଛି ଖରା କିଛି ଛାଇ)

ସତରେ ଜୀବଟା ଖରା,ଛାଇର ଲୁଚକାଲି ଖେଳ । ଜୀବନର ଏଭଳି ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି ଡକ୍ଟର ଦୀପେନ କୁମାର ପଟ୍ଟନାୟକଙ୍କ 'କିଛି ଖରା କିଛି ଛାଇ' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକରେ ୭୮ ଟି ମନଛୁଆଁ କବିତା ସଂକଳିତ ହୋଇଛି । 'କିଛି କଥା କିଛି ବ୍ୟଥା', 'ଅପେକ୍ଷା', 'ସବୁ ଅଛି କିଛି ନାହିଁ', 'ଆମ ଜୀବନେ ଫୁଲ ଓ କଣ୍ଟା','ଯନ୍ତ୍ରଣା', 'ବାସ୍ତବତା', 'ବାପା ତୁମେ ଚାଲିଗଲା ପରେ', 'ଆମ ଜୀବନର ରାସ୍ତା', 'ମୋବାଇଲ୍ ଫୋନ୍', 'ମାଉସୀ', 'ଭାଗବତ ଟୁଙ୍ଗୀ', 'ପ୍ରତୀକ୍ଷା', 'ମୁଁ ଯଦି ମରିଯିବି' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । ଏହି ପୁସ୍ତକର କେତେକ କବିତାରେ ସାମାଜିକ ବାସ୍ତବତା, ଜୀବନର ଗଭୀର ଜିଜ୍ଞାସାବୋଧ, ମାନବୀୟ ଭାବାବେଗ, ସଂସ୍କୃତି, ପରମ୍ପରାର ଚିତ୍ର ପ୍ରତିଫଳିତ ହୋଇଛି । ହାସ୍ୟ ଓ ବ୍ୟଙ୍ଗ ମାଧ୍ୟମରେ କବି ଅନେକ ସାମାଜିକ କୁସଂସ୍କାର ସଂପର୍କରେ ସଚେତନ କରାଇ ଦେଇଛନ୍ତି । 'କିଛି ଖରା କିଛି ଛାଇ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

# ପଣ୍ଡିତ ଗୋଦାବରୀଶଙ୍କ ଜୀବନାଲେଖ୍ୟ



ଅଧ୍ୟାପକ ଆଲୋକ ରଞ୍ଜନ ଷଡ଼ଙ୍ଗୀ

ଜୀବନ ବିତାଇ ଦେଉଥିବା ମଣିଷ କେବଳ ନିଜର ହୋଇ ବଞ୍ଚେ ଓ ମରେ କିନ୍ତୁ ଜୀବନକୁ ଉତ୍ସର୍ଗ କରିଦେଉଥିବା ମଣିଷ ସଭିଙ୍କର ହୁଏ ଓ ସଭିଙ୍କ ହୃଦୟରେ ଅମର ରୁହେ । ଭାର୍ଗବୀ ନଈ କୂଳରେ ଏକ ନିରବ, ନିସ୍ତବ୍ଧ ସନ୍ଧ୍ୟାକାଶକୁ ଚାହିଁ ଦେଶପ୍ରାଣ ଗୋପବନ୍ଧୁ ଦାସଙ୍କ ସହିତ ଯେଉଁ ତିନି ଜଣ ଯୁବକ ଶପଥ ନେଇଥିଲେ- "ସରକାରୀ ଚାକିରି କରିବା ନାହିଁ, ନିଜର ଭରଣପୋଷଣ ବିଳାସରେ ମନଦେବା ନାହିଁ । ଜନ୍ମ ହୋଇ ଦେଶକୁ ଯେମିତି ଦେଖିଛେ ମଲାବେଳକୁ ତା'ଠୁ ଉନ୍ନତ କରିଯିବା" ତନ୍ମଧ୍ୟରୁ ପଣ୍ଡିତ ଗୋଦାବରୀଶ ମିଶ୍ର ଜଣେ । ତାଙ୍କ ଜୀବନଯାତ୍ରାର ଆତ୍ମଲିପି ହେଉଛି 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ' । ଆତ୍ମଜୀବନୀ ରଚନା ସମ୍ପର୍କରେ ସେ ଲେଖିଛନ୍ତି –" ମୁଁ ଯାହା ଲେଖିବି ତାକୁ ପଢ଼ି ଯେ କେହି ଆନନ୍ଦ ବା ଦୁଃଖ ଅନୁଭବ କରିବେ, ସେଥିପାଇଁ ଲେଖିବି ନାହିଁ; ମନୁଷ୍ୟ କିପରି ନିଜ ଦୁର୍ବଳତାର ଦାସ, ତାହା ଦେଖାଇବାକୁ ଲେଖିବି ମାତ୍ର ।"

୧୯୫୧ ମସିହାରେ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ' ଆତ୍ମଜୀବନୀ ଲେଖା ଆରମ୍ଭ କରିଥିଲେ ମଧ୍ୟ ତା' ପୂର୍ବରୁ ତାଙ୍କଠୁ ଆତ୍ମଜୀବନୀ ଲେଖାଇ ନେବାର ଅନେକ ପ୍ରୟାସ ତାଙ୍କ ବନ୍ଧୁ ଓ ସମର୍ଥକମାନେ କରିଥିଲେ । ୧୯୩୧ ମସିହାରେ ଗୋଦାବରୀଶଙ୍କ ଜଣେ ବନ୍ଧୁ କାଗଜ କଲମ ଧରି ଆତ୍ମଜୀବନୀ ଲେଖିବାକୁ ଚାହିଁଥିଲେ, କିନ୍ତୁ ଗୋଦାବରୀଶ କଥାଟିକୁ ଟାଳି ଦେଇଥିଲେ । ତା'ର ୧୪ ବର୍ଷ ପରେ ଆଉ ଜଣେ ବନ୍ଧୁ ଆତ୍ମଜୀବନୀ ଲେଖାଇବାର ଚେଷ୍ଟାରେ ସଫଳ ହୋଇ ଗୋଦାବରୀଶଙ୍କଠୁ ଦେଢ଼ଶହ ପୃଷ୍ଠା ଲେଖାଇ ନେଇଥିଲେ, କିନ୍ତୁ କିଛି କାରଣବଶତଃ ସେ ମଧ୍ୟ ଏଥିରୁ ନିଜକୁ ନିଷ୍କୃତ କରିଥିଲେ । ସେହି କାରଣ ସମ୍ପର୍କରେ ଗୋଦାବରୀଶ ତାଙ୍କ ଆତ୍ମଜୀବନୀର 'ନିଜକଥା'ରେ ଉଲ୍ଲେଖ କରିଛନ୍ତି - "ମୁଁ ତ ସେତେ ସିଦ୍ଧହସ୍ତ ଧୁରନ୍ଧର ଲେଖକ ନୁହେଁ, ଲେଖାର ଧରଣ ତାଙ୍କ ମନକୁ ପାଇଲା ନାହିଁ । ତହୁଁ ସେ ତାହା ନିଜର କେତେକ ସହକର୍ମୀଙ୍କୁ ନେଇ ଦେଖାଇଲେ । ସେମାନେ ସମସ୍ତେ ତାହା ପଢ଼ି ମତ ଦେଲେ ଯେ, ଆତ୍ମଜୀବନୀ ଲେଖିବା ଶକ୍ତି ମୋର ନାହିଁ । ତାଙ୍କର ଧାରଣା ହେଲା ଯେ, ମୁଁ କେତେକ କଥା ଲେଖିଯାଇଛି ଯାହା କି ଉଲ୍ଲେଖଯୋଗ୍ୟ ନୁହେଁ ଏବଂ ସେହିପରି କେତେକ ପ୍ରକାଶ ପାଇବା ଭଳି ବିଷୟ ଛାଡ଼ି ଦିଆଯାଇଛି । ସୁତରାଂ ଲେଖକ-ବନ୍ଧୁ ଲେଖିବାରେ ଆଉ ଆଗ୍ରହ ଦେଖାଇଲେ ନାହିଁ । ଲେଖାଟା ସେହିଠାରେ ହିଁ ବନ୍ଦ ରହିଗଲା ।" ପରିଶେଷରେ ୧୯୫୧ ମସିହା ପୂଜା ସମୟରୁ ସେ ଆତ୍ମଜୀବନୀ ଲେଖା ଆରମ୍ଭ କରିଥିଲେ । ୧୯୫୧-୫୨ ମସିହା ବେଳକୁ ଗୋଦାବରୀଶ ବାଣପୁର-କୃଷ୍ଣପ୍ରସାଦ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହେବା ପରେ ରାଜନୈତିକ ଜଞ୍ଜାଳରେ ବ୍ୟସ୍ତ ରହି ଆତ୍ମଜୀବନଟିକୁ ତୁଣ୍ଡେ ତୁଣ୍ଡେ ଡାକିଛନ୍ତି ଓ ବାଣପୁର ହାଇସ୍କୁଲର ଶିକ୍ଷକ ଶ୍ରୀଜଗନ୍ନାଥ ମହାପାତ୍ର ପାଣ୍ଡୁଲିପି ପ୍ରସ୍ତୁତ କରିଛନ୍ତି । ପରେ ପାଣ୍ଡୁଲିପିର ଚାରିଭାଗରୁ ତିନିଭାଗ ସାମାନ୍ୟ କିଛି ପରିବର୍ତ୍ତନ କରି ଗୋଦାବରୀଶ ପୁଣି ନିଜ ହାତରେ ଲେଖିଛନ୍ତି ।

ଗୋଦାବରୀଶଙ୍କ ଆତ୍ମଜୀବନୀ ଆଦର୍ଶବାଦର ଜୟଯାତ୍ରାର କାହାଣୀ କୁହେ । ନାନା ପ୍ରତିକୂଳ ବାତାବରଣ, ଦାରିଦ୍ର୍ୟର କଷାଘାତ, ଅଭାବ ଅନଟନର ଆକଟ କେହି ବି ତାଙ୍କୁ ଆଦର୍ଶ ପଥରୁ ବିଚ୍ୟୁତ କରିପାରି ନଥିଲେ । ଗୋଦାବରୀଶ ସାଧାରଣ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇ ଜୀବନବ୍ୟାପୀ ସଂଗ୍ରାମ ଓ ସାଧନା ବଳରେ ସମଗ୍ର ଉତ୍କଳବାସୀଙ୍କ ହୃଦୟରେ ନିଜ ପାଇଁ ଘରଟିଏ କରିପାରିଛନ୍ତି । ଓଡ଼ିଶା ପ୍ରଦେଶ, ଓଡ଼ିଶା ଜନତା ଓ ଓଡ଼ିଆ ଭାଷାର ସ୍ୱାଭିମାନ ରକ୍ଷା ସହିତ ସ୍ୱଦେଶୀ ଆନ୍ଦୋଳନ, ବିହାର-ଓଡ଼ିଶାର ପ୍ରାଶାସନିକ ଏକୀକରଣ, ବଙ୍ଗଭଙ୍ଗ ଆନ୍ଦୋଳନ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ତତ୍କାଳୀନ ସମାଜରେ ନାରୀର ଦୁରାବସ୍ଥା ସହ ନାରୀ ଜାତିର ମହନୀୟତା, ନିଶା ନିବାରଣ ଆଇନର ରଦ୍ଦୀକରଣ, ସତ୍ୟବାଦୀ ବନବିଦ୍ୟାଳୟର ଉଦୟ, ମଧ୍ୟାହ୍ନ, ଅସ୍ତରାଗ ଓ ସନ୍ଧ୍ୟାର ଚିତ୍ର, ବିଦ୍ୟାଳୟ ପାଇଁ ଶିକ୍ଷକମାନଙ୍କର ତ୍ୟାଗ, ନିଷ୍ଠା ପ୍ରଭୃତି ପ୍ରସଙ୍ଗକୁ ନେଇ ଗୋଦାବରୀଶଙ୍କ ଆତ୍ମଜୀବନୀ ପରିପୁଷ୍ଟ । ଗୋଦାବରୀଶଙ୍କ ଆତ୍ମଜୀବନୀ ସମ୍ପର୍କରେ ଆଲୋଚକ ତାରିଣୀ ଚରଣ ଦାସଙ୍କ ମତ ଉଲ୍ଲେଖନୀୟ –"ଏଥିରେ ଲେଖକଙ୍କ ବ୍ୟକ୍ତିତ୍ୱ ବ୍ୟକ୍ତିଗତ ଜୀବନ ସହିତ ସମଷ୍ଟିଗତ ଜୀବନକୁ ନେଇ ପ୍ରକାଶ ପାଇଛି । ଅର୍ଥାତ୍ ଲେଖକଙ୍କ ସ୍ୱକୀୟ ଜୀବନ ସଂଘର୍ଷ ସହିତ ରାଷ୍ଟ୍ରୀୟ ଆନ୍ଦୋଳନର ସଂଘର୍ଷ ପ୍ରତିବିମ୍ବିତ ହୋଇଛି । ବୈୟକ୍ତିକ ଦୋଷ ଦୁର୍ବଳତା ସଙ୍ଗେସଙ୍ଗେ ସାମାଜିକ ବା ରାଷ୍ଟ୍ରୀୟ ଦୋଷଦୁର୍ବଳତାମାନ ଅଭିବ୍ୟକ୍ତ ହୋଇଛି"

ଗୋଦାବରୀଶ ମହାପାତ୍ର ତାଙ୍କ ଆତ୍ମଜୀବନୀକୁ ଦୁଇ ଭାଗରେ ରଚନା କରିବାକୁ ଚାହିଁଥିଲେ ଏବଂ ତା'ର ସୂଚୀପତ୍ର ମଧ୍ୟ ପ୍ରସ୍ତୁତ କରିଥିଲେ । କିନ୍ତୁ ତାଙ୍କର ବ୍ୟସ୍ତବହୁଳ ରାଜନୀତି ଜୀବନରେ ଛନ୍ଦି ହୋଇ ଆତ୍ମଜୀବନୀକୁ ପୂର୍ଣ୍ଣାଙ୍ଗ କରି ପାରି ନଥିଲେ । 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ତହିଁରେ ମୋର ସ୍ଥାନ' ଆତ୍ମଜୀବନୀର ଭୂମିକା 'ଦୁଇ-ଚାରି-କଥା'ରେ ତାଙ୍କର ଜ୍ୟୋଷ୍ଠପୁତ୍ର ରଘୁନାଥ ମିଶ୍ର ଲେଖିଛନ୍ତି - ଆତ୍ମଚରିତକୁ ଦୁଇ ଭାଗରେ ବିଭକ୍ତ କରିବା ପୂଜ୍ୟପାଦ ପଣ୍ଡିତଜୀଙ୍କର ଅଭିପ୍ରେତ ଥିଲା । ନିଜର ଜନ୍ମଠାରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଅର୍ଥାତ୍ ୧୯୩୬ ମସିହାର ଆରମ୍ଭକାଳ ପର୍ଯ୍ୟନ୍ତ, ପ୍ରାୟ ପଚାଶ ବର୍ଷର ବିଷୟ-ବସ୍ତୁ ପ୍ରଥମ ଭାଗରେ ରହିବା କଥା ଏବଂ ଜୀବନର ପଚାଶବର୍ଷର ପରବର୍ତ୍ତୀ ବିଷୟ-ବସ୍ତୁ ଦ୍ୱିତୀୟ ଭାଗରେ ଆଲୋଚ୍ୟ । ସେ ଯେ ସୂଚୀପତ୍ର କରିଛନ୍ତି, ସେଥିରେ ପ୍ରଥମ ଭାଗର ପଞ୍ଚଚାଳିଶ ପରିଚ୍ଛେଦରୁ ଚଉତିରିଶଟି ମାତ୍ର ଲେଖିଛନ୍ତି; ବାକିତକ ଅଲେଖା ରହିଯାଇଛି । ଦ୍ୱିତୀୟ ଭାଗର ସୂଚୀ ଆୟୋଜନ କରି, ସେ ନିଜେ ଲିପିବଦ୍ଧ କରିଥିଲେ ମଧ୍ୟ କିଛି ହେଲେ ବିଷୟ ଲେଖି ଯାଇ ପାରିନାହାନ୍ତି" । ୧୯୫୬ ମସିହା ଜୁଲାଇ ୨୬ ତାରିଖରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ମୃତ୍ୟୁ ହେବାରୁ ଆତ୍ମଜୀବନୀଟି ଅଧାଲେଖା ହୋଇଗଲା । ଅଭିରାମ ମହାପାତ୍ର, ଗ୍ରନ୍ଥମନ୍ଦିରଙ୍କ ଦ୍ୱାରା ପ୍ରଥମେ ୧୯୫୮ ମସିହାରେ ଏହା ପୁସ୍ତକ ରୂପେ ପ୍ରକାଶ ପାଇଥିଲା । ପ୍ରଥମ ଓଡ଼ିଆ ଆତ୍ମଜୀବନୀ ଭାବରେ ଏହି ଗ୍ରନ୍ଥଟି ୧୯୬୧ ମସିହାରେ 'କେନ୍ଦ୍ର ସାହିତ୍ୟ ଏକାଡେମୀ' ଦ୍ୱାରା ପୁରସ୍କାର ଲାଭ କରିଥିଲା ।

ଗୋଦାବରୀଶଙ୍କ ଆତ୍ମଚରିତ କେବଳ ତାଙ୍କ ବ୍ୟକ୍ତିଗତ ଜୀବନର ବ୍ୟାଖ୍ୟାନ ନୁହେଁ, ବରଂ ତାହା ହେଉଛି ଉତ୍କଳୀୟ ଜାତୀୟ ଜୀବନର କ୍ରମବିକାଶର ଗୌରବପୂର୍ଣ୍ଣ ଆଖ୍ୟାନ । ଆତ୍ମମୁଗ୍ଧତାର ଖୁବ୍ ଦୂରରେ ଠିଆ ହୋଇ, ଅତିଶୟୋକ୍ତିକୁ ପରିହାର କରି ସେ ଯାହା କହିଛନ୍ତି ସତ କହିଛନ୍ତି । ଜୀବନର ଅତ୍ୟନ୍ତ ଗୋପନ କଥା ଓ ବ୍ୟଥାକୁ ନିର୍ବିକାର ଭାବରେ ଜାତି ଆଗରେ ପରସିଦେଇଛନ୍ତି । ତେଣୁ ତାଙ୍କ ଆତ୍ମଜୀବନୀରେ ଆଲୁଅ ଯେତିକି ସୁନ୍ଦର ଲାଗେ ଅନ୍ଧାର ତାଠୁ ଢେର ମନୋହର ମନେହୁଏ । ■

ବାଜିରାଉତ ସ୍ମୃତି ମହାବିଦ୍ୟାଳୟ
ଭୁବନ, ଢେଙ୍କାନାଳ

**ଆଇନଜୀବୀ ପୀତବାସ ହତ୍ୟା ମାମଲା**

## ପିଣ୍ଟୁଙ୍କ ସର୍ତ୍ତମୂଳକ ଖଲାସ ପାଇଁ ପିଟିସନ ଦାଖଲ

ବ୍ରହ୍ମପୁର, ୨୨।୧୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅଭିଯୁକ୍ତ ତଥା ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁ ଦାଶଙ୍କୁ ସର୍ତ୍ତମୂଳକ ଖଲାସ କରିବାକୁ ସ୍ଥାନୀୟ ଏସ୍‌ଡିଜେଏମଙ୍କ କୋର୍ଟରେ ପିଟିସନ ଦାଖଲ ହୋଇଛି। ପିଣ୍ଟୁଙ୍କ ପକ୍ଷରୁ ତାଙ୍କ ଓକିଲ କୈଳାଶ ପଣ୍ଡା ଏହି ପିଟିସନ ଦାଖଲ କରିଥିବା ଜଣାପଡ଼ିଛି। ପୀତବାସ ହତ୍ୟା ମାମଲାରେ ପୁଲିସ ପିଣ୍ଟୁଙ୍କୁ ଅଭିଯୁକ୍ତ ଦର୍ଶାଇ ଗିରଫ କରିଥିବା ବେଳେ କୌଣସି ବିଶ୍ୱାସଯୋଗ୍ୟ ତଥ୍ୟ ଓ ପ୍ରମାଣ ଦାଖଲ କରିନଥିବା ପିଟିସନରେ ଅଭିଯୋଗ କରାଯାଇଛି। ତେଣୁ, ପିଣ୍ଟୁଙ୍କ ଗିରଫ ବେଆଇନ ଦର୍ଶାଇ ତାଙ୍କୁ ସର୍ତ୍ତମୂଳକ ଭାବେ ଖଲାସ କରିବାକୁ ଆବେଦନ କରାଯାଇଛି। ପିଣ୍ଟୁଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ତାଙ୍କୁ ବ୍ରହ୍ମପୁର ଜେଲରୁ ଫୁଲବାଣୀ ମଣ୍ଡଳ କାରାଗାରକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ଏସଡିଜେଏମଙ୍କ କୋର୍ଟରେ ଦାଖଲ ପିଟିସନର ଶୁଣାଣି ହୋଇସାରିଥିବା ବେଳେ ସରକାରୀ ଓକିଲ ରାଜେନ୍ଦ୍ର ସାବତ ଏହାକୁ ବିରୋଧ କରିଥିଲେ। ଶୁଣାଣି ଶେଷ ହୋଇଥିବା ବେଳେ ରାୟ ସ୍ଥଗିତ ରହିଛି।

ପ୍ରକାଶଯୋଗ୍ୟ, ଏହି ମାମଲାରେ ଗିରଫ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ଆଇନଜୀବୀ ମଦନ ଦଳେଇଙ୍କ ପକ୍ଷରୁ ସେମାନଙ୍କ ଓକିଲ ମଧ୍ୟ ଅନୁରୂପ ପିଟିସନ ଦାଖଲ କରିଥିଲେ। ତେବେ ଏସ୍‌ଡିଜେଏମ୍ କୋର୍ଟଙ୍କର ଏହା କ୍ଷମତା ବାହାରେ ଥିବା ଦର୍ଶାଇ ଉଭୟ ପିଟିସନକୁ ଖାରଜ କରିଦେଇଥିଲେ। ଉକ୍ତ ରାୟକୁ ହାଇକୋର୍ଟରେ ଚାଲେଞ୍ଜ କରାଯାଇଥିବା ବେଳେ ପିଣ୍ଟୁଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ତଥା ଆଇନଗତ ଲଢ଼େଇ ଜାରି ରହିବ ବୋଲି ତାଙ୍କ ଓକିଲ କୈଳାଶ ପଣ୍ଡା ସ୍ପଷ୍ଟ କରିଛନ୍ତି।

# ରାଜ୍ୟରେ ବଢୁଛି ବିଦେଶୀ ନିଶାଦ୍ରବ୍ୟର ଚାହିଦା

- ଡିଆର୍‌ଆଇ, ଏନ୍‌ସିବି ସହ ଯୋଗାଯୋଗରେ ଏସ୍‌ଟିଏଫ୍
- 'ପ୍ରହାର' ଓ 'ବଜ୍ର'ରେ ନିଶା ମାଫିଆଙ୍କ ଅଣ୍ଟା ଭାଙ୍ଗିବାକୁ ପ୍ରୟାସ

ଭୁବନେଶ୍ୱର,୨୨।୧୧(ସମିସ): ରାଜ୍ୟରେ ନିଶା କାରବାର ବଢ଼ିବାରେ ଲାଗିଛି। ଗଳିକନ୍ଦିରେ ଗଞ୍ଜେଇ ଓ ବ୍ରାଉନସୁଗର ମିଳିବା ସମସ୍ତଙ୍କ ଚିନ୍ତା ବଢ଼ାଇଲାଣି। ହେଲେ ନିଶା ବେପାରୀଙ୍କୁ ମାତ୍ ଦେବାକୁ ଜାଲ ବିଛାଇଛି ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସଟିଏଫ୍)। ଅପରେସନ 'ପ୍ରହାର' ଓ 'ବଜ୍ର' ମାଧ୍ୟମରେ ନିଶା ମାଫିଆଙ୍କୁ ସାବାଡ଼ କରିବାକୁ ଉଦ୍ୟମ ଚଳାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ସ୍ଥାନୀୟ ପୁଲିସ ସହାୟତାରେ ଚଢ଼ଉ କରାଯାଉଛି।

ପ୍ରାପ୍ତ ତଥ୍ୟ ମୁତାବକ, ଗତ ୧୦ ମାସ ମଧ୍ୟରେ ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ କରିଛି ଏସଟିଏଫ୍। ଚଳିତବର୍ଷ ଅକ୍ଟୋବର ମଧ୍ୟରେ ୧୪ କିଲୋ ବ୍ରାଉନସୁଗର ଜବତ ହୋଇଥିବା ବେଳେ ୫୨୪ ଜଣ ନିଶା ମାଫିଆଙ୍କୁ କାବୁ କରିଛି। ସେହିପରି ୧୬୪୧ ନିଶା ବେପାରୀଙ୍କୁ ଗିରଫ କରି ସେମାନଙ୍କଠାରୁ ୧୮୭୭ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଓ ବ୍ରାଉନସୁଗର ଜବତ ହୋଇଥିବା ବେଳେ ନିଶାଡ଼ିଙ୍କ ଅନ୍ୟତମ ମାଧ୍ୟମ ପାଲଟିଥିବା କଫ୍ ସିରପ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ମୋଟ ୭୩ ହଜାର ୧୮୧ ବୋତଲ କଫ୍ ସିରପ ଜବତ ହେବା ସହ ୧୮୧ ଅଭିଯୁକ୍ତ ବନ୍ଧା ହେଲେଣି। ଗତ ଦୁଇ ଦିନ ମଧ୍ୟରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଓ ଭୁବନେଶ୍ୱର ଅବକାରୀ ବିଭାଗ ରାଜଧାନୀରୁ ୯ ଶହ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଛି। ନୂଆବର୍ଷ ଆସୁଥିବାରୁ ନିଶା ମାଫିଆମାନେ ବସ୍ତିରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ଓ ବାର୍‌ଠାରୁ ପବ୍ ଯାଏଁ ଜାଲ ବିଛାଇଲେଣି। କିନ୍ତୁ ନିଶା ମାଫିଆଙ୍କୁ ସାବାଡ଼ କରିବାକୁ ଉଦ୍ୟମ ଆରମ୍ଭ କରିଛି ଏସଟିଏଫ୍। ବିଶେଷକରି ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ ବିକ୍ରି କରୁଥିବା ବେପାରୀଙ୍କ ତାଲିକା କରାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ଜେଲ୍‌ରେ ରହିଛନ୍ତି ଓ କେଉଁମାନେ ବାହାରେ ଅଛନ୍ତି, ସେନେଇ ଯାଞ୍ଚ ଚାଲିଛି। ପୂର୍ବରୁ ଗିରଫ ହୋଇ ଏବେ ଜାମିନରେ ଥିବା ନିଶା ମାଫିଆଙ୍କ ଉପରେ କଡ଼ା ନଜର ରଖାଯାଇଛି।

ସେପଟେ କିଛିଦିନ ହେବ ବିଦେଶୀ ନିଶାରେ ମତୁଆଲା ହେଉଛନ୍ତି ରାଜଧାନୀର ଯୁବପିଢ଼ି। ଗତ କିଛିଦିନ ମଧ୍ୟରେ ରାଜଧାନୀରୁ ସିନ୍ଥେଟିକ୍ ଡ୍ରଗ୍ସ ଓ ମାରିଜୁଆନା ଜବତ ହେବାପରେ ଏଭଳି ଘଟଣା ସ୍ପଷ୍ଟ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ନୋଡାଲ ଏଜେନ୍ସି ଭାବେ ଏସଟିଏଫ୍ ଏହି ଘଟଣାର ତଦନ୍ତ କରୁଛି। ବିଦେଶରୁ ଆସୁଥିବା ନିଶାଦ୍ରବ୍ୟରେ ରୋକ୍ ଲଗାଇବା ପାଇଁ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ଓ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ସହ ଏସଟିଏଫ୍ ଯୋଗାଯୋଗରେ ରହିଛି। ଏୟାରପୋର୍ଟ ଉପରେ ନଜର ରଖିବା ସହ ବିଦେଶରେ ଥିବା ମୂଳ ନିଶା ମାଫିଆଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ ଚଳାଇଛି। ନିଶା କାରବାର ବିରୋଧରେ ଚାଲିଥିବା ଏହି ଧରପଗଡ଼ ଆଗକୁ ଜୋରଦାର କରାଯିବ ବୋଲି ଏସଟିଏଫ୍‌ର ଅତିରିକ୍ତ ଏସ୍‌ପି ସଞ୍ଜୀବ ଶତପଥୀ କହିଛନ୍ତି।

## ସ୍କୁଟିକୁ ଧକ୍କା ଦେଲା ବସ୍; ୨ ମୃତ

ଭଦ୍ରକ/ତିହିଡ଼ି, ୨୨।୧୧ (ସମିସ): ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ପୀରହାଟ ଥାନା ଅଧୀନ ସିନ୍ଦୋଳଠାରେ ଶନିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ୨ଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ଗୋଲେଖ ଦାସ(୪୫) ଓ ଦୈତାରୀ ପୁହାଣ(୩୮)। ସେମାନଙ୍କ ଘର ତିହିଡ଼ି ଥାନା ସୟା ପଞ୍ଚାୟତ ଅଧୀନ ବାଲିଚତୁରୀ ଗ୍ରାମରେ। ଦୈତାରୀ ତିହିଡ଼ି ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସଙ୍କ ଭାଇ ବୋଲି ଜଣାଯାଇଛି। ଦୁହେଁ ଅଲେଖ ମେଳାରେ ଯୋଗ ଦେବାକୁ ସ୍କୁଟିରେ ଚାନ୍ଦବାଲି ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ବିପରୀତ ଦିଗରୁ ଆସୁଥିବା 'ହାସାମ' ନାମକ ବସ୍ ସେମାନଙ୍କୁ ସିନ୍ଦୋଳ ନିକଟରେ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବାରୁ ବହୁ ସଂଖ୍ୟାରେ ଗାଡ଼ି ମଟର ଅଟକି ରହିଛି। ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ପୀରହାଟ ଥାନା ଆଇଆଇସି ରୋଜାଲିନ୍ ବେହେରା ପ୍ରମୁଖ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଅତିରିକ୍ତ ତହସିଲଦାର ନମିତା ଧଳ ମଧ୍ୟ ଘଟଣାସ୍ଥଳକୁ ଆସି ଲୋକଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଲୋକେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଖବର ଲେଖା ହେବା ବେଳକୁ ରାସ୍ତାରୋକ ହଟିନଥିଲା।

**ସ୍କୁଲ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା**

## ୪ ନାବାଳକ ଜେଜେବିରେ ହାଜର

ବ୍ରହ୍ମପୁର, ୨୨।୧୧(ସମିସ): ଏକ ସରକାରୀ ସ୍କୁଲରେ ୯ମ ଶ୍ରେଣୀର ପଢୁଥିବା ଜଣେ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ବୈଦ୍ୟନାଥପୁର ଥାନା ପୁଲିସ ୪ଜଣ ନାବାଳକଙ୍କୁ ଧରିବା ସହ ଘଟଣାରେ ବ୍ୟବହୃତ ଲୁହା ପଞ୍ଚ୍ ଜବତ କରିଛି। ଶନିବାର ୪ ନାବାଳକଙ୍କୁ ଜେଜେବିରେ ହାଜର କରାଯାଇଥିଲା। ପରେ ସେମାନଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଅଭିଯୋଗକାରୀଙ୍କ ୧୫ ବର୍ଷର ପୁଅ ଉକ୍ତ ଥାନା ଅଞ୍ଚଳରେ ଥିବା ଏକ ସରକାରୀ ସ୍କୁଲରେ ପଢ଼ନ୍ତି। ଗତ ୨୦ ତାରିଖ ଅପରାହ୍ଣରେ ଉକ୍ତ ଛାତ୍ରଜଣଙ୍କ ସ୍କୁଲରୁ ଘରକୁ ଫେରୁଥିବା ବେଳେ ସମ୍ପୃକ୍ତ ୪ନାବାଳକଙ୍କ ମଧ୍ୟରୁ ଜଣେ ତାଙ୍କୁ ଗାଡ଼ିରେ ବସାଇ ନେଇ ଏମ୍‌କେସିଜି ମେଡିକାଲ ନିକଟରେ ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ରାସ୍ତାରେ ଓହ୍ଲାଇଥିଲେ। ସେଠାରେ ପୂର୍ବରୁ ଅନ୍ୟ ୩ଜଣ ନାବାଳକ ଛିଡ଼ା ହୋଇଥିଲେ। କୌଣସି ବିଷୟକୁ ନେଇ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ପରେ ସେମାନେ ସଂଘବଦ୍ଧ ଭାବେ ନାବାଳକଙ୍କୁ ଆକ୍ରମଣ କରି ତାଙ୍କ ମୁଣ୍ଡ ଫଟାଇ ଦେଇଥିଲେ।

## ଜଗତସିଂହପୁରରୁ ଫେରାର ବାଂଲାଦେଶୀ ଅଳକୁଣ୍ଡରୁ ଗିରଫ

ବିଞ୍ଝାରପୁର/ପ୍ରୀତିପୁର/ଜଗତସିଂହପୁର, ୨୨।୧୧(ସମିସ): ଜଗତସିଂହପୁର ଜିଲ୍ଲାରେ ବାଂଲାଦେଶୀଙ୍କୁ ଉଚ୍ଛେଦ କରାଯାଉଥିବା ସମୟରେ ପୁଲିସ ଉପରକୁ ଆକ୍ରମଣ ଘଟଣାରେ ସାମିଲ ଥିବା ଦୁଇ ଅଭିଯୁକ୍ତ ଯାଜପୁର ଜିଲ୍ଲା ଅଳକୁଣ୍ଡ ଥାନା ଅଞ୍ଚଳରୁ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନେ ହେଲେ, ଜଗତସିଂହପୁର ଥାନା ଅନ୍ତର୍ଗତ ଧନୀପୁର ପଞ୍ଚାୟତ ତରିକୁନ୍ଦ ଗ୍ରାମର ଦୁଇ ଭାଇ ସିକନ୍ଦର ଆଲାମ ଓରଫ ସିକୋ ଓ ଅବଦୁଲ ମୋତିଲିବ ଖାନ ଓରଫ୍ ଟିକି।



ଗତ ୧୬ ତାରିଖରେ ଜଗତସିଂପୁରରେ ବେଆଇନ ଭାବେ ରହୁଥିବା ବାଂଲାଦେଶୀମାନଙ୍କ ଉଚ୍ଛେଦ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶମତେ ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ଅଭିଯୁକ୍ତଦ୍ୱୟ ବାଂଲାଦେଶୀମାନଙ୍କୁ ନିଜ ଘରେ ଆଶ୍ରୟ ଦେବା, ନିଜ ଘରେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ରଖିବା, ବାଂଲାଦେଶୀ ମାନଙ୍କ ସହିତ ମିଶି ପୁଲିସ ଉପରେ ଆକ୍ରମଣ କରିବା ଭଳି ସଙ୍ଗୀନ ଅପରାଧରେ ସାମିଲ ଥିବା ନେଇ ଜଗତସିଂପୁର ପୁଲିସ ଜାଣିବାକୁ ପାଇଥିଲା। ଜଗତସିଂପୁର ପୁଲିସ ଏହି ଘଟଣାକୁ କେଶ ନଂ ୯୧୨/୨୫ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଅଭିଯୁକ୍ତଦ୍ୱୟ ଘଟଣା ପରଠାରୁ ଫେରାର ରହିଥିଲେ। ଅଭିଯୁକ୍ତଦ୍ୱୟ ଯାଜପୁର ଜିଲ୍ଲା ଅଳକୁଣ୍ଡ ଥାନା ଅଞ୍ଚଳରେ ଆତ୍ମଗୋପନ କରିଥିବା ଜଗତସିଂହପୁର ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ସ୍ଥାନୀୟ ଆରକ୍ଷୀ ନିରୀକ୍ଷକ ଶୁଭ୍ରଜିତ ଦାସଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ଓ ଅଳକୁଣ୍ଡ ଥାନାଧିକାରୀ ଦେବାଶିଷ ଶତପଥୀଙ୍କ ସହ ମିଶି ଶୁକ୍ରବାର ବିଳମ୍ବିତ ରାତିରେ ଅଳକୁଣ୍ଡ ଅଞ୍ଚଳର ସେକ୍ ମୁସଲିମ ଓରଫ ମୋତିଙ୍କ ଘର ଉପରେ ମିଳିତ ଚଢ଼ଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲେ। ତେବେ କେଉଁ ପରିସ୍ଥିତିରେ ଫେରାର ବାଂଲାଦେଶୀଙ୍କୁ ଏଠାରେ ଶରଣ ଦିଆଯାଇଥିଲା ଏବଂ ଉଭୟଙ୍କ ମଧ୍ୟରେ କ'ଣ ସଂପର୍କ ରହିଛି ପୁଲିସ୍ ତାର ଖୋଳତାଡ଼ କରୁଛି।

**ପୁଲିସ ଏସ୍‌ଆଇ କେଳେଙ୍କାରୀ ମାମଲା**

## ଚୌଦ୍ୱାର ଜେଲ୍‌କୁ ଯିବେ ଶଙ୍କର, ସହଯୋଗୀ

ବ୍ରହ୍ମପୁର, ୨୨।୧୧(ସମିସ): ପୁଲିସ ଏସ୍‌ଆଇ କେଳେଙ୍କାରୀ ମାମଲାର ତଦନ୍ତ ଭାର ବର୍ତ୍ତମାନ ସିବିଆଇ ଅଧୀନରେ ରହିଛି। ଏହି ମାମଲା ସିବିଆଇ ନେବା ପରେ ଭୁବନେଶ୍ୱରସ୍ଥିତ ସିବିଆଇ କୋର୍ଟରେ ପହଞ୍ଚିବ। ପରେ ବ୍ରହ୍ମପୁର ଜେଲରେ ରହିଥିବା ଅଭିଯୁକ୍ତ ଶଙ୍କର ପୃଷ୍ଟି, ମୁନା ମହାନ୍ତି ଓ ଅନ୍ୟ ଅଭିଯୁକ୍ତଙ୍କ ଠିକଣା ବଦଳିବ ବୋଲି ଜଣାପଡ଼ିଛି। ଚୌଦ୍ୱରା ଜେଲକୁ ଯିବେ ଶଙ୍କର ଓ ତାର ସହଯୋଗୀ। ଅନ୍ୟପକ୍ଷରେ, ସିବିଆଇ ଡାକିପାରେ ୨ ଜଣ ତଦନ୍ତଧିକାରୀ ଡ଼ିଏସପିଙ୍କୁ। ସେମାନେ ହେଲେ, ବ୍ରହ୍ମପୁର ପୁଲିସ ଜିଲ୍ଲାର ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ ଓ କ୍ରାଇମବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭା ଶତପଥୀ। ବ୍ରହ୍ମପୁର ପୁଲିସ ଏହି ରାକେଟର ପର୍ଦ୍ଦାଫାସ୍ କରିଥିଲା। ସେତେବେଳେ ଏହି ଘଟଣାର ତଦନ୍ତ ଅଧିକାରୀ ରହିଥିଲେ ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ। ପରେ ଏହି ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରିଥିଲା। ସେତେବେଳେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭା ଶତପଥୀ ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି, ମୁନା ମହାନ୍ତିଙ୍କ ସମେତ ମୋଟ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥଲେ। ବର୍ତ୍ତମାନ ବ୍ରହ୍ମପୁର ଜେଲରେ ଏସଆଇ ପରୀକ୍ଷା କେଳେଙ୍କାରୀର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି, ସିଲିକନ ପ୍ରାଇଭେଟ୍ ଲିମିଟେଡ୍ ମାଲିକ ସୁରେଶ ଚନ୍ଦ୍ର ନାୟକ, ଦଲାଲ ଅରବିନ୍ଦ ଦାସ ଓ ଏଜେଣ୍ଟ ସାଗର ଗୌଡ, ବିଶ୍ୱରଂଜନ ବେହେରା, ଅଭିମନ୍ୟୁ ଦୋରା, ପ୍ରିୟଦର୍ଶିନୀ ସାମଲ, ମୁନା ମହାନ୍ତି, ଶ୍ରୀକାନ୍ତ ମହାରଣା, ଅହମ୍ମଦ ଖାନ ଓ ଲୋକନାଥ ସାହୁ ରହିଛନ୍ତି। ଖୁବଶୀଘ୍ର ସିବିଆଇ ଶଙ୍କର, ମୁନା, ଅରବିନ୍ଦ ସମେତ ୫ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ପର୍ଯ୍ୟାୟକ୍ରମେ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା କରିବ ବୋଲି ଜଣାପଡିଛି। ଅଧିକ ତଥ୍ୟ ଜାଣିବା ପାଇଁ ସିବିଆଇ ଉପରୋକ୍ତ ଦୁଇ ତଦନ୍ତଅଧିକାରୀ ଡିଏସପିଙ୍କୁ ଡାକିପାରେ।


**AFFIDAVIT**

By virtue of an Affidavit no. 6579 sworn before the Executive Magistrate, Puri on 11/11/2025 that I, Madhabi Das, D/o- Shyam Sundar Barik, resident of Dolamandap Sahi, Puri, declare that my correct name is Madhabi Das and date of birth is 11/02/1969 as per my Aadhaar Card. In my Family Pension Record, my name is listed as Madhvi and birth date as 11/02/1968. This is to correct all official records.

**AFFIDAVIT**

By virtue of an affidavit sworn before the Executive magistrate, Tangi Dist :Khordha CA No:651 dated 01/05/2025 , I Ranjit Kumar Pradhan ,S/o Narayan Pradhan resident of Village At- Balipatpur, Po-Bhusandpur,Ps- Tangi, Dist-Khordha,Odisha, Pin-752021.I have changed my name from Ranjay Pradhan to Ranjit Kumar Pradhan.Hence forth, I shall be known as RANJIT KUMAR PRADHAN for all future purposes.

Sd- Ranjit Kumar Pradhan

**NOTICE (for Minor)**

By virtue of an affidavit sworn before The Notary Public, Udala, Mayurbhanj, dated 15-11-2025 I, Janamuni Hembram , Address AT- Pathurikata, PO- Pathurikata, PS- Udala, Dist- Mayurbhanj, PIN-757085 declare that I have changed the name of my daughter from Sakra Beshra to Tejaswini Beshra. Henceforth, she shall be known as Tejaswini Beshra for all purposes.

Janamuni Hembram

**AFFIDAVIT**

By virtue of an affidavit of Notary Public, Morada on dtd-19/11/2025. It is declared and inform that my name Yasmita Mohanta has been sending by unique identification department by Aadhaar, India. Actually, my correct name is Jasmita Mohanta. Only letter should change J instead of Y whether all address has correct and same. As per guideline of Aadhar India. The paper advertisement and affidavit should submit in the Janaseva Kendra for the further publication of my Aadhar card. My Aadhaar No. is 381527519472.


**୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା**

## ଓଡ଼ିଶା ପାଲଟିଛି ଦେଶର ସର୍ବପ୍ରଥମ ସିଲିକନ୍ ସେମି-କଣ୍ଡକ୍ଟର୍ ହବ୍: ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର୨୨।୧୧(ସମିସ): ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ର ନବମ ଦିବସରେ ଭାରତ ମଣ୍ଡପମ ପରିସରସ୍ଥ ମୁକ୍ତାକାଶ ନାଟ୍ୟଶାଳାରେ ଆଜି ଆୟୋଜିତ ଓଡିଶା ରାଜ୍ୟ ଦିବସ ସମାରୋହର ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ସମାରୋହକୁ ଉଦଘାଟନ କରିବା ସହିତ ଉତ୍କଳ ପ୍ରସଙ୍ଗ ଏବଂ ଓଡିଶା ରିଭ୍ୟୁ ପତ୍ରିକା ଦ୍ୱୟର ସ୍ୱତନ୍ତ୍ର ସଂଖ୍ୟାର ଶୁଭ ଉନ୍ମୋଚନ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଓଡିଶା ମଣ୍ଡପ ପରିଦର୍ଶନରେ ଆସି ବିଭିନ୍ନ ବିଭାଗର ଷ୍ଟଲ୍ ଅଧିକାରୀ, ଶିଳ୍ପୀ ଓ ବୁଣାକାରଙ୍କ ସହ ବାର୍ତ୍ତାଳାପ କରି, ଓଡିଶାର ଗୌରବମୟ ଅତୀତକୁ ବଜାୟ ରଖିବା ସହ ଓଡିଶାକୁ ଆତ୍ମନିର୍ଭର ଓଡିଶାରେ ପରିଣତ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ମେକ-ଇନ-ଓଡିଶା କନକ୍ଲେଭ ମାଧ୍ୟମରେ ବିଶ୍ୱର ଶିଳ୍ପପତି ଓ ପୁଞ୍ଜିପତିମାନଙ୍କୁ ଓଡିଶା ପ୍ରତି ଆକର୍ଷିତ କରିବା ହେଉ, ଓଡିଶାର ସୁଦକ୍ଷ ଯୁବଗୋଷ୍ଠୀ ଓ ସେମାନଙ୍କ ଷ୍ଟାର୍ଟ-ଅପ ଉତ୍ପାଦକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ ହେଉ, ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରି ଆସିଛି। ଓଡ଼ିଶା ଦେଶର ସର୍ବପ୍ରଥମ ସିଲିକନ୍ ସେମି କଣ୍ଡକ୍ଟର ହବ୍ ପାଲଟିଛି। ପ୍ରତ୍ୟେକ କ୍ଷେତ୍ରରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଓଡିଶାର ପ୍ରଗତିଶୀଳ ନୀତିକୁ ସମଗ୍ର ବିଶ୍ୱ ସକାରାତ୍ମକ ଦୃଷ୍ଟିରେ ଦେଖୁଛି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମାଙ୍କ ସହ ବହୁ ସରକାରୀ ଅଧିକାରୀ ଓ ବିଜେପି ନେତା ଯୋଗ ଦେଇଥିଲେ।



## ୩ ହଜାର ଟଙ୍କା ଲାଞ୍ଚ: ୧୩ ବର୍ଷ ବିଚାର; ୩ ବର୍ଷ ଜେଲ୍

- କୃଷି ବିଭାଗ ପୂର୍ବତନ ଯୁଗ୍ମ ସଚିବ ଦୋଷୀ ସାବ୍ୟସ୍ତ
- ଜଳ ସମ୍ପଦ ବିଭାଗ ନିର୍ଦ୍ଦେଶକଙ୍କ ପିଏସ୍ ବି ଦୋଷୀ

ଭୁବନେଶ୍ୱର,୨୨।୧୧(ସମିସ): ଏକ ଲାଞ୍ଚ କାରବାର ମାମଲାରେ ୧୩ବର୍ଷ ପରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଅବସରପ୍ରାପ୍ତ କୃଷି ବିଭାଗର ଯୁଗ୍ମ ସଚିବ ବିଜୟ ଚନ୍ଦ୍ର ମହାପାତ୍ର ଓ ତତ୍କାଳୀନ ଜଳ ସମ୍ପଦ ବିଭାଗ ନିର୍ଦ୍ଦେଶକଙ୍କ ବ୍ୟକ୍ତିଗତ ସଚିବ(ପିଏସ୍) ବେଣୁଧର ମହାନ୍ତି। ପାସ୍‌ପୋର୍ଟ ଭେରିଫିକେସନ୍ ପାଇଁ ଅଭିଯୋଗକାରୀଙ୍କ ଠାରୁ ଲାଞ୍ଚ ନେବା ଅଭିଯୋଗରେ ଉଭୟଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ଜେଲ ଓ ଜୋରିମାନାରେ ଦଣ୍ଡିତ କରିଛନ୍ତି ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍।

ସୂଚନା ଅନୁସାରେ ଚାକିରିରେ ଥିବାବେଳେ ଦୁଇ ବରିଷ୍ଠ ଅଧିକାରୀ ଲାଞ୍ଚ ନେଇଥିଲେ। ଦୋଷୀ ସାବ୍ୟସ୍ତ ହେଲା ବେଳକୁ ସେମାନେ ଅବସର ଗ୍ରହଣ କରି ସାରିଛନ୍ତି। ଏଣୁ ତାଙ୍କ ପେନସନ୍ ଅଟକାଇବାକୁ ଭିଜିଲାନ୍ସ ସରକାରଙ୍କୁ ଚିଠି ଲେଖିବ ବୋଲି ସୂଚନା ମିଳିଛି। ରଙ୍ଗଲାଲ୍ ଶଙ୍କର ରାଓ ନାମକ ଜଣେ ବ୍ୟକ୍ତି ତାଙ୍କ ବୋହୂର ତତ୍କାଳ ପାସପୋର୍ଟ ଭେରିଫିକେସନ ଏହି ଦୁଇ ଲାଞ୍ଚୁଆ ଅଧିକାରୀ ପାଖକୁ ଯାଇଥିଲେ। ମାତ୍ର ଭେରିଫିକେସନ ପାଇଁ ସେମାନେ ଲାଞ୍ଚ ମାଗିଥିଲେ। ଶ୍ରୀ ମହାପାତ୍ର ୩ହଜାର ଓ ଶ୍ରୀ ମହାନ୍ତି ୧ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ଉଭୟଙ୍କୁ ମାଡି ବସିଥିଲା। ସେବେଠାରୁ ସେମାନଙ୍କ ବିରୋଧରେ କୋର୍ଟରେ ମାମଲା ଚାଲିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସଲିଳ କୁମାର ପ୍ରଧାନ, ବିଶ୍ୱରଞ୍ଜନ ରାଉତ ଏବଂ ଏପିପି ସୌମିତ୍ର ଘୋଷ ମାମଲା ପରିଚାଳନା କରିଥିଲେ।

## ୧୯୨୨ ଗାଡ଼ିର ଯାଞ୍ଚ, ୫ ଲକ୍ଷ ଜରିମାନା

କଟକ,୨୨।୧୧(ସମିସ): କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜ ପକ୍ଷରୁ ୭ଟି ଜିଲ୍ଲାରେ ହୋଇଥିବା ନାକା ଓ ପାଟ୍ରୋଲିଂ ବେଳେ ଶୁକ୍ରବାର ମୋଟ ୧୯୨୨ଟି ଗାଡିର ଯାଞ୍ଚ କରାଯାଇଛି। ୭ଟି ଜିଲ୍ଲାରେ ମୋଟ ୫ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ପୁରୀରେ ୪୯୫ଗାଡି ଯାଞ୍ଚ ସହ ୨ଲକ୍ଷ୧୩ହହାର ୫୦୦, କଟକରେ ୮୦ଗାଡିରୁ ୨୦ହଜାର୫୦୦, କେନ୍ଦ୍ରାପଡାରେ କୌଣସି ଜରିମାନା ଆଦାୟ କରାଯାଇନାହିଁ। ଖୋର୍ଦ୍ଧାରେ ୮୧ଟି ଗାଡ଼ିରୁ ୮୬ହଜାର୫୦୦ଟଙ୍କା, ନୟାଗଡ଼ରେ ୪୧୬ଟି ଗାଡିରୁ ୭୧ହଜାର ଟଙ୍କା, ଯାଜପୁର ଜିଲ୍ଲାରେ ୪୬୨ଟି ଗାଡିରୁ ୫୧ହଜାର୫୦୦ ଜଗତସିଂହପୁର ଜିଲ୍ଲାରୁ ୩୩ଟି ଗାଡ଼ି ଯାଞ୍ଚ କରାଯାଇ ୫୭ହଜାର ଟଙ୍କା ଜରିମାନା ଆଦାୟ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେନ୍ଦ୍ରର ପ୍ରତ୍ୟାଖ୍ୟାନ...

ପଡିବ ନାହିଁ। ମାତ୍ର କେନ୍ଦ୍ର ଜିଏସଟି ପରିଷଦ କୋଇଲା ଉତ୍ପାଦନ ଉପରେ ଲାଗୁଥିବା ଜିଏସଟି କ୍ଷତିପୂରଣ ସେସ୍ ଟନ ପିଛା ୪୦୦ ଟଙ୍କା ପ୍ରଦାନ ସେପ୍ଟେମ୍ବର ୨୨ ତାରିଖରୁ ବନ୍ଦ କରିଦେଇଛନ୍ତି। ସେହିପରି କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଗତ ଅଗଷ୍ଟ ମାସରେ ଓସିପିଏଲକୁ ସୁନ୍ଦରଗଡ ଜିଲ୍ଲାର ଟାଙ୍ଗରଡିହି ଉତ୍ତର କୋଇଲାଖଣି ବାଣିଜ୍ୟ ଉଦ୍ଦେଶ୍ୟରେ ନିଲାମ କରିଛନ୍ତି। ପରିବର୍ତ୍ତିତ ପରିସ୍ଥିତିରେ ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିଦେଲେ ନିଲାମରେ ପାଇଥିବା ଖଣି ବ୍ୟାଜ୍ୟାପ୍ତି ହେବାସହ ରାଜ୍ୟର ପ୍ରବଳ ବ୍ୟବସାୟୀକ ଓ ଅର୍ଥନୈତିକ କ୍ଷତି ହେବ। ସେହିପରି ଦକ୍ଷତା ବୃଦ୍ଧିପାଇଁ ଏନଟିପିସି ଏକ ନୂତନ କୋଇଲା କମ୍ପାନୀ ଏନଏମଏଲ (ଏନଟିପିସି ମାଇନିଙ୍ଗ ଲିମିଟେଡ) ଗଠନ କରିଥିବାବେଳେ ଓଡ଼ିଶା ସରକାର କୋଇଲା ଉତ୍ପାଦନରେ ଦକ୍ଷ ଓ ଅଭିଜ୍ଞ ଥିବା ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିବା ନିଷ୍ପତ୍ତି ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ବୋଲି ସେ ସେତେବେଳେ ନିଜ ଯୁକ୍ତିରେ ଦର୍ଶାଇଥିଲେ। ଏପରିସ୍ଥଳେ କୋଇଲା ମନ୍ତ୍ରାଳୟର ଉପରୋକ୍ତ ନିଷ୍ପତ୍ତିକୁ ଶ୍ରୀ ମହାପାତ୍ର ସ୍ୱାଗତ କରିଛନ୍ତି।

### ବୁଥ୍‌ୱାରୀ ତଦନ୍ତ...

ନେଇ ଆଲୋଚନା କରାଯାଇଛି। ୬୩ଟି ବୁଥରେ ଶାସକ ଦଳ ବିଭିନ୍ନ କୌଶଳ ପ୍ରୟୋଗ କରି ଲୋକଙ୍କୁ ଭୋଟ୍ ଦେବାକୁ ସୁଯୋଗ ଦେଇ ନାହାନ୍ତି। ବିଭିନ୍ନ ବାଟରେ ସେମାନେ ବିଜେଡିର ଭୋଟକୁ ଜୋର ଜବରଦସ୍ତ ନେଇଛନ୍ତି। ଏ ବିଷୟରେ ଦଳର ସଭାପତି ବିସ୍ତୃତ ଆଲୋଚନା କଲେ। ଖୁବଶୀଘ୍ର ଦଳ ଏ ନେଇ ପ୍ରତ୍ୟେକ ବୁଥୱାରୀ ତଦନ୍ତ, ତର୍ଜମା କରିବ। ଯେଉଁଭଳି ଭାବେ ସେମାନେ ଅନ୍ୟାୟ, ଅନୀତି ଦ୍ୱାରା ବିଜେଡିର ଭୋଟ ନେଇଛନ୍ତି, ତାହାକୁ ନେଇ ସାରା ଓଡ଼ିଶାବାସୀ ଆଶ୍ଚର୍ଯ୍ୟ ପ୍ରକାଶ କରୁଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ବାକି ଥିବା ସାଂଗଠନିକ ପ୍ରକ୍ରିୟାକୁ ଶେଷ କରିବା ପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ସଂଗଠନକୁ ସୁଦୃଢ଼ କରିବା ପାଇଁ ସଭାପତି ଏକାଧିକ ପରାମର୍ଶ ଦେଇଥିବା ପ୍ରମିଳା କହିଛନ୍ତି। ଅପରପକ୍ଷେ ଆସନ୍ତା ଶୀତ ଅଧିବେଶନରେ ଦଳର ଆଭିମୁଖ୍ୟ ସମ୍ପର୍କରେ ମଧ୍ୟ ବୈଠକରେ ସମ୍ୟକ୍ ଆଲୋଚନା ହୋଇଛି। ଅଧିବେଶନରେ ଦଳ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗୁଡ଼ିକ ଅତି ଶାଣିତ ଭାବରେ ଉତ୍ଥାପନ କରିବ ବୋଲି ଶ୍ରୀମତୀ ମଲ୍ଲିକ ସୂଚନା ଦେଇଛନ୍ତି। ଏହି ବୈଠକରେ ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିରୋଧୀ ଦଳ ନେତାଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ନିରଞ୍ଜନ ପୂଜାରୀ, ସୁଦାମ ମାର୍ଣ୍ଡି ଓ ଟୁକୁନି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ଅଧୀନକୁ ଆସିବ ଏମାର ମଠର ୫୬୭ ଖଣ୍ଡ ରୁପା ଇଟା

- ୨୦୧୧ରେ ୫୨୨ ଓ ୨୦୨୧ରେ ମିଳିଥିଲା ୪୫ ଖଣ୍ଡ
- ପୁଲିସ ଅସ୍ତ୍ରାଗାର ଓ ଜିଲ୍ଲା ଟ୍ରେଜେରୀରେ ରହିଛି ରୁପା ଇଟା

ପୁରୀ,୨୨।୧୧(ସମିସ): କ'ଣ ହେବ ଏମାର ମଠରୁ ମିଳିଥିବା ୫୬୭ ଖଣ୍ଡ ରୁପା ଇଟାର ଭାଗ୍ୟ? ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ଫେରିବ ନା ସେମିତି ପୁଲିସ ଅସ୍ତ୍ରାଗାର ଏବଂ ଜିଲ୍ଲା ଟ୍ରେଜେରୀରେ ରହିଯିବ? ଏମିତି ପ୍ରଶ୍ନ ସମସ୍ତଙ୍କ ମନରେ ଉଙ୍କି ମାରୁଥିବା ବେଳେ ଏହି ରୁପାଇଟା ଶ୍ରୀମନ୍ଦିର ଅଧୀନକୁ ଫେରିବ ବୋଲି ସମ୍ଭାବନା ଦେଖାଦେଇଛି। ଶୁକ୍ରବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହା ଉପରେ ଆଲୋଚନା ହୋଇଥିବା ବେଳେ ଏଥିପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।



ଅତୀତରେ ଓଡ଼ିଶାର ସବୁଠୁ ଧନୀ ତଥା ବିତ୍ତଶାଳୀ ମଠ ଭାବେ ପରିଚିତ ଥିଲା ଏମାର ମଠ। ପ୍ରାୟ ୯୦୦ ବର୍ଷ ତଳର ଏହି ମଠ ବିପତ୍ତି ସମୟରେ ସହଯୋଗ ଓ ସହାୟତାର ହାତ ବଢ଼ାଉଥିଲା। ୨୦୧୧ ମସିହାରେ ଶ୍ରୀ ସମ୍ପ୍ରଦାୟର ଏହି ମଠ ରୁପା ଇଟାକୁ ନେଇ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା। ସେତେବେଳେ ମଠରୁ ମିଳିଥିଲା ୫୨୨ ଖଣ୍ଡ ରୁପା ଇଟା। ୧୦ ବର୍ଷ ପରେ ୨୦୨୧ ଏପ୍ରିଲ ୧୦ ତାରିଖରେ ପୁଣିଥରେ ରୁପା ଇଟାକୁ ନେଇ ଚର୍ଚ୍ଚାକୁ ଆସିଥିଲା ଏହି ମଠ। କାରଣ ମଠରୁ ମିଳିଥିଲା ଆହୁରି ୪୫ ଖଣ୍ଡ ରୁପା ଇଟା।

କୋଟି କୋଟି ଟଙ୍କା ମୂଲ୍ୟର ଏହି ରୁପାଇଟା ସମ୍ପର୍କରେ ଜାଣିବାକୁ ହେଲେ ମନେ ପକାଇବାକୁ ପଡିବ ୨୦୧୧ ମସିହା କଥା। ସେତେବେଳେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ମଠର ଦୁଇଟି କୋଠରି ମରାମତି ଚାଲିଥିଲା। ସେଥିରେ ନିୟୋଜିତ ଠିକାଦାର ଏବଂ ଶ୍ରମିକ ମଠର ସିନ୍ଦୁକ ଭାଙ୍ଗି ରୁପାଇଟା ଚୋରି କରିଥିବା ଅଭିଯୋଗ ହୋଇଥିଲା। ଏହାପରେ ଆରମ୍ଭ ହୋଇଥିଲା ଖୋଳତାଡ। ଢେଙ୍କାନାଳର ଜଣେ ବ୍ୟକ୍ତିଙ୍କଠାରୁ ରୁପାଇଟା ଜବତ ହେବା ପରେ ସିଂହଦ୍ୱାର ପୁଲିସ ଗୋଟିଏ କୋଠିରରେ ଥିବା ସିନ୍ଦୁକରୁ ୫୨୨ ଖଣ୍ଡ ରୁପାଇଟା (ସେତେବେଳେ ଆନୁମାନିକ ମୂଲ୍ୟ ପ୍ରାୟ ୯୦ କୋଟି ଟଙ୍କା) ଜବତ କରିଥିଲା। ସେହି ରୁପାଇଟାଗୁଡ଼ିକ ବ୍ରିଟିଶ ଅମଳର ବୋଲି ଜଣାପଡ଼ିଥିଲା। ଆଇନଗତ ବିବାଦରେ ଛନ୍ଦି ହେବା ପରେ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାହାକୁ ଜିଲ୍ଲା ପୁଲିସ ଅସ୍ତ୍ରାଗାରରେ ରଖାଯାଇଛି। ହେଲେ ୧୪ବର୍ଷ ପରେ ବି ଏହାର ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିପାରି ନାହିଁ। ଇତିମଧ୍ୟରେ ୧୦ରୁ ଅଧିକ ତଦନ୍ତ ଅଧିକାରୀ ଓ ଏସ୍‌ପି ଏଠାରୁ ଅନ୍ୟତ୍ର ବଦଳି ହୋଇସାରିଲେଣି। ମାତ୍ର ରୁପା ଇଟା ଏବେ ବି ରହସ୍ୟମୟ ହୋଇପଡ଼ିଛି। ଏହି ଘଟଣାରେ ପୁଲିସ କେବଳ ଢେଙ୍କାନାଳର ଦୁଇଜଣ ଶ୍ରମିକ, ମଠ ମହନ୍ତ, ଚେଲା, ଜୁଏଲାରୀ ମାଲିକ ଓ କିଛି ବ୍ୟବସାୟୀଙ୍କୁ ଗିରଫ କରିଥିବା ବେଳେ ପ୍ରସଙ୍ଗକୁ ଏବେ ପ୍ରାୟ ଭୁଲିଯିବାକୁ ଲାଗିଲେଣି।

ସେହିପରି ୨୦୨୧ ଏପ୍ରିଲ ୧୦ ତାରିଖରେ ନୂତନ ଟ୍ରଷ୍ଟବୋର୍ଡକୁ ମଠ ପରିଚାଳନା ଦାୟିତ୍ୱ ହସ୍ତାନ୍ତର ସମୟରେ ମହନ୍ତଙ୍କ ଜିମା ଦିଆଯାଇଥିବା ଜିନିଷପତ୍ରକୁ ପୂର୍ବ ତାଲିକା ସହ ମେଳକ କରାଯାଉଥିଲା। ଏହି ସମୟରେ ମଠର ଏକ ବନ୍ଦ କୋଠରିର ପୋତାଯାଇଥିବା ୪୫ ଖଣ୍ଡ ରୁପା ଇଟା ଖୋଳି ବାହାର କରାଯାଇଥିଲା। ପରେ ଏହାକୁ ଜିଲ୍ଲା ଟ୍ରେଜେରୀକୁ ନିଆଯାଇ ରଖାଯାଇଛି।

ବିଭିନ୍ନ ସମୟରେ ଏମାର ମଠରୁ ମିଳିଥିବା ରୁପା ଇଟାକୁ ଶ୍ରୀମନ୍ଦିର ଅଧୀନକୁ ଆଣିବାକୁ ଦାବି ଉଠିଛି। ଏହି ପ୍ରସଙ୍ଗକୁ ଗୁରୁତର ଭାବେ ଗ୍ରହଣ କରିଛି ଶ୍ରୀମନ୍ଦିର ପରିଚାଳନା କମିଟି। ଶୁକ୍ରବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହା ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ କହିଥିଲେ ଯେ, ଏମାର ମଠରୁ ଉଦ୍ଧାର ରୁପା ଇଟା ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ରୂପା ଇଟା କିଭଳି ମହାପ୍ରଭୁଙ୍କ ଅଧୀନକୁ ଆସିବ ସେ ନେଇ ରାଜ୍ୟ ସରକାରଙ୍କ ସ୍ତରରେ ମଧ୍ୟ ଆଲୋଚନା ହୋଇଛି। ଏ ନେଇ ପ୍ରକ୍ରିୟା ଚାଲିଛି। ନିୟମ ଅନୁସାରେ ମନ୍ଦିର ପ୍ରଶାସନ ଅଧୀନକୁ ଏହି ରୂପା ଇଟା ଅଣାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢୀ।


ADMISSION NOTICE-2025-26

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

Campus:
262, Puranpadhan, Balakati, Bhubaneswar

Mob. 7019799641, 7978608747
9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

# ଲଘୁଚାପ ବର୍ଷା ଆଶଙ୍କାରେ ଚିନ୍ତାରେ ଚାଷୀ

ପଦ୍ମପୁର,୨୨।୧୧(ସମିସ)



ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ଚାଷର ପ୍ରଥମାର୍ଦ୍ଧରେ ଭଲ ବର୍ଷା ହୋଇଥିବାରୁ ଚାଷୀ ଭଲ ଅମଳ ହେବ ବୋଲି ଆଶା ରଖିଥିଲେ। ହେଲେ ମଝିରେ ସମୟରେ ବର୍ଷା ଉଭାନ ହୋଇଥିଲା। ଚାଷୀ ଫସଲ ବଞ୍ଚାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବର୍ତ୍ତମାନ ଅମଳ କାମ ଜୋରସୋରରେ ଚାଲିଛି। ଅଧିକାଂଶ ଚାଷୀ ନିଜ ଧାନ ଅମଳ କରିସାରିଛନ୍ତି। ହେଲେ ଅମଳ ଧାନ ରଖିବା ପାଇଁ ସ୍ଥାନ ଅଭାବ ଦେଖା ଦେଉଛି। ଫଳରେ ଚାଷୀ ଖୋଲା ଆକାଶ ତଳେ ଧାନକୁ ପକାଇ ରଖିବାକୁ ବାଧ ହେଉଛନ୍ତି। ଲଘୁଚାପ ବର୍ଷାର ସମ୍ଭାବନା ଚାଷୀଙ୍କ ଭିତରେ ଭୟ ଓ ଚିନ୍ତା ସୃଷ୍ଟି କରିଛି। ବର୍ଷା ହେଲେ ଫସଲ ନଷ୍ଟ ହେବା ଚିନ୍ତାରେ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି। ଚାଷୀଙ୍କ କହିବା ଅନୁସାରେ, ଯଦି ବର୍ଷା ହୋଇଯାଏ, ତେବେ ଅମଳ ହୋଇ ଖଳାରେ ପଡିଥିବା ଧାନ ଭିଜିଯିବ। ଏହଦ୍ବାରା ବିପୁଳ କ୍ଷତି ହେବା ସହ ବର୍ଷାରେ ଭିଜି ଧାନର ରଙ୍ଗ ବଦଳିବା ଆଶଙ୍କା ରହିଛି। ଏଭଳି ହେଲେ ଏଫଏକ୍ୟୁ ମାନ ହ୍ରାସ ପାଇବ। ମଣ୍ଡିରେ ଧାନ କିଣାଯିବ ନାହିଁ। ଏଭଳି ହେଲେ ଚାଷୀ କ୍ଷତି ସହିବା ସୁନିଶ୍ଚିତ। ଚାଷୀର ସମସ୍ତ ଶ୍ରମ ଓ ଖର୍ଚ୍ଚ ବୃଥା ହେବାର ସମ୍ଭାବନା ରହିଛି। ତେଣୁ ସରକାର ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରି ତୁରନ୍ତ ମଣ୍ଡି ଖୋଲି, ଟୋକନ ଜାରି କରିବା ସହ ଅମଳ ହୋଇଥିବା ଧାନ ଶୀଘ୍ର ଉଠାଇବାକୁ ପଦ୍ମପୁର ଉପଖଣ୍ଡର ଚାଷୀ ଦାବି ଜଣାଇଛନ୍ତି।

## ରାସ୍ତାରେ ଶୁଖୁଛି ଧାନ, ହ୍ରାସ ପାଉଛି ମାନ

ପଦ୍ମପୁର,୨୨।୧୧(ସମିସ): ବହୁ କଷ୍ଟ ପରେ ଚାଷୀ ଧାନ ଅମଳ କରିଛି। ଧାନକୁ ଏଫଏକ୍ୟୁ ମାନ ଅନ୍ତର୍ଭୁକ୍ତ କରିବା ପାଇଁ ଚାଷୀ ଏବେ ଧାନ ଶୁଖାଇବାରେ ବ୍ୟସ୍ତ। କିନ୍ତୁ ପଦ୍ମପୁର ଅଞ୍ଚଳରେ କଂକ୍ରିଟ ଧାନ ଖଳାର ଅଭାବ ରହିଛି। ବାହାରେ ଧାନ ଶୁଖା ଯାଉ ଥିବାରୁ ଧାନର ଆଦ୍ରତା ଲାଗି ରହୁଛି। ଚାଷୀ କଟଣି ଛଟଣିର ଶିକାର ହେଉଥିବା ଅଭିଯୋଗ ହେଉଛି। ଏ ବର୍ଷ ଚାଷ ପାଇଁ ପ୍ରାୟ ଅନୁକୂଳ ପାଗ ଥିବା ବେଳେ ଅମଳ ପୂର୍ବରୁ ଚକଡା, ଗୁଣ୍ଡିପୋକ ଚାଷୀକୁ ଚିନ୍ତାରେ ପକାଇଥିଲା। କିନ୍ତୁ ଧାନ ଅମଳ



ପରେ କଂକ୍ରିଟ ଖଳା ଅଭାବରୁ ଚାଷୀ ବାଧ ହୋଇ ରାସ୍ତାରେ ଧାନ ଶୁଖାଉଛି। ଯାହା ଧାନକୁ ଠିକ ଭାବେ ଶୁଖାଇବା ପାଇଁ ସମୟ ଲାଗୁଛି। ମାତ୍ର ଏହି ରାସ୍ତାରେ ଶୁଖାଇବା ଦ୍ବାରା ଧାନ ନଷ୍ଟ ମଧ୍ୟ ହେଉଛି। ଏହା ସହିତ ଉଡି ଆସୁଥିବା ଧୂଳି ଧାନରେ ମିଶୁଛି। ଧାନ ବିକ୍ରି ସମୟରେ ଯେତେବେଳେ ଧାନର ମାନ ମଣ୍ଡିରେ ପରିକ୍ଷଣ ହୁଏ ମିଲର୍ ମାନେ ଏହି ଧାନକୁ ବିଭିନ୍ନ ଆଳ କରି କଟଣି ଛଟଣି କରିଥାନ୍ତି। ଚାଷୀ ପ୍ରକୃତ ଧାନର ମୂଲ୍ୟ ପାଇ ପାରେ ନାହିଁ। ତେଣୁ ସରକାର ଚାଷୀଙ୍କ ସୁବିଧା ପାଇଁ ଆବଶ୍ୟକ ଖଳା ନିର୍ମାଣ ପାଇଁ ଚାଷୀ ମତ ଦେଇଛନ୍ତି।

## ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା



ଦେବଗଡ଼,୨୨।୧୧(ସମିସ): ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ ଠାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର ଓ ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ ରାଷ୍ଟ୍ରୀୟ ଏକତା ବଜାୟ ରଖିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ସାମୂହିକ ଶପଥ ପାଠ କରାଇଥିଲେ। ପରେ ଏକତା ପଦଯାତ୍ରାକୁ ଅତିଥି ବୃନ୍ଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ପଦଯାତ୍ରା ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରୁ ଆରମ୍ଭ ହୋଇ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସେଣ୍ଟର ଫର୍ କଲଚର, ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଦେଇ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ପହଞ୍ଚିଥିଲା। ଏହାପରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଶ୍ରୀ ନାୟକ ସର୍ଦ୍ଦାର ପଟେଲଙ୍କ ଜୀବନାଦର୍ଶନ, ଲୌହମାନବ ଭାବେ ତାଙ୍କର ଦୃଢ଼ ନେତୃତ୍ୱ, ଦେଶର ଏକତା, ନିର୍ମାଣ ଓ ଅଖଣ୍ଡତା ପାଇଁ ତାଙ୍କ ଅବଦାନ ବିଷୟରେ ପ୍ରକାଶ କରିଥିଲେ। ସଭାପତି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଏସ୍‌ପି ଅନିଲ ମିଶ୍ର, ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଅରୁଣ ସାହୁ ଓ ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ ଭୋଜ ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବରୁ ଆୟୋଜିତ ହୋଇଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ସହ ଅତିଥିଙ୍କ ଦ୍ବାରା ସମ୍ବର୍ଦ୍ଧିତ କରାଯାଇଥିଲା।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା



ରିଆମାଳ,୨୨।୧୧(ସମିସ): ରିଆମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୫ ତମ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ର ଜିଲ୍ଲା ପରିଷଦ ସଭାପତି କୌଶିକ ପ୍ରଧାନ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଯୁଧିଷ୍ଠିର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଧୀରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ହେମନ୍ତ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ସମାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରିଆମାଳ ପଞ୍ଚାୟତର ସରପଞ୍ଚ ବୀଣାପାଣି ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ବାଟିକା ଠାରୁ ଆରମ୍ଭ କରି କିଶୋର ବର୍ଗ ପର୍ଯ୍ୟନ୍ତ ବିଭିନ୍ନ ବର୍ଗରେ ଭାଇ ଓ ଭଉଣୀ ମାନଙ୍କ ମୋଟ ୬୪ଟି ଲେଖାଏଁ ଖେଳ ପ୍ରତିଯୋଗିତା କରାଯାଇଥିଲା। କୃତୀ ଶିଶୁ ଭାଇ ଭଉଣୀ ମାନଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ରାକେଶ ସାହୁ, ରାଜେନ ବେହେରା, ହରେଶ ବେହେରା, ପ୍ରହ୍ଲାଦ, ବିରଜା, କବିତା, ଭାରତୀ, ପ୍ରତାପ ପ୍ରମୁଖ ଗୁରୁଜୀ ଗୁରୁମା, ଶିଶୁ ଭାଇ ଭଉଣୀ ତଥା ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୂଚାରୁ ରୂପେ ସମ୍ପାଦିତ ହୋଇଥିଲା।

ଦେବଗଡ଼: ଗତକାଲି ଠାରୁ ଆରମ୍ଭ ହୋଇଥିବା ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରିଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି।

ପ୍ରଧାନଆଚାର୍ଯ୍ୟ ଉମାକାନ୍ତ ରଣାଙ୍କ ତତ୍ତ୍ୱାବଧାନରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରିଜର୍ଭ ପୁଲିସ ଇନ୍ସପେକ୍ଟର ହମ୍ବିରା ସୋରେନ ଯୋଗ ଦେଇଥିଲେ। ଏହାସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଉତ୍ସବରେ ୧୯୦ ଜଣ କୃତୀ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରମୁଖ ବିଜୟ ପ୍ରଧାନ, ବିଦ୍ୟାଳୟର ସଭାପତି ପରମାନନ୍ଦ ସାହୁ ଉପସ୍ଥିତ ଥିଲେ। ଶେଷରେ ବିଦ୍ୟାଳୟର ସଭାପତି ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଉଚ୍ଛେଦ ପ୍ରକ୍ରିୟା ପୌର ପରିଷଦର ନୁହେଁ: ପୌର ଅଧ୍ୟକ୍ଷା

ଝାରସୁଗୁଡ଼ା,୨୨।୧୧(ସମିସ): ଝାରସୁଗୁଡ଼ା ପୌର ପରିଷଦ ଅଧୀନ ସହରରେ ହେଉଥିବା ବେଆଇନ ନିର୍ମାଣ ଓ ଉଠାଦୋକାନୀଙ୍କୁ ଉଚ୍ଛେଦ କାର୍ଯ୍ୟ ପୌର ପରିଷଦ କରୁନାହିଁ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ଝାରସୁଗୁଡ଼ା ପୌର ପରିଷଦ ଅଧ୍ୟକ୍ଷା ରାନୀ ହାତୀ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଝାରସୁଗୁଡ଼ା ପକ୍ଷରୁ ବର୍ତ୍ତମାନ ଝାରସୁଗୁଡ଼ା ସହର ମଧ୍ୟରେ ଥିବା ରାସ୍ତା ଗୁଡିକରେ ଉଚ୍ଛେଦ ପ୍ରକ୍ରିୟା ଚାଲୁଛି। ଗତ ଶୁକ୍ରବାର ଝାରସୁଗୁଡ଼ା ସହରର ସରାଞ୍ଚଳରେ ବେଆଇନ ନିର୍ମାଣ ଓ ଉଠାଦୋକାନ ଗୁଡିକୁ ପୌର ପରିଷଦ ଇଓ ବିଶ୍ୱରଞ୍ଜନ ମଲ୍ଲିକ, ପୌର ପରିଷଦ ଅଧିକାରୀଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଇଥିଲା। କିନ୍ତୁ ଶନିବାର ପୌରାଧ୍ୟକ୍ଷା ରାନୀ ହାତୀ ଏହା ପୌର ପରିଷଦ ପକ୍ଷରୁ ଭଙ୍ଗା ଯାଇନାହିଁ ଏବଂ ଏନେଇ କୌଣସି ପ୍ରସ୍ତାବ ଅନୁମୋଦନ କରାଯାଇନାହିଁ ବୋଲି ପ୍ରେସ ବିଜ୍ଞପ୍ତି ମାଧ୍ୟମରେ କହିଛନ୍ତି। ପୌରାଧ୍ୟକ୍ଷା ରାନୀ ହାତୀ କହିଛନ୍ତି ଯେ ପୌର ପରିଷଦ ଲୋକଙ୍କ ହିତ ପାଇଁ କାର୍ଯ୍ୟ କରିଥାଏ ଏବଂ ଲୋକଙ୍କ ସାଥିରେ ରହିଥାଏ। ତେଣୁ ଉଚ୍ଛେଦ ହୋଇଥିବା କ୍ଷତିଗ୍ରସ୍ତ ଦୋକାନୀ, ଉଠା ଦୋକାନୀ ମାନଙ୍କୁ ସେମାନଙ୍କ ପରିବାର ପ୍ରତିପୋଷଣ ପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ ଭେଣ୍ଡିଂ ଜୋନ କରି ଦୋକାନ ଯୋଗାଇ ଦେବା ପାଇଁ ପୌରାଧ୍ୟକ୍ଷାରାନୀ ହାତୀ ପ୍ରେସ ବିଜ୍ଞପ୍ତିରେ ଅନୁରୋଧ କରିଛନ୍ତି।

## ନୂଆଁଗଡ଼ ଯୁବ ମଞ୍ଚ ଓ ନିଷ୍ଠା ପରିବାର ତରଫରୁ ରକ୍ତଦାନ ଶିବିର

ବରଗଡ଼,୨୨।୧୧(ସମିସ): ବରଗଡ଼ ବ୍ଲକ୍ ଅଧୀନ ଖଣ୍ଡହଥା ପଞ୍ଚାୟତର ନୂଆଁଗଡ ଗାଁରେ ନୂଆଁଗଡ ଯୁବ ମଞ୍ଚ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି।



### ୩୧ ୟୁନିଟ ରକ୍ତ ସଂଗ୍ରହ

ଶିବିରକୁ ଠିକାଦାର ସଂଘର ସଭାପତି ସୁଧାଂଶୁ ଗଡତିଆ, ତାଙ୍କ ଧର୍ମ ପତ୍ନୀ ସୁସ୍ମିତା ଗଡତିଆ ଖଣ୍ଡହଥା ପଞ୍ଚାୟତର ସରପଞ୍ଚ ଚିତ୍ରସେନ ସାହୁ, ପୂର୍ବତନ ସରପଞ୍ଚ କ୍ଷିରୋଦ୍ର ସାହୁ ନିମନ୍ତ୍ରିତ ଅତିଥି ଭାବେ ଶିବିରର ଶିଭାରମ୍ଭ କରିଥିଲେ। ବରଗଡ଼ ରକ୍ତଭଣ୍ଡାର ଦ୍ବାରା ସର୍ବମୋଟ ୩୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରକୁ ନୂଆଁଗଡ ଯୁବ ମଞ୍ଚର ପପ୍ପୁ ସାହୁ, ଆନନ୍ଦ ସାହୁ, ଅନିଲ ବେହେରା, ପ୍ରିତମ ଭୁଏ,କୁନା ଭୁଏ, ଆକଶ ସାହୁ, ସହଦେବ ଭୁଏ, ପ୍ରଶାନ୍ତ ଜାଲ ଅନ୍ୟ ସଦସ୍ୟ ଓ ଲେକୁ ପଧାନ, ଗଣେଶ ଭୋଇ, କରୁଣା କର ସାହୁଙ୍କ ସହ ନିଷ୍ଠା ପରିବାରର ସଦସ୍ୟ ପରିଚାଳନା କରିଥିଲେ।

## ମିଶନ ସାହସୀ କାର୍ଯ୍ୟକ୍ରମ




ବରଗଡ଼,୨୨।୧୧(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବରଗଡ଼ ଜିଲ୍ଲା ବରଗଡ଼ ନଗର ତରଫରୁ ଶନିବାର ଗାନ୍ଧୀ ମେମୋରିଆଲ କଲେଜ କଳାପାଣି ଠାରେ ରାଣୀ ଲକ୍ଷ୍ମୀବାଈଙ୍କ ଜନ୍ମ ଜୟନ୍ତୀ ଅବସରରେ ମିଶନ ସାହସୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗାନ୍ଧୀ ମେମୋରିଆଲ କଲେଜର ଅଧ୍ୟାପକ ଅମୃତାଂଶୁ ମହାପାତ୍ର, ମୁଖ୍ୟ ବକ୍ତା ଭାବେ ସମ୍ବଲପୁର ବିଭାଗର ବିଭାଗ ସଂଯୋଜକ ସଂକେତ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରିୟଦର୍ଶିନୀ ଅର୍ଚ୍ଚନା ବାଗ ଓ ସମ୍ବଲପୁର ବିଭାଗ ଛାତ୍ରୀ ପ୍ରମୁଖ ଆଞ୍ଚଲ୍ ଚୌଦ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବରଗଡ଼ ଜିଲ୍ଲାର ଆର୍‌କେଏମ ସଂଯୋଜକ ରୋଶନି ଭଉଣୀ, ଜିଲ୍ଲା ଖେଲୋ ଭାରତ ସଂଯୋଜକ କ୍ରିଷ୍ଣା ଭାଇ ଓ ବରଗଡ଼ ନଗର ସଂଯୋଜକ ଉଜାଲା ଭଉଣୀ ଉପସ୍ଥିତ ଥିଲେ।

## ମହିଳାଙ୍କୁ ହତ୍ୟା ଅଭିଯୋଗ

ଦେବଗଡ଼,୨୨।୧୧(ସମିସ): ଲଇମୁରା ଥାନାଞ୍ଚଳରେ ଶନିବାର ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ନେଇ ଲଇମୁରା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଲଇମୁରା ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଛି। ପୁଲିସ ଅନୁଯାୟୀ, ଲଇମୁରା ଗାଁର କେସନ ମାଝୀଙ୍କ ଝିଅ ପ୍ରତିମା ମାଝୀ (୩୨) ପ୍ରାୟ ୬/୭ ବର୍ଷ ପୂର୍ବେ ଡୁରିଜଙ୍ଗଲ ଗାଁର ଲଳିନ୍ଦ୍ର କିଷାନଙ୍କୁ ବିବାହ କରିଥିଲେ। ବିବାହର କିଛି ମାସ ପରଠାରୁ ସ୍ୱାମୀ ସ୍ତ୍ରୀ ମଧ୍ୟରେ ବିବାଦ କାରଣରୁ ଲଳିନ୍ଦ୍ର ସ୍ତ୍ରୀ ପ୍ରତିମା ସହ ସମ୍ପର୍କ ଛିନ୍ନ କରିଥିଲେ। ଫଳରେ ପ୍ରତିମା ଲଇମୁରା ସ୍ଥିତ ନିଜ ବାପ ଘରେ ରହି ଆସୁଥିଲେ। ତେବେ ଆଜି ସକାଳୁ କେତେକ ଗ୍ରାମବାସୀ ଜଙ୍ଗଲ ପଟକୁ ଶୌଚ ପାଇଁ ଯାଉଥିବା ସମୟରେ ଏକ ଶାଳ ଗଛ ତଳେ ପ୍ରତିମାଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ପ୍ରତିମାଙ୍କ ମୃତଦେହ ଚିହ୍ନଟ କରିଥିଲେ। ମୃତ ପ୍ରତିମାଙ୍କ ବାପା କେସନ ଲଇମୁରା ଥାନାରେ ତାଙ୍କ ଝିଅକୁ କେହି ହତ୍ୟା କରିଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଲଇମୁରା ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ ଟିମ ସହାୟତାରେ ଘଟଣାର ତଦନ୍ତ ଆରମ୍ଭ କରିଛି। ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ସତ୍ୟସାଇ ଜନ୍ମ ଦିବସ

ପାଇକମାଳ,୨୨।୧୧(ସମିସ): ପାଇକମାଳ ବ୍ଲକ୍ ମାଣ୍ଡୋସିଲ ନିକଟସ୍ଥ ମୁଣ୍ଡାପଲା ହାଇସ୍କୁଲରେ ଶ୍ରୀଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀ ଛିନ୍ଦେଇଖୋଲାର ଆବାହକ ତଥା ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ପତିତପାବନ ସାରା ବିଶ୍ୱରେ ବାବାଙ୍କ ସେବାର ମାର୍ଗ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଶିକ୍ଷାବିତ ହୁତାଶନ ତାଣ୍ଡି ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କୁ ଖାତା, ବାବାଙ୍କ ଫଟୋ, ବାବାଙ୍କ ଲକେଟ ତଥା ମିଷ୍ଟାନ ବଣ୍ଟନ କରାଯାଇଥିଲା। ପୂଜାକାର୍ଯ୍ୟ ଶିକ୍ଷକ ଅନିରୁଦ୍ଧ ପଣ୍ଡା ସମ୍ପାଦନା କରିଥିଲେ। ଶିକ୍ଷକ ତପନ ବହିଦାର, ମନୋଜ ନାୟକ, ସୁବାସ ମେହେର, ସୁଶାନ୍ତରଣା, ନବୀନ ମେହେର, କ୍ଷିରସିନ୍ଧୁ ପ୍ରଧାନ, କ୍ଷୀରୋଦ ମାଝୀ, ନାନୁ ପ୍ରସାଦ ଦୁବେ, କୁମର କେତକୀ, ଦେବରାଜ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ୨୬ରେ ଆପ୍‌ର ସ୍ଥାପନା ଦିବସ

ବରଗଡ଼,୨୨।୧୧(ସମିସ): ନଭେମ୍ବର ୨୬ ତାରିଖ ହେଉଛି ଆମ୍ ଆଦମୀ ପାର୍ଟିର ସ୍ଥାପନା ଦିବସ। ଏହିଦିନ ଭାରତୀୟ ସମ୍ବିଧାନ ଦିବସ ମଧ୍ୟ। ଦଳ ପକ୍ଷରୁ ଏହି ଦିନକୁ ପାଳନ ନିମନ୍ତେ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ରାଜ୍ୟରେ କ୍ଷମତା ପରିବର୍ତ୍ତନ ହେବା ପରେ ବିଜେପି ସରକାର ଦେଇଥିବା ପ୍ରତିଶ୍ରୁତି ଆଜିବି ପୂରଣ ହୋଇ ନାହିଁ, ୩୦୦ ୟୁନିଟ ମାଗଣା ବିଜୁଳି ଦେବା, ବୟସ୍କଙ୍କୁ ୩୦୦୦ ଟଙ୍କା ଭତ୍ତା ଦେବା କଥା ସବୁ ପାଣିର ଗାର ପାଲଟିଛି। ଅନ୍ୟପଟେ ଜିଲ୍ଲାର ୫ ହଜାର ଚାଷୀ ପଞ୍ଜୀକରଣରୁ ବାଦ ପଡିଛନ୍ତି। ଏହିସବୁ ପ୍ରସଙ୍ଗକୁ ନେଇ ଆପ୍ ପକ୍ଷରୁ ଆସନ୍ତା ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ପ୍ରଥମେ ନିଶାମଣି ପଡିଆ ପାଖରୁ ୧୧ଟା ବେଳେ ରାଲି ବାହାରି ଗାନ୍ଧୀ ଛକରେ ବିକ୍ଷୋଭ ପ୍ରଦର୍ଶନ କରିବ। ପରେ ଦାବିପତ୍ର ଦିଆଯିବ ବୋଲି ଆପ୍‌ର ରାଜ୍ୟ ସମ୍ପାଦକ ଭବାନୀ ସାହୁ ସୂଚନା ଦେଇଛନ୍ତି।

## କିର୍ମିରାରେ ବ୍ଲକ୍‌ସ୍ତରୀୟ ଶିଶୁ ବୈଜ୍ଞାନିକ ମେଳା



ଝାରସୁଗୁଡ଼ା,୨୨।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ କିର୍ମିରା ଠାରେ ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଏହି ମେଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆ, ମୁଖ୍ୟବକ୍ତା ଭାବେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ସୁଶାନ୍ତ ରଥ, ସମ୍ମାନିତ ଅତିଥି ଭାବେ ଏବିଇଓ ହିରଣ୍ୟ ରୋହିଦାସ, ଅବସରପ୍ରାପ୍ତ ଏବିଇଓ ଘନଶ୍ୟାମ ଚାନ୍ଦ, ପ୍ରଧାନଶିକ୍ଷକ ସୌରୀ ନାରାୟଣ ସିଂ, ଶିକ୍ଷକ ସଂଘ ସଭାପତି ଶଶିକାନ୍ତ ନାଏକ ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ଲକ୍‌ର ମୋଟ ୫୯ଟି ସ୍କୁଲର ୧୫୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ମଧ୍ୟରୁ ୭ଟି ପ୍ରକଳ୍ପ ଜିଲ୍ଲାସ୍ତର ବିଜ୍ଞାନ ମେଳାକୁ ମନୋନୀତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବିଇଓ ଜୟନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଲଇକେରା ବ୍ଲକ୍ ଶିକ୍ଷା ଅଧିକାରୀ ହିମାଂଶୁ ବାଗ, ମୁଖ୍ୟବକ୍ତା ଭାବେ ଅବସର ଅଧ୍ୟାପକ ଯୁଧିଷ୍ଠିର ପଟେଲ, ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ନିରୀକ୍ଷକ ନିରୋଜ ପଟେଲ, ସରପଞ୍ଚ ସନ୍ତୋଷିନୀ ପଟେଲ, ଶିକ୍ଷକ ସଂଘ ସମ୍ପାଦକ ବୈକୁଣ୍ଠ ନାଏକ ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର କରିଥିଲେ। ଜଗଦୀଶ କିଷାନ, ପୁରଷୋତ୍ତମ ପଟେଲ, ପ୍ରଶାନ୍ତ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସୁନୀଲ ପଟେଲ, ଅଞ୍ଜନ ପାଣ୍ଡେ, ବିପିନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏମଆଇଏସ ଦିଲିପ ମେହେର, ଶିକ୍ଷକ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସହ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସିଆରସିସି ଭେଷଜ ଦିହିରିଆ ଧନ୍ୟବାଦ ଦେଇଥିଲେ।

## ବିକାଶ ଫାର୍ମାସୀ କଲେଜ୍‌ରେ ଫାର୍ମାସୀ ସପ୍ତାହ ଉଦ୍‌ଯାପିତ

ବରଗଡ଼,୨୨।୧୧(ସମିସ)

ବିକାଶ ହାୟର ଏଜୁକେସ୍‌ନାଲ ଇନଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ଫାର୍ମାସୀ କଲେଜ ଦ୍ବାରା ୬ ଦିନ ବ୍ୟାପୀ ଚାଲିଥିବା 'ଜାତୀୟ ଫାର୍ମାସୀ ସପ୍ତାହ -୨୦୨୫' ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବରଗଡ଼ ସାସ୍ଥ୍ୟ ବିଭାଗ ମୁଖ୍ୟ ସିଡିଏମ୍‌ଓ ଡ.କୁବେର୍ ଚନ୍ଦ୍ର ମହନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଲକ୍ଷ୍ମୀ ବିକାଶ ଚେୟାର୍‌ମ୍ୟାନ୍ ଡି.ନାଗେଶ୍ୱର ରାଓ ପ୍ରଥମ ଫାର୍ମାସୀ ସପ୍ତାହର ବ୍ୟାପକ ସଫଳତା ପାଇଁ ଅଧ୍ୟକ୍ଷ ଡ.ଶୁଭେନ୍ଦୁ ଶେଖର ମିଶ୍ର ଏବଂ ସମସ୍ତ କର୍ମଚାରୀଙ୍କୁ ପ୍ରଶଂସା କରିଥିଲେ। ନଭେମ୍ବର ୧୭ରୁ ୨୨ ପର୍ଯ୍ୟନ୍ତ ଫାର୍ମାସୀ ସପ୍ତାହ ଚାଲିଥିଲା। ଏହାର ସମ୍ପୂର୍ଣ୍ଣ ବିବରଣୀ ଅଧ୍ୟକ୍ଷ ଡ.ମିଶ୍ର ଉପସ୍ଥାପିତ କରିଥିଲେ। ବରଗଡ଼ ଜିଲ୍ଲା ଡ୍ରଗ୍ ଇନ୍ସପେକ୍ଟର ଦିପକ ସିଂଙ୍କ ଦ୍ବାରା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଏହାର ୨ୟ ଦିବସରେ ସୁଦୂର ରାଜସ୍ଥାନର 'କୁସୁମ ହେଲ୍‌ଥ କେୟାର'ର ଅନୁସନ୍ଧାନ ବିଭାଗର ଦକ୍ଷ ବିଶେଷଜ୍ଞ ନିପୁଣ ଭୋଇ (ପ୍ରବନ୍ଧକ) ଙ୍କ ଦ୍ବାରା ଛାତ୍ରଛାତ୍ରୀଙ୍କ ପାଇଁ ସେମିନାର ହୋଇଥିଲା। ୩ୟ ଦିବସରେ ଛାତ୍ରଛାତ୍ରୀଙ୍କ ପାଇଁ ସଙ୍ଗୀତ ତଥା ଗ୍ରୁପ ଡିସ୍କସନ୍ ପ୍ରତିଯୋଗିତା ସାଙ୍ଗକୁ ଅଧ୍ୟକ୍ଷ ଡ.ମିଶ୍ରଙ୍କ ଦ୍ବାରା ଔଷଧ ପ୍ରସ୍ତୁତି ସମ୍ବନ୍ଧୀୟ ସେମିନାର ଅନୁଷ୍ଠିତ ହୋଇଥିଲା। ୪ର୍ଥ ଦିବସରେ 'ଫାର୍ମା ଏକ୍ସପୋ' ଆୟୋଜିତ ହୋଇଥିଲା। ଏଥିରେ ଔଷଧ ପ୍ରସ୍ତୁତି ଉପକରଣ ଓ ସେଗୁଡ଼ିକର କାର୍ଯ୍ୟକାରିତା ପ୍ରଦର୍ଶିତ ହୋଇଥିଲା। ଏକ୍ସପୋକୁ ବରଗଡ଼ର ବିଭିନ୍ନ ଶିକ୍ଷାନୁଷ୍ଠାନର ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ପରିଦର୍ଶନ କରି ଜ୍ଞାନ ଆହରଣ କରିଥିଲେ। ୫ମ ଦିବସରେ ଛାତ୍ରଛାତ୍ରୀ ସମେତ ସମସ୍ତ ଅଧ୍ୟାପକ-ଅଧ୍ୟାପିକା ବରଗଡ଼ ସହର ଥାନା ଛକ ଠାରୁ ଗାନ୍ଧୀଛକ ପର୍ଯ୍ୟନ୍ତ ପ୍ଲାକାର୍ଡ ଧରି ସଚେତନତା ରାଲି କରିଥିଲେ। ଉଦ୍‌ଯାପନୀ ଉତ୍ସବରେ 'ମେହେଫିଲ୍ ବ୍ୟାଣ୍ଡ' ଦ୍ବାରା ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ଇଂ.ଅଜୟ ମହାପାତ୍ର, ସିନିୟର ଆଡଭାଇଜର ପିକେ ଦାଶ, ବିକାଶ ହାୟର ଏଜୁକେସ୍ନାଲ୍ ଇଂଷ୍ଟିଚ୍ୟୁସନ୍ସର ସମସ୍ତ ଅନୁଷ୍ଠାନର ଅଧ୍ୟକ୍ଷ ତଥା ଡିନ୍ ଆର୍‌ଏସ୍‌ଭି କ୍ରିଷ୍ଣା କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ।

ଅଧ୍ୟାପକ ଅସିତ ଭୋଇ ତଥା ଅଧ୍ୟାପିକା ଶିବାନୀ ରାଉତ୍ ସଂଯୋଜନା ଦାୟିତ୍ୱ ତୁଲାଇଥିଲେ। ଅଧ୍ୟାପିକା ମୋନାଲିସା ଧନ୍ୟବାଦ ଅର୍ପଣ କରିଥିଲେ।



# ସହୋଦୟ ବାସ୍କେଟବଲ୍ ଟୁର୍ଣ୍ଣାମେଣ୍ଟ



ବରଗଡ଼, ୨୨।୧୧(ସମିସ): ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ଶନିବାର ପଶ୍ଚିମ ଓଡ଼ିଶା ସହୋଦୟ ସ୍କୁଲ୍ କମ୍ପ୍ଲେକ୍ସ ଦ୍ୱାରା ବାସ୍କେଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି। ମୁଖ୍ୟ ଅତିଥି ଭାବେ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲ ନିର୍ଦ୍ଦେଶକଅଜିତ ପଟ୍ଟନାୟକ, ସହୋଦୟର ଚେୟାରମ୍ୟାନ କରନ ସାହୁ, ପ୍ରିନ୍ସିପାଲ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲ, ବିଶିଷ୍ଟ ଅତିଥି ବରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରିନ୍ସିପାଲ ଅକ୍ଷୟ ରାୟ, ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ଭାଇସ୍ ପ୍ରିନ୍ସିପାଲ୍ ପ୍ରଭୁଦତ୍ତ ଦାଶ, ଏକାଡେମିକ୍ କୋର୍ଡିନେଟର ସୀମା ସାହୁ, କୋର୍ଡିନେଟର ମମତା ସିହ୍ନା, କୋର୍ଡିନେଟର ରୀତା ନାୟକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ନିର୍ଦ୍ଦେଶକ ଶ୍ରୀ ପଟ୍ଟନାୟକ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀ ଶ୍ଳୋକ ଉଚ୍ଚାରଣରେଟୁର୍ଣ୍ଣାମେଣ୍ଟ ପ୍ରାରମ୍ଭହୋଇଥିଲା। ଏଥିରେ ପଶ୍ଚିମ ଓଡ଼ିଶାର ୪ଟି ବିଦ୍ୟାଳୟ ବରଗଡ଼ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍, କ୍ରିଷ୍ଣା ବିକାଶ ସ୍କୁଲ, ବେଥାନୀ କନଭେଣ୍ଟ ସ୍କୁଲ ଓ ସମ୍ବଲପୁର ବିଦ୍ୟା ବିକାଶ ସ୍କୁଲ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଝିଅ ମାନଙ୍କ ବିଭାଗରେ ବିକାଶ ରେସିଡେନ୍ସିଆଲ୍ ସ୍କୁଲ ରନର୍ସଅପ୍ ଏବଂ ବିକାଶ ଦ କନସେପ୍ଟ ସ୍କୁଲ ବିଜୟୀ ହୋଇଥିବା ବେଳେ ମେଘା ମୁର୍ମୁଙ୍କୁ 'ଶ୍ରେଷ୍ଠ ଖେଳାଳି' ଭାବେ ଘୋଷଣା କରାଯାଇଥିଲା। ପୁଅମାନଙ୍କ ବିଭାଗରେ ବିକାଶ ରେସିଡେନ୍ସିଆଲ୍ ସ୍କୁଲ ରନର୍ସଅପ୍ ଏବଂ ବିକାଶ ଦ କନସେପ୍ଟ ସ୍କୁଲ ବିଜୟୀ ହୋଇଥିବା ବେଳେ ଅଭିଳାଷଙ୍କୁ 'ଶ୍ରେଷ୍ଠ ଖେଳାଳି' ଭାବେ ଘୋଷଣା କରାଯାଇଥିଲା। ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ଚେୟାରମ୍ୟାନ୍ ସୁମନ ସାଓ୍ୱଡିଆ ଓ ଡାଇରେକ୍ଟର ସିଦ୍ଧାର୍ଥ ସାଓ୍ୱଡିଆ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଜାତି ବିଭେଦର କୁତ୍ସିତ ରୂପ
# ଶବ ଛୁଇଁଲେନି ଗ୍ରାମବାସୀ

ବରଗଡ଼, ୨୨।୧୧(ସମିସ)



ଜାତି ବିଭେଦରୁ ଭଳି କୁସଂସ୍କାରରୁ ଜଣେ ମହିଳାଙ୍କ ଶବ ମଧ ଅଛୁଆଁ ହୋଇଛି। ଏପରିକି ତାଙ୍କୁ ମୃତ୍ୟୁ ପରେ ଚାରି କାନ୍ଧ ଦେବାକୁ ନିଜ ଜାତି ଭାଇ ଗାଁ ଲୋକେ ମନା କରି ଦେଇଥିଲେ। ଶେଷରେ ସାମାଜିକ ଅନୁଷ୍ଠାନ 'ପଶ୍ଚିମ୍ ଓଡ଼ିଶା ଯୁବା ମଞ୍ଚ' ସସମ୍ମାନେ ଶବ ସତ୍କାର କରିଛି। ଅତାବିରା ବ୍ଲକ୍ ଲଚିଦା ପଞ୍ଚାୟତ ଅଧୀନ ବରାହକଟା ଗାଁରେ ଏଭଳି ଅଭାବନୀୟ ଘଟଣା ଦେଖାଦେଇଛି। ବରାହକଟା ଗାଁର ନେହେରୁ ଭୁଏଙ୍କ ପତ୍ନୀ ଶାନ୍ତରା ଭୁଏ (୪୫)ଙ୍କ ଶୁକ୍ରବାର ରାତିରେ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବାରୁ ଦେହାନ୍ତ ହୋଇଥିଲା। କିନ୍ତୁ ଜାତି ବିଭେଦରୁ ତାଙ୍କ ଜାତି ଲୋକେ କିମ୍ବା ଗାଁ ଲୋକେ ଶବଦାହ କରିବାକୁ କିମ୍ବା ଛୁଇଁବାକୁ ମନା କରିଥିଲେ। ତେବେ ଗ୍ରାମବାସୀଙ୍କ ଠାରୁ ଫୋନ୍ ମାଧ୍ୟମରେ 'ପଶ୍ଚିମ୍ ଓଡ଼ିଶା ଯୁବା ମଞ୍ଚ'କୁ ଶବଦାହ ପାଇଁ ଅନୁରୋଧ କରାଯାଇଥିଲା। ଖବର ପାଇବା ମାତ୍ରେ ଭୀଷଣ ଶୀତ ରାତିରେ ମଞ୍ଚ ସଭାପତି ଅଜିତ ପତି, ଶ୍ରୀକାନ୍ତ ପଧାନ, ସାରୋଜ ସୁପକାର, ରାକେଶ ଗଡ଼ତିଆ, ରିତେଶ ପଧାନ, ଦିନେଶ ଦାସ, ସଦୟ ସାହୁ ପ୍ରମୁଖ ଗାଁରେ ପହଞ୍ଚିଥିଲେ। ମୃତକଙ୍କ ଶବସତ୍କାର କରିଥିଲେ। ଗ୍ରାମବାସୀ ଦାହ ପାଇଁ କାଠର ଯୋଗାଡ କରିବାରେ କିନ୍ତୁ ସାହାଯ୍ୟ କରିଥିଲେ। ମୃତ ଶାନ୍ତରାଙ୍କ ପୁଅ ମୁଖାଗ୍ନୀ ଦେଇଥିଲେ। ଜାତି ବିଭେଦର କୁତ୍ସିତ ରୂପ ଫଳରେ ପୁଣିଥରେ ଏକ ମୃତଶରୀର ଚାରିକାନ୍ଧ ନ ପାଇବା ଚର୍ଚ୍ଚାର ବିଷୟ ହୋଇଛି।

# ସରସ୍ୱତୀ ସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା



ବରପାଲି, ୨୨।୧୧(ସମିସ): ବରପାଲି ସରସ୍ୱତୀ ସଂଘ ପକ୍ଷରୁ ଜିଲ୍ଲା ସ୍ତରୀୟ ଦିବ୍ୟାଙ୍ଗ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଭିନ୍ନକ୍ଷମ ତାଲିମ କେନ୍ଦ୍ର ଓ ସରସ୍ୱତୀ ଭୌତିକ ଚିକିତ୍ସାକେନ୍ଦ୍ର ଆନୁକୂଲ୍ୟରେ ଉତ୍ସବ ଆୟୋଜିତ ହୋଇଥିଲା। ବରଗଡ଼ ଜିଲ୍ଲା ଅର୍ନ୍ତଗତ ୨୦୦ ଜଣ ମାନସିକ ଅନଗ୍ରସର ଅନ୍ଧ ମୂକ ବଧିର ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ସ୍ପେଶାଲ ଅଲମ୍ପିକ ଭାରତ, ଓଡ଼ିଶା ଆନ୍ତର୍ଜାତିକ ସ୍ପେଶାଲ କୋଚ ଉମାକାନ୍ତ ଷଡଙ୍ଗୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ମୁକୁନ୍ଦ ମାହାରା ଓ ବିଆରଟି ମୁକୁନ୍ଦ ମେହେର, ମୁଖ୍ୟବକ୍ତା ଭାବେ ବରଗଡ଼ ବାପୁଜୀ ସ୍ପେଶାଲ ସ୍କୁଲ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୁବ ଖେଳାଳି ଅନ୍ତର୍ଜାତୀୟ କ୍ରୀଡାବିତ ସଚିନ ବାରିକ ଯୋଗ ଦେଇଥିଲେ। ସ୍ପେଶାଲ ଅଲମ୍ପିକ୍ସ ଭାରତ ଓଡ଼ିଶା ରାଜ୍ୟ ସଭାପତି ତଥା ସରସ୍ୱତୀ ସଂଘ ସମ୍ପାଦିକା ସୁନିତା ମୁଣ୍ଡ, ସଂଘ ଉପ ସଭାପତି ଘରଯୁଗୀ ଗଡ଼ତିଆଙ୍କ ଉପସ୍ଥିତିରେ ଅତିଥି ବୃନ୍ଦ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଭ୍ୟା ନିବେଦିତା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁମନା ଦାଶ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପରେ ଶାରୀରିକ ଭିନ୍ନକ୍ଷମ, ଶ୍ରବଣ ବାଧିତ, ବୌଦ୍ଧିକ ଭିନ୍ନକ୍ଷମଙ୍କ ନିମନ୍ତେ ନୃତ୍ୟ ଚିତ୍ରାଙ୍କନ, ବୋଚି ଓ ଭଲିବଲ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଆଇଡି ବିଭାଗ ନୃତ୍ୟରେ ସୌମ୍ୟା ବାଗ ଦୀପିକା କୁମ୍ଭାର ଓ ସଞ୍ଚିତା ସିଂହ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ଏଚ୍‌ଆଇ ବରିଷ୍ଠ ବିଭାଗରେ ଗାୟତ୍ରୀ ବିଶି, ବନିତା ସାହୁ, ରାଜୁପଧାନ ଓ କନିଷ୍ଠ ବିଭାଗରେ ପ୍ରେମସାଗର ଡନସେନା, ଶିବାନୀ ବାରିକ, ଶିଖା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆଇଡି ବିଭାଗରେ ଶଶୀକଳା ବହିରା, ସୌମ୍ୟା ବାଗ ଓ ପ୍ରତୀକ୍ଷା ମହାପାତ୍ର ଏବଂ ଓଏଚ୍ ବିଭାଗରେ ରିତିକ ନାଗ, ବର୍ଷା ଗଡ଼ତିଆ ଓ ଅର୍ଜୁନ ମଟାରୀ ଯଥାକ୍ରମେ ପ୍ରଥମ ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବୋଚି ଖେଳର ବରିଷ୍ଠ ବିଭାଗରେ ସରସ୍ୱତୀ ଭିନ୍ନକ୍ଷମ ଧନ୍ଦାମୂଳକ ତାଲିମ କେନ୍ଦ୍ର, ବରପାଲି ବିଜୟୀ ଦଳ ଓ ବାପୁଜୀ ସ୍ପେସିଆଲ ସ୍କୁଲ, ବରଗଡ଼ ରନର୍ସ ଅପ ଦଳ ଭାବେ ଘୋଷିତ ହୋଇଥିଲା। କନିଷ୍ଠ ବିଭାଗରେ ରୋମାନ ନାଗ, ରାଜ ହରିପାଲ, ବିନୟ ପଧାନ, ସୁବ୍ରତ ସାହା ବିଜୟୀ ଦଳ ଓ କେଶବ ପ୍ରଧାନ, ଓଁକାର ଭାଇନା, ପ୍ରିୟାଂଶୁ ଭୋଇ, ପ୍ରୀତମ ପ୍ରଧାନ ରନର୍ସ ଅପ ଦଳ ଘୋଷିତ ହୋଇଥିଲେ। ଭଲିବଲ ଖେଳ ପ୍ରତିଯୋଗିତାରେ ବରପାଲି ଦଳ ବିଜୟୀ ହୋଇଥିବା ବେଳେ ବରଗଡ଼ ଦଳ ରନର୍ସ ଅପ ଦଳ ଭାବେ ପୁରସ୍କୃତ ହୋଇଥିଲା। ବିଭିନ୍ନ କାର୍ଯ୍ୟକ୍ରମକୁ କୋଚ୍ ଉମାକାନ୍ତ ଷଡଙ୍ଗୀଙ୍କ ନେତୃତ୍ୱରେ ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ସରୋଜ ପଧାନ, ବିଶ୍ୱରଞ୍ଜନ ଥଇତ୍ ଗୋପାଳ ନାଗ, ସରୋଜ ଥନାପତି, ଦେବେନ୍ଦ୍ର ମହାପାତ୍ର, ପୁରେନ୍ଦର ସିଂହ, ନୂରୀ ପଧାନ ପ୍ରମୁଖ ବିଚାରକର ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ଦୁଃଖୀ ସେବକ ଅନୁବାଦକର କାର୍ଯ୍ୟ ତୁଲେଇବା ସହ ନୃତ୍ୟ ପ୍ରତିଯୋଗିତାକୁ ସଞ୍ଚାଳନ କରିଥିଲେ। ଏହା ସହ ଡ.ସସୀମ ପ୍ରଧାନ, ପ୍ରଶାନ୍ତ ସାମଲ, ପ୍ରତାପ ବିଶ୍ୱାଳ, ବିବେଶିଖା ବେହେରା, ନୂତନ ପ୍ରଧାନଙ୍କ ସହ ସରସ୍ୱତୀ ସଂଘର ସଦସ୍ୟା, କର୍ମକର୍ତ୍ତା ଓ ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ବରପାଲିର କର୍ମକର୍ତ୍ତାଗଣ ସହଯୋଗ କରିଥିଲେ।

# ଏଇମ୍ସ ଇଣ୍ଟରନ୍ୟାସନାଲ ସ୍କୁଲ୍ ପକ୍ଷରୁ ଉଜ୍ଜ୍ୱଳ ପ୍ରଦର୍ଶନୀ



ବରଗଡ଼, ୨୨।୧୧(ସମିସ): ଏଇମ୍ସ ଇଣ୍ଟରନ୍ୟାସନାଲ ସ୍କୁଲ୍‌ରେ ବିଜ୍ଞାନ, ସାମାଜିକ ଅଧ୍ୟୟନ, ଗଣିତ, ଇଂରାଜୀ, ହିନ୍ଦୀ, ଓଡିଆ ଏବଂ ହସ୍ତଶିଳ୍ପର ୬୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ପ୍ରଦର୍ଶିତ କରିବାକୁ ଏକ ପ୍ରଦର୍ଶନୀ ଲ୍ୟୁମିନାରୀ ଆୟୋଜନ କରିଛି। ସଚିବ ବିନୀତ ପାତ୍ର, ପରିଚାଳନା ନିର୍ଦ୍ଦେଶକ ଶ୍ରୀମନ୍ତ ପାତ୍ର ଏବଂ ଅଧ୍ୟକ୍ଷ ଡ.ପ୍ରଜ୍ଞା ପରମିତା ନନ୍ଦଙ୍କ ଉପସ୍ଥିତିରେ ଏଇମ୍ସ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଟ୍ରଷ୍ଟି ରାମ ପ୍ରସାଦ ପାତ୍ର କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀର ପ୍ରକଳ୍ପ ଗୁଡ଼ିକର ବିଚାରକ ଦାୟିତ୍ୱ ଅତିଥିମାନେ ତୁଲାଇଥିଲେ। ରାମ ପ୍ରସାଦ ପାତ୍ର ଛାତ୍ରଛାତ୍ରୀଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ, ପରିଚାଳନା ନିର୍ଦ୍ଦେଶକ ଶ୍ରୀମନ୍ତ ପାତ୍ର ସେମିନାର, ୱେବିନାର ଏବଂ ଛାତ୍ର ବିନିମୟ କାର୍ଯ୍ୟକ୍ରମ ମାଧ୍ୟମରେ ଅଂଶଗ୍ରହଣକାରୀ ମାନଙ୍କୁ ପରିଚିତ କରିଥିଲେ। ସଚିବ ବିନୀତ ପାତ୍ର ଛାତ୍ରଛାତ୍ରୀଙ୍କ ନବସୃଜନ, ସୃଜନଶୀଳତା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ।

# ଜାନୁଆରୀରେ ରାଜ୍ୟସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ

ବରଗଡ଼, ୨୨।୧୧(ସମିସ): ଜିଲ୍ଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଖଜୁରଟିକ୍ରା ପାତ୍ର କଲ୍ୟାଣ ମଣ୍ଡପ ଠାରେ ପରିଷଦର ସଭାପତି ପ୍ରମୋଦ ଦାଶଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପଣ୍ଡିତ ଜୟ ଦେବ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆସନ୍ତା ଜାନୁୟାରୀ ୧୫ ତାରିଖ ଭୁବନେଶ୍ୱର ଜୟଦେବ ଭବନ ଠାରେ ଏହି ସମାବେଶ ଆୟୋଜିତ ହେବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ ସଙ୍କୀର୍ତ୍ତନ ଭକ୍ତ ଏହି ମହୋତ୍ସବରେ ଅଂଶଗ୍ରହଣ କରିବେ। ସଙ୍କୀର୍ତ୍ତନ ସଂସ୍କୃତିରେ ଦେଖା ଦେଉଥିବା ଅପସଂସ୍କୃତିକୁ ବିରୋଧ କରାଯିବା ସହିତ ସଙ୍କୀର୍ତ୍ତନ ସଂସ୍କୃତି ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ। ଏହି ଅବସରରେ ସଙ୍କୀର୍ତ୍ତନ ସୁରକ୍ଷା କ୍ଷେତ୍ରରେ ଅବଦାନ ରହିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଆଜିର ବୈଠକରେ ବାବାରାମ ନାରାୟଣ ଦାସ, ଲଳିତ ମୋହନ ପଣ୍ଡା, ଲଳିତ ଭୋଇ, ରାମଚନ୍ଦ୍ର ସାହୁ, ଗୌର ସାହୁ, ପଞ୍ଚାନନ ବାଗ, ଅର୍ଜୁନ ସେଟ୍, ମୀନ କେତନ ମେହେର, ନିଲ ମାଧବ ଦେବତା, ତ୍ରିଲୋଚନ ପ୍ରଧାନ, ଶିବ ନାରାୟଣ ଭୋଇ, ଦଖଲ ବାରିକ ସୁଶିଲ ଠାକୁର, ଭରତ ପ୍ରଧାନ, ଭୀମ ସେନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଚିଚିଣ୍ଡା ଆଞ୍ଚଳିକ ଧନୁଯାତ୍ରା ପାଇଁ କଂସ ବରଣ



ଭେଡେନ, ୨୨।୧୧(ସମିସ): ଭେଡେନ ବ୍ଲକ ଅଧୀନ ଚିଚିଣ୍ଡା ଠାରେ ଆସନ୍ତା ୨୫ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ହେବାକୁ ଥିବା ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବ ନେଇ କଂସ ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ପୂର୍ବତନ କଂସ ମହାରାଜ ଚିଚୋଲି ଗାଁର ହୃଷିକେଶ ଭୋଇଙ୍କୁ କଂସ ଭାବେ ଅଭିନୟ କରିବା ପାଇଁ ସ୍ଥିରୀକୃତ ହୋଇଛି। ଏନେଇ କମିଟିର ସଦସ୍ୟମାନେ ଭୋଇଙ୍କୁ ନଡ଼ିଆ, ଉପଢୌକନ, ପୁଷ୍ପମାଲ୍ୟ ଦେଇ କଂସ ଭାବେ ବରଣ କରିଥିଲେ। ଏହି ସମୟରେ କମିଟିର ରାଜକିଶୋର ମେହେର, ଆନନ୍ଦ ରାଉତ, କବିସୂର୍ଯ୍ୟ ପୁରୋହିତ, ହରିଶ୍ଚନ୍ଦ୍ର ରାଉତିଆ, ବନମାଳି ବଘାର, ସୁରେଶ ବଘାର, ଶରତ ରାଉତ, ଉମେଶ ମେଣ୍ଡଲୀ, ଖୁଞ୍ଚୁ ପଧାନ, ଶିବ ମେହେର, ସୁନୀଲ ମେହେର, ହେମନ୍ତ ମେହେରଙ୍କ ସମେତ କମିଟିର ଅନେକ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସାନ ଜାମପାଲିରେ ହତ୍ୟା ଅଭିଯୋଗ

ଅମ୍ବାଭୋନା, ୨୨।୧୧(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ସାନ ଜାମପାଲି ଗାଁରେ ଜଣେ ଗ୍ରାମବାସୀଙ୍କ ହତ୍ୟା ଅଭିଯୋଗ ହୋଇଛି। ଗାଁର ରାମ ଜାମଡୁଲିଆ (୫୯)ଙ୍କୁ ହତ୍ୟା କରା ଯାଇଥିବା ତାଙ୍କ ସ୍ତ୍ରୀ ଉକିଆ ଜାମଡୁଲିଆ ଏ ନେଇ ଅମ୍ବାଭୋନା ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ଅଭିଯୋଗ ପାଇବା ପରେ ଅମ୍ବାଭୋନା ଥାନାଧିକାରୀ ବିପିନ ବାଗ ତଦନ୍ତ ଆରମ୍ଭ କରିଛନ୍ତି। ଅମ୍ବାଭୋନା ପୁଲିସ ଏକ ମାମଲା ରୁଜୁ କରିଛି। ତେବେ ହତ୍ୟାର କାରଣ ଓ ଉଦ୍ଦେଶ୍ୟ ବିଷୟରେ ତଦନ୍ତ ପରେ ଜଣାପଡ଼ିବ ବୋଲି ସୂଚନା ରହିଛି।

# ଲାୟନ୍ସ କ୍ଲବ୍‌ର ସାଧାରଣ ସଭା

ବରଗଡ଼, ୨୨।୧୧(ସମିସ): ସ୍ଥାନୀୟ ଗଣପତି ହୋଟେଲ୍ ସମ୍ମିଳନୀ କକ୍ଷରେ ବରଗଡ଼ ଜିଲ୍ଲା ଲାୟନ୍ସ କ୍ଲବ୍ ପକ୍ଷରୁ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମମତା ଗୌତମଙ୍କ ଆଗମନରେ ଅନୁଷ୍ଠିତ ସମାବେଶରେ ସମ୍ପାଦକ ଅଭୟ ଭୋଇଙ୍କ ସଂଯୋଜନାରେ ସଭାପତି ମନୋଜ ମହାପାତ୍ର, ଓମ୍ ପ୍ରକାଶ ଲାଠ, ପ୍ରକାଶ ଅଗ୍ରୱାଲ, ପ୍ରଦୀପ ଟାୟଲ, ସତିଶ ଗୌତମ ପ୍ରମୁଖ ମଞ୍ଚାସୀନ ଥିଲେ। ମମତା ଗୌତମ ବରଗଡ଼ ଲାୟନ୍ସ କ୍ଲବ୍‌ର ଭବିଷ୍ୟତରେ କଳେବର ବୃଦ୍ଧି କରିବା ପାଇଁ 'ଚାଏପେ ଚର୍ଚ୍ଚା' କାର୍ଯ୍ୟକ୍ରମ କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଶଙ୍କର୍ଷଣ ମିଶ୍ର, ଡାକ୍ତର ସ୍ୱାଧିନ ଶର୍ମା, ମନୋରଞ୍ଜନ ପୂଜାରୀ, ନିବେଦିତା ପୂଜାରୀ, ଅଞ୍ଜନା ଦାସ, ମଲ୍ଲିକାର୍ଜୁନ ରାଓ, ଶୁଶାନ୍ତ ତ୍ରିପାଠୀ, ଅମରଜିତ୍ ସିଂ, ରାମ ଗୋପାଳ ଖଣ୍ଡେଲୱାଲ, ବିନୟ ଲାଠ, ବିକାଶ ଅଗ୍ରୱାଲ, ଆୟୁଷ ଗୁପ୍ତା, ମୟଙ୍କରଜଖାନୀ, ସଞ୍ଜୟ ମିତ୍ତଲ, ଲିଓ ପ୍ରକାଶ ଅଗ୍ରୱାଲ, କିଶୋର ଅଗ୍ରୱାଲ, ସନ୍ତୋଷ ସାୱଡିଆ, ପ୍ରତାପ ନାଏକ, ରାଜ କିଶୋର ପାଣିଗ୍ରାହୀ, ରାଜେନ୍ଦ୍ର ବଲୋଦିଆ ଓ ଆହୁରି ଅନେକ ଲାୟନ୍ସ ସଦସ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରଞ୍ଜନ ଚାନ୍ଦ ଗୋଠିଆଙ୍କୁ ନୂତନ ସଭ୍ୟ ପ୍ରମାଣପତ୍ର ଓ ପିନ୍ ପ୍ରଦାନ କରାଯାଇଥିଲା। ଶେଷରେ ସମ୍ପାଦକ ଶ୍ରୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଦ୍ୱି-ଦିବସୀୟ ଶିକ୍ଷକ ଦକ୍ଷତା ବୃଦ୍ଧି ତାଲିମ ଶିବିର

ପଦ୍ମପୁର, ୨୨।୧୧(ସମିସ): ସ୍ଥାନୀୟ ରାଜବୋଡାସମ୍ବର୍ ଉଚ୍ଚ ବିଦ୍ୟାଳୟ ପଦ୍ମପୁର ଠାରେ କ୍ୟାରିୟର ମାର୍ଗଦର୍ଶନ ଉପରେ ଦକ୍ଷତା ବୃଦ୍ଧି ତାଲିମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନିଳାମ୍ବର ପ୍ରସାଦ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜବୋଡାସମ୍ବର୍ ବ୍ଲକ ଶିକ୍ଷାଧିକାରୀ ଲୋକନାଥ ଭୋଇ, ସାଧନ କର୍ମୀ ଭାବେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଗଗନ ବେହେରା, ଆଶୁତୋଷ ବିଶ୍ୱାଳ, କଲ୍ୟାଣୀ ସାମନ୍ତ ଏବଂ ସଞ୍ଜୟ ଖମାରୀ ଯୋଗ ଦେଇଥିଲେ। ତାଲିମ୍ ଶିବିରରେ ଗାଇସିଲେଟ ଏବଂ ରାଜବୋଡାସମ୍ବର୍ ବ୍ଲକର ୮୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେବା ପାଇଁ ଯୋଗ ଦେଇଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶ୍ରୀ ଅଭିଳାଷ ସାହୁ ଅତିଥି ପରିଚୟ ସହ ସଭାର ସଂଯୋଜନା କରିଥିବା ବେଳେ ସୁଶିଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଲଷ୍ଟରସ୍ତରୀୟ ଶିକ୍ଷଣୀୟ ସାମଗ୍ରୀ କର୍ମଶାଳା ଉଦ୍‌ଘାଟିତ




ବରଗଡ଼, ୨୨।୧୧(ସମିସ): ସ୍ଥାନୀୟ ଖଜୁରଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଶନିବାର ଓଡ଼ିଆ ବାଳକ କ୍ଲଷ୍ଟର ସ୍ତରୀୟ ୨ ଦିବସୀୟ ଟିଏଲଏମ କର୍ମଶାଳା ଉଦ୍‌ଘାଟିତ ହୋଇଛି। ସିଆର୍‌ସିସି ଅର୍ଚ୍ଚିତା ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାକୁ ବରଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଦିଲ୍ଲୀପ ମେହେର ଯୋଗ ଦେଇଥିଲେ। ଏହି ଅବସରରେ ୧୬ ସ୍କୁଲରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ୨୬ରୁ ଉର୍ଦ୍ଧ୍ୱ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିବା ସହିତ ତାର ବ୍ୟବହାରିକ ଦିଗ ଉପରେ ଆଲୋକପାତ କରିଥିଲେ। କର୍ମଶାଳାର ପ୍ରଥମ ଅଧିବେଶନରେ 'ଟିଏଲଏମ ଓ ଶ୍ରେଣୀ ଗୃହ ବ୍ୟବହାର' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ବରଗଡ଼ରେ ସୋମନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ

ବରଗଡ଼, ୨୨।୧୧(ସମିସ)




ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ସହସ୍ରାଧିକ ଶ୍ରଦ୍ଧାଳୁ ଶନିବାର ସୁଦୂର ଗୁଜୁରାଟର ସୋମନାଥରୁ ଆସିଥିବା ପବିତ୍ର ସୋମନାଥ ଜ୍ୟୋତିର୍ଲିଙ୍ଗ ଅଂଶକୁ ଦର୍ଶନ କରିଛନ୍ତି। ବରଗଡ଼ ଆର୍ଟ ଅଫ ଲିଭିଂ ପକ୍ଷରୁ ଏହି ପବିତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପବିତ୍ର ସୋମନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ନାହିଁ ନଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ଶ୍ରୀ ସୋମନାଥଙ୍କ ବିଧ୍ୱଂସ ଜ୍ୟୋତିର୍ଲିଙ୍ଗର ଅଂଶ ଦୀର୍ଘ ୧୦୦୦ ବର୍ଷ ପରେ ପୁନଃ ପ୍ରକାଶିତ ହୋଇଛନ୍ତି। ପ୍ରଥମ ଥର ପାଇଁ ଏହି ଦର୍ଶନର ସୌଭାଗ୍ୟ ବରଗଡ଼ ବାସୀଙ୍କୁ ମିଳିଥିଲା। ଶନିବାର ସକାଳ ୮ଟାରେ ବରଗଡ଼ ସହରର ଅଗ୍ରଗାମୀ ଯୁବକ ସଂଘ ପ୍ରାଙ୍ଗଣରେ ମୂଳ ସୋମନାଥ ଜ୍ୟୋତିର୍ଲିଙ୍ଗଙ୍କ ଅଂଶ ପହଞ୍ଚିଥିଲା। ସ୍ୱାମୀ ବ୍ରହ୍ମଚିତ ଜୀ ମହାରାଜ ପବିତ୍ର ସୋମନାଥ ଜ୍ୟୋତିର୍ଲିଙ୍ଗଙ୍କୁ ବିଧିମତେ ପୂଜାର୍ଚ୍ଚନା କରି ଜନ ସାଧାରଣଙ୍କ ଦର୍ଶନାର୍ଥେ ବିରାଜମାନ କରିଥିଲେ। ତାଙ୍କୁ ହିମାଂଶୁ ପଣ୍ଡା ଓ ମଧୁ ପଣ୍ଡା ସହଯୋଗ କରିଥିଲେ। ବରଗଡ଼ ଆର୍ଟ ଅଫ ଲିଭିଂର ସମସ୍ତ ସଦସ୍ୟ, ଶିକ୍ଷକ ଓ ସହଯୋଗୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

୧୦୨୦ ରୁ ୧୦୨୪ ମସିହା ମଧ୍ୟରେ ଗୁଜୁରାଟର ସୋମନାଥ ମନ୍ଦିରକୁ ମେହମୁଦ ଗଜନୀ ୧୮ ଥର ଆକ୍ରମଣ କରି ମନ୍ଦିର ଭିତରେ ଥିବା ପବିତ୍ର ଶୂନ୍ୟରେ ଭାସମାନ ଦିବ୍ୟ ଜ୍ୟୋତିର୍ଲିଙ୍ଗକୁ ନଷ୍ଟ କରିଥିଲା। ଅଗ୍ନିହୋତ୍ରୀ ପୁରୋହିତ ମାନେ ଭଗ୍ନ ଅବଶେଷ ଗୁଡିକୁ ନେଇ ଦକ୍ଷିଣ ଭାରତକୁ ଚାଲିଯାଇଥିଲେ। ସେହି ଭଗ୍ନ ଅବଶେଷକୁ ୧୧ଟି ଛୋଟ ଶିବ ଲିଙ୍ଗ ଆକାର ଦେଇ ପିଢ଼ି ପରେ ପିଢ଼ି ଗୁପ୍ତ ଭାବେ ପୂଜା କରି ଆସୁଥିଲେ। ୧୯୨୪ ମସିହାରେ ଦକ୍ଷିଣ ଭାରତର ତତ୍କାଳୀନ କାଞ୍ଚି ଶଙ୍କରାଚାର୍ଯ୍ୟଙ୍କୁ ଅଗ୍ନିହୋତ୍ରୀ ପୁରୋହିତ ମାନେ ଏହି ବିଷୟରେ ପଚାରିବାରୁ ଶଙ୍କରାଚାର୍ଯ୍ୟ ୧୦୦ ବର୍ଷ ପର୍ଯ୍ୟନ୍ତ ଏବିଷୟରେ କାହାକୁ କିଛି ନକହି ଗୁପ୍ତ ଭାବେ ଲୁଚାଇ ରଖାଯାଉ ବୋଲି କହିଥିଲେ। ଏହାସହ ୧୦୦ ବର୍ଷ ପରେ କର୍ଣ୍ଣାଟକରେ ଶଙ୍କର ନାମରେ ଏକ ସନ୍ଥ ଥିବେ ତାଙ୍କୁ ହିଁ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ୧୦୦ ବର୍ଷ ପୂରିବା ପରେ ୨୦୨୫ ମସିହା ୧୫ ଜାନୁୟାରୀରେ ଅଗ୍ନିହୋତ୍ରୀ ପୁରୋହିତ ମାନେ ବେଙ୍ଗାଲୁରୁ ସ୍ଥିତ ଆର୍ଟ ଅଫ ଲିଭିଂ ଅନ୍ତର୍ଜାତୀୟ କେନ୍ଦ୍ରରେ ଶ୍ରୀ ଶ୍ରୀରବିଶଙ୍କରଙ୍କୁ ଏହି ଦିବ୍ୟ ଶିବଲିଙ୍ଗ ପ୍ରଦାନ କରିଥିଲେ।

ସୋମ ଅର୍ଥାତ ଚନ୍ଦ୍ରଦେବ ମହାଦେବଙ୍କୁ ପୂଜାର୍ଚ୍ଚନା କରି ଅଭିଶାପ ମୁକ୍ତ ହୋଇଥିଲେ। ତେଣୁ ତାଙ୍କ ନାମାନୁସାରେ ସୋମନାଥ ମନ୍ଦିରର ନାମକରଣ ହୋଇଥିଲା। ତେବେ ୧୦୦୦ ବର୍ଷ ଧରି ଗୁପ୍ତ ଭାବେ ପୂଜା ପାଇ ଆସୁଥିବା ମୂଳ ସୋମନାଥ ଶିବଲିଙ୍ଗଙ୍କୁ ପୁଣିଥରେ ଦେଖିବାକୁ ମିଳିଛି। ଶ୍ରୀଶ୍ରୀ ରବିଶଙ୍କରଙ୍କ ପ୍ରୟାସରେ ଏହି ମୂଳ ସୋମନାଥ ଶିବଲିଙ୍ଗ ଭାରତର ବିଭିନ୍ନ ସ୍ଥାନକୁ ପରିଭ୍ରମଣ କରି ଭକ୍ତ ତଥା ସାଧାରଣ ଜନତାଙ୍କୁ ଦର୍ଶନ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଜ୍ୟୋତିର୍ଲିଙ୍ଗ ଓଡ଼ିଶା ଭ୍ରମଣ କରୁଥିବା ବେଳେ ଆଜି ବରଗଡ଼ ସହରରେ ପଦାର୍ପଣ କରିଥିଲେ। ସକାଳ ୮ ରୁ ଦିବା ୧ ପର୍ଯ୍ୟନ୍ତ ବରଗଡ଼ ଗୌରପଡ଼ା ନିକଟସ୍ଥ ଅଗ୍ରଗାମୀ ଯୁବକ ସଂଘ ଠାରେ ସୋମନାଥ ମୂଳ ଶିବଲିଙ୍ଗ ଭକ୍ତଙ୍କୁ ଦର୍ଶନ ଦେଇଥିଲେ।

# ଛାତ୍ରୀଛାତ୍ରଙ୍କ ପାଠ୍ୟଦାନ ପରଖିଲେ ଡିଇଓ



ବରଗଡ଼, ୨୨।୧୧(ସମିସ): ଆଗକୁ ମାଟ୍ରିକ ପରୀକ୍ଷା। ଛାତ୍ରଛାତ୍ରୀ କିପରି ଭଲ ନମ୍ବର ରଖିବେ ସେଥିପାଇଁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆ ଯାଉଛି। ଏହି ପରିପ୍ରେକ୍ଷିରେ ଶନିବାର ବରଗଡ଼ ଡିଇଓ ଜ୍ୟୋତିକାନ୍ତ ସାହୁ ସ୍ଥାନୀୟ ରାଣା ପ୍ରତାପ ସ୍କୁଲରେ ପହଞ୍ଚି ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଠ୍ୟଦାନ ପରଖିଛନ୍ତି। ଏହି ଅବସରରେ ଦଶମ ଶ୍ରେଣୀର ଶ୍ରେଣୀ ଗୃହ ଶିକ୍ଷାଦାନ ପ୍ରଣାଳୀ ନିରୀକ୍ଷଣ କରିବା ସହ ଛାତ୍ରଛାତ୍ରୀଙ୍କୁ ଗଣିତ ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଛାତ୍ରଛାତ୍ରୀ ସନ୍ତୋଷଜନକ ଉତ୍ତର ପ୍ରଦାନ କରିପାରି ନ ଥିବାରୁ ଡିଇଓ ଅସନ୍ତୋଷ ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀଙ୍କ ଲିଖନ କାର୍ଯ୍ୟକୁ ଗୁରୁତ୍ୱ ପ୍ରଦାନ କରିବା ସହ ସମୟ ଅନୁସାରେ ନିରନ୍ତର ୟୁନିଟ ଟେଷ୍ଟ କରିବାକୁ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଆଗକୁ ଛାତ୍ରଛାତ୍ରୀ ପ୍ରତି ବିଷୟରେ କିପରି ଭଲ ନମ୍ବର ରଖିବେ ସମ୍ପୃକ୍ତ ବିଷୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ଯୋଜନା ମୁତାବକ ପାଠ୍ୟଦାନ କରିବାକୁ କହିଥିଲେ। ବିଶେଷତଃ ପ୍ରଧାନଶିକ୍ଷକ ସୁଦୀପ ରଥଙ୍କୁ ଏ ବିଷୟରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

### କଡ୍ରୁସୋରୁ ଗାଁ ବିକାଶରେ ବାଧକ ସାଜିଛି ରାସ୍ତା

# ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ସ୍ୱପ୍ନ





**ଲାଞ୍ଜିଗଡ଼, ୨୨।୧୧(ସମିସ)**

ଗାଁ ବିକାଶର ବାଧକ ସାଜିଛି ରାସ୍ତା। ରାସ୍ତା ସମସ୍ୟା ଯୋଗୁଁ ଚାରି ଛକରେ ବନ୍ଧା ପଡ଼ିଛି ଏହି କଡ୍ରୁସୋରୁ ଗାଁ। ଉକ୍ତ ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟଜଳ ଓ ଗମନାଗମନ ଏମାନଙ୍କ ପାଇଁ ସାତ ସପନ ପାଲଟିଛି। ଗାଁକୁ ଭଲ ରାସ୍ତା ଖଣ୍ଡିଏ ନଥିବାରୁ ଫଳରେ କଡ୍ରୁସୋରୁ ଗାଁରେ ୧୩ଟି ଆଦିବାସୀ ପରିବାର ଦୁର୍ଦିନ ଅବସ୍ଥାରେ ଦିନକାଟୁଛନ୍ତି। ଉକ୍ତ ଗାଁରେ ଦୀର୍ଘ ବର୍ଷରୁ ୧୩ଘର ଆଦିବାସୀ ପରିବାର ରହିଥିବା ବେଳେ ଏମାନଙ୍କୁ ସରକାରୀ ମୌଳିକ ସୁବିଧା ଅପହଞ୍ଚ ହୋଇ ରହିଛି। ବର୍ଷ ବର୍ଷ ଧରି ଏହି ଗାଁରେ ସମସ୍ୟା ଲାଗି ରହିଥିବା ବେଳେ ଆଜି ପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇ ପାରୁନାହିଁ। ଗାଁର ମୁଖ୍ୟ ସମସ୍ୟା ରାସ୍ତା ରହିଥିବା ବେଳେ ଜଙ୍ଗଲୀ ରାସ୍ତା ଯୋଗୁଁ ଗାଁର ଅନେକ ପିଲାଙ୍କ ପାଠପଢ଼ା ବନ୍ଦ ରହିଛି। ଗାଁ ଠାରୁ ୩କି.ମି ଦୂରରେ ଥିବା କଟଲଙ୍ଗ ସ୍କୁଲକୁ ଯିବାକୁ ହେଲେ ସେହି ଜଙ୍ଗଲ ରାସ୍ତା ଦେଇ କୋମଳ ମତି ଶିଶୁମାନଙ୍କୁ ଯିବାକୁ ପଡ଼ିଥାଏ। ତେବେ ଜଙ୍ଗଲ ରାସ୍ତା ଯୋଗୁଁ ଶିଶୁଙ୍କୁ ସ୍କୁଲକୁ ଛାଡିବା ପାଇଁ ଉଚିତମନେ କରୁନାହାନ୍ତି ଗ୍ରାମବାସୀ। ରାସ୍ତା ସମସ୍ୟା ଯୋଗୁଁ ଜରୁରୀ କାଳୀନ ପରିସ୍ଥିତିରେ ମଧ୍ୟ ରୋଗୀ ବା ଗର୍ଭବତୀଙ୍କୁ ଖଟିଆ ସାହାଯ୍ୟରେ ବୋହି ୪କି.ମି କମଲେଇ ଗାଁକୁ ନେଲାପରେ ଏମାନଙ୍କୁ ଆମ୍ବୁଲାନ୍ସ ସେବା ମିଳିଥାଏ। ଏହି ଭଳି ଗାଁ ହେଉଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ସୀମାନ୍ତ ସଦର ବ୍ଲକ ଯୁଗସାଇପାଟଣା ପଞ୍ଚାୟତ ଅନ୍ତର୍ଗତ କଡ୍ରୁସୋରୁ ଗାଁ। ପଞ୍ଚାୟତ ମୁଖ୍ୟାଳୟ ଠାରୁ ଏହି ଗାଁ ହାରାହାରି ୮୦ କିମି ହେଉଥିବା ବେଳେ ବ୍ଲକ କାର୍ଯ୍ୟାଳୟ ଠାରୁ ୬୪ କି.ମି ହେଉଛି। ଯାହାଫଳରେ ଏମାନେ ପଞ୍ଚାୟତରୁ ରାସନ ସାମଗ୍ରୀ ଆଣିବାରେ ମୁସ୍କିଲ ହୋଇପଡୁଛି। ଗାଁରେ ଦୁଇଟି ନଳକୂପ ରହିଥିବା ବେଳେ ଗୋଟିଏ ନଳକୂପ ଅଚଳ ହୋଇ ଦୁଇ ବର୍ଷ ହେଲାଣି ସେହି ନଳକୂପ ମରାମତି ହେଉ ନଥିବା ବେଳେ ଅନ୍ୟ ଏକ ନଳକୂପ ପାହାଡ଼ ଜାଗା ପାଇଁ ପର୍ଯ୍ୟାପ୍ତ ପରିମାଣରେ ପାଣି ବାହାରୁନାହିଁ ଯାହାଫଳରେ ନିକଟସ୍ଥ ଝରଣାର ପାଣିକୁ ଶୋଷ ମେଣ୍ଟାଉଛୁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଯେକୌଣସି କାର୍ଯ୍ୟ କଲେ ବିଜୁଳିର ଆବଶ୍ୟକତା ରହିଛି ହେଲେ ପରିତାପର ବିଷୟ ଏବେ ଯାଏଁ ଗାଁରେ ବିଜୁଳି ସଂଯୋଗ ହୋଇ ପାରିନି। ଫଳରେ ଆମେ ଅନ୍ଧାରରେ ଜୀବନ କାଟୁଛୁ ବୋଲି ଗାଁର ଇନ୍ଦ୍ର ମାଝୀ, ଦୁନି ମାଝୀ, ଡମ୍ବରୁ ମାଝୀ, ଲାକ୍ସା ମାଝୀ, ସାନ୍ଧା ମାଝୀ, ଜାମଦେଇ ମାଝୀ, ବନମାଝୀ, ଦୁରପି ମାଝୀ, ଲାଚନା ମାଝୀ, କମାଲଦେଇ ମାଝୀ, ସମେତ ଗ୍ରାମବାସୀ ମତପ୍ରକାଶ କରିଛନ୍ତି। ତେବେ ଏହି ଗାଁ ସମସ୍ୟା ପ୍ରତି ବ୍ଲକ ଓ ଜିଲ୍ଲାପ୍ରଶାସ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଓ ଅଭିଭାବକ ବୈଠକ




**ଭବାନୀପାଟଣା, ୨୨।୧୧(ସମିସ):** ସଦର ବ୍ଲକ ଅନ୍ତର୍ଗତ ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଓ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି।ପ୍ରଧାନ ଶିକ୍ଷକ ଶଶାଙ୍କ ଶେଖର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକକୁ ଶିକ୍ଷକ ସୌଦାଗର ସୁନା ପରିଚାଳନା କରିଥିଲେ ଏବଂ ଉପ ପ୍ରଧାନଶିକ୍ଷୟତ୍ରୀ ରାଜଶ୍ରୀ ନାଏକ ଅଭିଭାକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରଧାନଶିକ୍ଷକ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ଭବିଶ୍ୱତ, ପାଠପଢ଼ା ଏବଂ ଶ୍ରେଣୀ ଗୃହକୁ ନେଇ ଅଭିଭାକଙ୍କୁ ଅବଗତ କରାଇବା ସହିତ କିଭଳୀ ବିଦ୍ୟାଳୟ ସୁନ୍ଦର ପରିବେଶରେ ଗଢି ଉଠିବ ତାକୁ ନେଇ ଅଭିଭାକଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ତତ୍ସହ ଅଭିଭାବକ ମାନଙ୍କୁ ନିଜନିଜ ସ୍ତରରେ ସହଯୋଗ କାମନା କରିଥିଲେ। ଶିକ୍ଷୟିତ୍ରୀ ପ୍ରିତିରେଖା ବେମାଲ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ବିଦ୍ୟାଳୟର ପାରିପାର୍ଶ୍ୱର ଅବ୍ୟବସ୍ଥା ଉପରେ ଅଭିଭାକଙ୍କୁ ଅବଗତ କରିଥିଲେ। ଆଗାମୀ ଦିନରେ ସମସ୍ତେ ବିଦ୍ୟାଳୟକୁ କିପରି ସରସ୍ ସୁନ୍ଦର କରିହେବ ତାକୁନେଇ ପ୍ରଶାସନର ନିୟମ ଅନୁସାରେ କମିଟି ଗଠନ କରାଯାଇଥିଲା। କମିଟିରେ ଜିଲ୍ଲାପାଳ, ଗୋଷ୍ଠି ଉନ୍ନୟନ ଅଧିକାରୀ, ଓ ଶିକ୍ଷା ଅଧିକାରୀ ସହିତ ପ୍ରଧାନଶିକ୍ଷକ ଏବଂ ଚାରି ଜଣ ସଦସ୍ୟ ରହିବେ, ଦୁଇଜଣ ଅଭିଭାବକ, ଦୁଇଜଣ ଅଭିଭାବିକା ରହିବେ ବୋଲି ବୈଠକରେ ପ୍ରଧାନଶିକ୍ଷକ ଉପସ୍ଥାପନା କରି ସଦସ୍ୟ ହେମନ୍ତ କୁମାର ରାୟ, ଜୟନ୍ତ ବାଗ, ଲିକୁସ୍ମିତା ପ୍ରଧାନ, ନଳିନୀ ଭୋଇ ଙ୍କୁ ଚୟନ କରି ସଦସ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିଲେ। ଶିକ୍ଷକ ଦେବାଶିଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ତ୍ରିଦେବ ଶିକା, ବିଜୟଲକ୍ଷ୍ମୀ ସାହୁ, ମନ୍ଟୁ ରଞ୍ଜନ ସା, ଯୋଗେନ୍ଦ୍ର ବେହେରା, ଅନିତା ଶୁଣାଣି, ନିଶାନ୍ତ କହଁର, ଅଭିଷେକ ବେହେରା ସହଯୋଗ କରିଥିଲେ।

## ବୋଲଧା ଗାଁରେ ହାତୀପଲଙ୍କ ଉପଦ୍ରବ

**କୋମନା, ୨୨।୧୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବନ ବିଭାଗ ରେଞ୍ଜ ଅଧୀନସ୍ଥ ବୋଲଧା ଗାଁରେ ୩୦ ଟିକିଆ ହାତୀପଲ ଉପଦ୍ରବ କରୁଥିବା ଖବର ମିଳିଛି। ସୂଚନା ଅନୁସାରେ ଗତ ୫ ହେବ ଛତିଶଗଡ଼ରୁ ୩୦ଟି ହାତୀ ଆସି ବିଭିନ୍ନ ଚାଷ ଜମି ଦଳି ଚକଟି ନଷ୍ଟ କରୁଛନ୍ତି।ଚାଷୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ବନ ବିଭାଗକୁ ସୂଚନା ପ୍ରଦାନ କରିଛନ୍ତି। କିଛି ଚାଷୀଙ୍କ ଚାଷ ନଷ୍ଟ କରୁଥିବା ବେଳେ ଚାଷୀମାନେ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। ଅପରପଟରେ ବନ ବିଭାଗ ଓ ହାତୀ ଘଉଡାଇବା ଦଳ ହାତୀପଲକୁ ଜଙ୍ଗଲ ମୁହାଁ କରିବାକୁ ଚେଷ୍ଟା କରୁଥିଲେ ସୁଦ୍ଧା ବନ ବିଭାଗ ବିଫଳ ହେଉଥିବା କୋମନା ରେଞ୍ଜର ଦେବଦତ୍ତ ସୂତାର ପ୍ରକାଶ କରିଛନ୍ତି।

## କାଞ୍ଚନ ଦେବୀଙ୍କ ପରଲୋକ

**ଧର୍ମଗଡ଼, ୨୨।୧୧(ସମିସ):** ସ୍ୱର୍ଗତ ଲଡୁ କିଶୋର ମୁନିଙ୍କ ଧର୍ମପତ୍ନୀ କାଞ୍ଚନ ଦେବୀଙ୍କ



ଶନିବାର ପରଲୋକ ହୋଇ ଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥଲା। ବାର୍ଦ୍ଧକ୍ୟ ଜନିତ କାରଣରୁ କିଛି ଦିନ ହେଲା ଅସୁସ୍ଥ ଥିଲେ। ସେ ତାଙ୍କର ମଧ୍ୟମ ପୁତ୍ର ସରକାରୀ ଓକିଲ ରାଜେନ୍ଦ୍ର ମୁନିଙ୍କ ଜଗନ୍ନାଥପଡ଼ାସ୍ଥିତ ବାସ ଭବନରେ ରହୁଥିବା ବେଳେ ଶନିବାର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁ ଶର୍ଯ୍ୟା ନିକଟରେ ପୁଅ ସୁରେନ୍ଦ୍ର ମୁନି, ମହେନ୍ଦ୍ର ମୁନି, ପୁତ୍ରବଧୂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମଝିଆ ପୁଅ ରାଜେନ୍ଦ୍ର ମୁନି ମୁଖାଗ୍ନି ଦେଇଥିଲେ।



## ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ଘୁମୁରାରେ ଦୁଲୁକିଲା ମଞ୍ଚ

### ଦିଲ୍ଲୀ ବାଣିଜ୍ୟ ମେଳା

**କେସିଙ୍ଗା, ୨୨।୧୧(ସମିସ):** ଦିଲ୍ଲୀରେ ଚାଲିଥିବା ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଅବସରରେ ଅନୁଷ୍ଠିତ ଓଡ଼ିଶା ଦିବସରେ କଳାହାଣ୍ଡି ଜିଲ୍ଲା କେସିଙ୍ଗାର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ଘୁମୁରା ନୃତ୍ୟ ଉଚ୍ଚ ପ୍ରଶଂସିତ ହୋଇଛି।ଏହି ମେଳାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରି ନିଜ ଉଦବୋଧନରେ ଓଡ଼ିଶାର ସଂସ୍କୃତି ଓ କଳା ମହାନ ଯାହା ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ପ୍ରକାଶ କରିଥିଲେ।ଅନ୍ୟଅତିଥି ଭାବରେ ରାଜ୍ୟସଭା ସାଂସଦ ସୁଜିତ କୁମାର, ପୂର୍ବତନ ରାଜ୍ୟ ସଭା ସାଂସଦ ଅମର ପଟ୍ଟନାୟକ, ସୂଚନା ଲୋକ ସମ୍ପର୍କ ବିଭାଗ ର ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମା, ସଂସ୍କୃତି ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଯୋଗଦାନ କରିଥିଲେ। ବିଏସଏ ସଭାପତି ସୁଶାନ୍ତ ମହାପାତ୍ର ଓ କୋଷାଧକ୍ଷ ବିକ୍ରମ ବାରିକଙ୍କ ତତ୍ତ୍ୱାବଧାନରେ ୧୫ ଜଣିଆ ଘୁମୁରା ଦଳ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଶେଷ ଯାଏଁ ଓଡ଼ିଶାରୁ ଯାଇଥିବା ଘୁମୁରା, ଓଡିଶୀ, ଫୁଲବାଣୀ ଆଦିବାସୀ, ବ୍ରହ୍ମପୁର ଦିଗପହଣ୍ଡିର ପଶୁ ନୃତ୍ୟ ଓ ରୁମକୁ ଝୁମା ଓଡ଼ିଶାରୁ ଆସିଥିବା ୬ଟି ଦଳର ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

## ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ତରଭା, ୨୨।୧୧(ସମିସ):** ତରଭା ବ୍ଲକ ଅନ୍ତର୍ଗତ ଦେଉଳପଦର କୃଷ୍ଣ ମୋହନ କମ୍ପ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଡିଇଓ ତଥା ବିଇଓ ଘନଶ୍ୟାମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ସତ୍ୟ ନାରାୟଣ ମହାପାତ୍ର, ପିଏମଶ୍ରୀ ତରଭା ବାଳକ ହାଇସ୍କୁଲର ପ୍ରଧାନ ଶିକ୍ଷକ ମୁରଲୀ ଧର ବିଶ୍ୱାଳ, ବ୍ଲକ ବିଜ୍ଞାନ ପରିଦର୍ଶକ ସୁରଜ ସେଠୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମୀୟ ମହାନ୍ତି ଉତ୍ସବରେ ଯୋଗଦାନ କରି ପିଲାଙ୍କୁ ବିଜ୍ଞାନ ଶିକ୍ଷା ପ୍ରତି ଆଗ୍ରହ ରଖିବାକୁ ଉଦବୋଧନ ଦେଇଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଞ୍ଜୀବ ସେଠୀ ଅତିଥି ପରିଚୟ ପ୍ରଦାନ ଓ ପ୍ରଶାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ପ୍ରଦର୍ଶନୀ ପାଇଁ ଚଳିତ ବର୍ଷର ବିଷୟବସ୍ତୁ 'ବିକଶିତ ଏବଂ ଆତ୍ମନିର୍ଭର ଭାରତ' ଉପରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ସମ୍ମାନିତ ଅତିଥିଭାବେ ପିଏମଶ୍ରୀ ବାଳକ ଉଚ୍ଚ ବିଦ୍ୟାଳୟ ତରଭାର ପ୍ରଧାନ ଶିକ୍ଷକ ମୁରଲୀଧର ବିଶ୍ୱାଳ, ଦେଉଳପଦର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିୟ କୁମାର ମହାନ୍ତି, ତରଭା ବ୍ଲକ ବିଜ୍ଞାନ ନିରୀକ୍ଷକ ସୁରଜ କୁମାର ସେଠି ଯୋଗଦେଇଥିଲେ। ମାଧ୍ୟମିକ ଶିକ୍ଷା ପରିଷଦର ବିଜ୍ଞାନ ମେଳାରେ ସାତଟି ଉପବିଭାଗରୁ ତରଭା ବାଳକ ଉଚ୍ଚ ବିଦ୍ୟାଳୟର ସୁରଜ ନାଗ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ମୌସମ ପଧାନ, ମେଣ୍ଡା ଉଚ୍ଚ ବିଦ୍ୟାଳୟର ରାଜ ମହାକୁଡ, ଶିବତୁଲା ଉଚ୍ଚ ବିଦ୍ୟାଳୟର ଶିବ ନାଏକ, ଝାରତରଭା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଇଶାରାଣୀ ନାଏକ, ପାଇକବାହାଲ ଉପ୍ରା ବିଦ୍ୟାଳୟର ଅନାମିକା ମହାକୁଡ, ସରଗଜ ଉଚ୍ଚ ବିଦ୍ୟାଳୟର ଶିବାନୀ ମହାକୁର ଏବଂ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ କନିଷ୍ଠ ବିଭାଗରେ ତରଭା ବାଳକ ଉଚ୍ଚ ବିଦ୍ୟାଳୟର ସୁରଜ ନାଗ, ଘଟକଇଁନ୍ତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରତ୍ୟୁଷା ଜାଲ, ଅର୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପାୟଲ ନାଏକ, ବରିଷ୍ଠ ବିଭାଗରେ ଶିବତୁଲା ଉଚ୍ଚ ବିଦ୍ୟାଳୟର ଶିବ ନାଏକ, ତରଭା ଉଚ୍ଚ ବିଦ୍ୟାଳୟର ଓମ୍ ସାହୁ, କୁମ୍ଭାରମୁଣ୍ଡା ଉଚ୍ଚ ବିଦ୍ୟାଳୟର ବବଲି କୁଅଁର ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଯୋଗଦାନ କରିବେ। ସେହିପରି ବରିଷ୍ଠ ବିଭାଗ କୁଇଜ୍ ପ୍ରତିଯୋଗିତାରେ ଶିବତୁଲା ଉଚ୍ଚ ବିଦ୍ୟାଳୟର ବିଶ୍ୱଜିତ ଛତ୍ରିଆ ପ୍ରଥମ, ମେଣ୍ଡା ଉଚ୍ଚ ବିଦ୍ୟାଳୟର ଯଶୋସ୍ମିତା ବରାଇ ଦ୍ୱିତୀୟ, ତରଭା ବାଳକ ଉଚ୍ଚ ବିଦ୍ୟାଳୟର ଓମ୍ ସାହୁ ତୃତୀୟ ଏବଂ କନିଷ୍ଠ ବିଭାଗରେ ତୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସଲିନି ପଧାନ ପ୍ରଥମ, ତରଭା ବାଳିକା ଉଚ୍ଚ ବିଦ୍ୟାଳୟର ଶୀତଲ ମେହେର ଦ୍ୱିତୀୟ ଓ ସିଂହାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସିବିଏକ୍ ଚୌହାନ ତୃତୀୟ ସ୍ଥାନ ହାସଲ କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ବିବେଚିତ ହୋଇଛନ୍ତି। ପ୍ରାଥମିକସ୍ତରରେ କେକଟପାଲି ପ୍ରାଥମିକ ବିଦ୍ୟାଳୟର ପୃଥ୍ୱିରାଜ ସାହୁ ପ୍ରଥମ, ତୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆର୍ଯ୍ୟାସ୍ମିତା ମିଶ୍ର ଦ୍ୱିତୀୟ ଏବଂ ଦେଉଳପଦର୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସତ୍ୟନାରାୟଣ ମିଶ୍ର ଓ କୁଟଶିରା ପ୍ରାଥମିକ ବିଦ୍ୟାଳୟର ପ୍ରିୟଲକ୍ଷ୍ମୀ ମହାନନ୍ଦ ତୃତୀୟ ସ୍ଥାନ ହାସଲ କରିଥିଲେ। ଶିକ୍ଷକ ଗୋପବନ୍ଧୁ ଝାଙ୍କର ଅତିଥି ପରିଚୟ କରିଥିବାବେଳେ ଶିକ୍ଷକ ନୀଳକଣ୍ଠ ବଗର୍ତ୍ତି ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଆଶିଷ କୁମାର ନାଏକ ବିବରଣୀ ପଠନ କରିଥିବା ବେଳେ ଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି ଓ ସୁଶାନ୍ତ କୁମାର ମେହେର ପୁରସ୍କାର ବିତରଣରେ ସାହାଯ୍ୟ କରିଥିଲେ। ଶିକ୍ଷକ ସରୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




### ଭୈରବୀ ମହୋତ୍ସବର ପଞ୍ଚମ ସନ୍ଧ୍ୟା

## 'କେଁ କଟର ଶଗଡ଼ ଗାଡ଼ି' ଗୀତରେ ଝୁମିଲେ ଦର୍ଶକ



**ପୁରୁଣାକଟକ, ୨୨।୧୧(ସମିସ):** ସମ୍ବଲପୁରୀ ନାଚ ଗୀତରେ ଜିଲ୍ଲା ତଥା ରାଜ୍ୟ ସ୍ତରରେ ଚହଳ ପକାଉଛି ପଞ୍ଚମ ରାଜ୍ୟସ୍ତରୀୟ ମାଁ ଭୈରବୀ ମହୋତ୍ସବ। ମହୋତ୍ସବର ଶନିବାର ପଞ୍ଚମ ସନ୍ଧ୍ୟାରେ ବୌଦ୍ଧ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ଭୈରବୀଙ୍କ ସନ୍ଧ୍ୟା ଆଳତି ଓ ଧୂପରେ ମଣ୍ଡପ ଏବଂ ପୁରୁଣାକଟକ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ପଞ୍ଚମ ସନ୍ଧ୍ୟାରେ ଅତିଥି ଭାବେ ବୌଦ୍ଧ ବିଧାୟକ ପ୍ରତିନିଧି ସୁଶାନ୍ତ କୁମାର ପ୍ରଧାନ, ବୌଦ୍ଧ ଜିଲ୍ଲା ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମ ଲାଲ ଦୁବେ, ସର୍ବଭାରତୀୟ ବନ ଅଧିକାରୀ ମହାସଂଘର ସାଧାରଣ ସମ୍ପାଦକ ଜଗବନ୍ଧୁ ପାତ୍ର ମଞ୍ଚାସୀନ ଥିଲେ। ଆବାହକ ସୁକାନ୍ତ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ସତୀଶ ବେହେରା, ସମ୍ପାଦକ ଅଶୋକ କୁମାର ସେଠି, ଉପସଭାପତି ଅକ୍ରୁର ସେଠି ମହୋତ୍ସବ କମିଟି ପକ୍ଷରୁ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପଞ୍ଚମ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ମହୋତ୍ସବ ମଣ୍ଡପରେ ୟୁପି ସ୍କୁଲ ଧଳପୁର, ପୁନମ ଡ୍ୟାନ୍ସ ଗ୍ରୁପ ପୁରୁଣାକଟକ, ହାଇସ୍କୁଲ କରଞ୍ଜକଟା ସମ୍ବଲପୁରୀ, ବଜାଶାଳ ବଲାଙ୍ଗିରଙ୍କର ନୃତ୍ୟ ଗୀତ ସହ କଣ୍ଠଶିଳ୍ପୀ ଶ୍ରସନ୍ନାଜିତଙ୍କ ଭୈରବୀ ମା'ଙ୍କ ଗୀତ ଓ କେଁ କଟର ଶଗଡ଼ଗାଡି ଗୀତରେ ଦର୍ଶକ ଝୁମିଥିଲେ। ପଶ୍ଚିମ ଓଡ଼ିଶାର ଜଣାଶୁଣା କଣ୍ଠଶିଳ୍ପୀ ଆଶିଷ କୁମ୍ଭାର ଓ ହିମାନି ହଂସରାଜ ଗ୍ରୁପ (ମେଲୋଡି) ଦ୍ୱାରା ପରିବେଷିତ ସଙ୍ଗୀତ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

## ଟିପିଗୁଡ଼ା କଳାକାର ମଞ୍ଚ ପକ୍ଷରୁ ହ୍ୟୁମାନଙ୍କୁ ଶ୍ରଦ୍ଧାଞ୍ଜଳି



**ଧର୍ମଗଡ଼, ୨୨।୧୧(ସମିସ):** ଧର୍ମଗଡ଼ ବ୍ଲକ ଟିପିଗୁଡା ସାବିତ୍ରୀବାଇ ଫୁଲେ ଛକ ଠାରେ ଓଡ଼ିଶାର ସୁନାମଧନ୍ୟ କଣ୍ଠ ଶିଳ୍ପୀ ହ୍ୟୁମାନ ସାଗରଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ନାଟ୍ୟ କଳକାର ତଥା ପ୍ରାଥମିକ ଶିକ୍ଷକ ଧନିରାମ ଦୁର୍ଗା, ନାଟ୍ୟ ନିର୍ଦ୍ଦେଶକ ଶ୍ୟାମ ସୁନ୍ଦର ନାଏକ, ଯୁବ ନାଟ୍ୟ କଳାକାର ଅତୁଲ୍ୟ ପଣ୍ଡା, ନିରାକାର ଦାସ, କଣ୍ଠ ଶିଳ୍ପୀ ମନୋଜ କୁମାର ନାଏକ, ରାଜେଶ ମଙ୍ଗରାଜ, ମହିଳା ସଂକୀର୍ତ୍ତନ ପ୍ରଯୋଜକ ଟାମକୁ ନାଏକ, ସାମ୍ବାଦିକ କୃଷ୍ଣଦାସ ନାଏକ, ଟିପିଗୁଡା ପ୍ରାଥମିକ କୃଷି ସମବାୟ ସମିତି ସଭାପତି ତେଜନ ଦୁର୍ଗା, ମତିରାମ ଦୁର୍ଗା, ଆବ୍ରାହମ ତାଣ୍ଡି ସମେତ ଗ୍ରାମର ଯୁବଗୋଷ୍ଠୀ, କଳାପ୍ରେମୀ ତଥା ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇଥିଲେ।

### ■ ରାଜ୍ୟସ୍ତରୀୟ ସୁଧୀର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## କେନ୍ଦ୍ରାପଡ଼ାକୁ ହରାଇ ଫାଇନାଲ୍‌ରେ ୱେଷ୍ଟବେଙ୍ଗଲ

**ବୀରମହାରାଜପୁର, ୨୨।୧୧ (ସମିସ)**




ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କମିରାରେ ସ୍ଥାନୀୟ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ସୁଧୀର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ(କମିରା କ୍ରିକେଟ କପ୍)ର ଶନିବାର ଥିଲା ଚତୁର୍ଥ ଦିବସ। ଶନିବାର ଦିନ ଦୁଇଟି ମ୍ୟାଚ୍ ହୋଇଥିଲା। ସେମିଫାଇନାଲରେ କେନ୍ଦ୍ରାପଡ଼ାକୁ ହରାଇ ୱେଷ୍ଟବେଙ୍ଗଲ ଦଳ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ୍‌ଟି ଇମେଜ -୧୧ ଭଦ୍ରକ ଓ ସୁହାନୀ -୧୧ ୱେଷ୍ଟବେଙ୍ଗଲ ମଧ୍ୟରେ ହୋଇଥିଲା। ଏଥିରେ ୱେଷ୍ଟବେଙ୍ଗଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୧୬୦ ରନ୍ କରିଥିଲା। ଜବାବରେ ଭଦ୍ରକ ଦଳ ୧୧ ଓଭରରେ ସମସ୍ତ ଉଇକେଟ ହରାଇ ୧୦୩ ରନ୍ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ଟି ପ୍ରଥମ ମ୍ୟାଚ୍‌ର ବିଜେତା ୱେଷ୍ଟବେଙ୍ଗଲ ଓ ଶୁକ୍ରବାରର ବିଜେତା ଡିସିସି ଶାନ୍ତାପୁର(କେନ୍ଦ୍ରାପଡ଼ା) ମଧ୍ୟରେ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୦୦ ରନ୍ କରିଥିଲା। ଜବାବରେ ୱେଷ୍ଟବେଙ୍ଗଲ ଦଳ ଆବଶ୍ୟକୀୟ ୧୦୧ ରନ୍‌କୁ ୧୦ ଓଭରରେ ୩ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଓ କଣ୍ଠାମାଳର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶାନ୍ତନୁ କୁମାର ଥାଟି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ୍ ପାଇଁ ୱେଷ୍ଟବେଙ୍ଗଲର ଗୁରୁ ଦୀପନ ଜେନା ଓ ଦ୍ୱିତୀୟ ମ୍ୟାଚ୍ ପାଇଁ ବିଶ୍ୱରଞ୍ଜନ ପରିଡ଼ାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍ ଗୁଡିକରେ ସୁବାଷ ଭଏନା ଓ ମୁନୁ ନାଏକ ଅମ୍ପାୟାର, ଶ୍ରିଦାସ ବାରିକ ସ୍କୋରର ଏବଂ ସଚିନ ପ୍ରଧାନ ଓ ବୁଦ୍ଧଦେବ ମହାରଣା ଧାରାବିବରଣୀ ପ୍ରଦାନ କରିଥିଲେ। ରବିବାର ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ କମଣ୍ଡୋ -୧୧ ଭୁବନେଶ୍ୱର ଏବଂ ସୁହାନି -୧୧ ୱେଷ୍ଟବେଙ୍ଗଲ ମଧ୍ୟରେ ହେବ ବୋଲି ଆୟୋଜକ ସଚିନ ପ୍ରଧାନ ପ୍ରକାଶ କରିଛନ୍ତି।



## 'ଇସ୍କ ଟ୍ରାଫିକ୍'ରେ ୭ଟି ଗୀତ

ସାଧାରଣତଃ ଚଳଚ୍ଚିତ୍ରରେ ୪ଟି କିମ୍ବା ୫ଟି ଗୀତ ସ୍ଥାନିତ ହେଉଥିବା ଦେଖାଯାଏ। ତେବେ 'ଇସ୍କ୍ ଟ୍ରାଫିକ୍' ସିନେମାରେ ସମୁଦାୟ ୭ଟି ଗୀତ ରହିଛି। ଖୁବ୍ ଶୀଘ୍ର ଏହା ପରଦାକୁ ଆସିବାକୁ ଯାଉଛି। ଏହାର ଥିମ୍ ସଙ୍ଗ, ରୋମାଣ୍ଟିକ୍ ଡୁଏଟ୍, ଆଇଟମ୍ ନମ୍ବର, ସୁଫିୟାନା ଏବଂ ବିରହ ଗୀତ ଦର୍ଶକଙ୍କୁ ଆକର୍ଷିତ କରିବ। ତପୁ ନାୟକ, ରଞ୍ଜନ ନାୟକ, ପୁଷ୍ପକ ପରିଡ଼ା ଓ ଅସଦ୍ ନିଜାମଙ୍କ ରଚିତ ଗୀତଗୁଡ଼ିକରେ ହ୍ୟୁମାନ ସାଗର, ମଣ୍ଟୁ ଛୁରିଆ, କୁଳଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ସତ୍ୟଜିତ ପ୍ରଧାନ ଓ ଅବିନାଶ କଣ୍ଠଦାନ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଯୁବପିଢ଼ିର ଅନ୍ୟତମ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଅସଦ୍ ନିଜାମ। ଅମର ମ୍ୟୁଜିକ୍‌ରେ ଗୀତଗୁଡ଼ିକ ମୁକ୍ତିଲାଭ କରିଛି। ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ଭାବପ୍ରବଣ କରିବା ସହ ମନୋରଞ୍ଜନର ଭରପୂର ଖୋରାକ ଯୋଗାଇବ।। ମା'-ପୁଅ ଓ ମାମୁଁଙ୍କ ସମ୍ପର୍କକୁ ନେଇ ସିନେମାଟି ଗତିଶୀଳ ହୋଇଛି। କମେଡି ଅଭିନୟରେ ପପୁ ପମପମ୍ ଏହି ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ସାଜିଛନ୍ତି। ତା' ସାଙ୍ଗକୁ ନବାଗତ ଅଭିନେତା ପ୍ରେମଙ୍କ ଅଭିନୟ ବେଶ୍ ପ୍ରଭାବଶାଳୀ ହୋଇପାରିଛି। ଶୁଭାଂଶୁ ବିଶ୍ୱାଳଙ୍କ କାହାଣୀ ଓ ସଂଳାପରେ ନିର୍ମିତ ଏହି ଚଳଚ୍ଚିତ୍ରରେ ରୋହନଜିତ ଦାସ ନିର୍ଦ୍ଦେଶନା ଦେଇଛନ୍ତି। 'ଗ୍ରୀନ୍ ଚିଲିଜ୍ ଆଣ୍ଡ ଏଣ୍ଟରଟେନମେଣ୍ଟ' ନିବେଦିତ ଫିଲ୍ମଟିରେ ପୁଷ୍ପା ପଣ୍ଡା, ମନସ୍ୱିନୀ ପତି, ଚୌଧୁରୀ ଜୟପ୍ରକାଶ ଦାସ, ଜୀବନ ପଣ୍ଡା, ସନ୍ତୁ ନିଜେ, ମହାପ୍ରସାଦ କର, ନୀନା ନାଥ, ପ୍ରିୟଙ୍କା ସାହୁ, ଅର୍ପିତା ସାହୁ, ଆନ୍ନା କମେଡି, ବାପି କମେଡି, କାଳିଆ, ସୁଧୀର ବାରିକ, ବେକାରିଆ ନୁକ ପ୍ରମୁଖ ଅଭିନୟ କରୁଛନ୍ତି। ସିନେମାଟି ଦର୍ଶକଙ୍କୁ ଏକ ପାରିବାରିକ ପ୍ରେମ କାହାଣୀ ଏବଂ ମନୋରଞ୍ଜନର ନୂତନ ଅନୁଭୂତି ପ୍ରଦାନ କରିବ। ■



## ଜାଗରଣ ଫିଲ୍ମ ଫେଷ୍ଟିଭାଲ୍‌ରେ 'ପୂୟୋଦକମ୍'

ମୁମ୍ବାଇଠାରେ ଅନୁଷ୍ଠିତ ଜାଗରଣ ଫିଲ୍ମ ଫେଷ୍ଟିଭାଲରେ ଓଡ଼ିଆ ଚଳଚ୍ଚିତ୍ର 'ପୂୟୋଦକମ୍' ପ୍ରଦର୍ଶିତ ହୋଇଛି। ଚଳଚ୍ଚିତ୍ରର ନିର୍ଦ୍ଦେଶକ ଶିବପ୍ରସାଦ ମହାନ୍ତି, ପ୍ରଯୋଜିକା ଗୁନଗୁନ, ରୀନା ଜେନା, କାର୍ଯ୍ୟକାରୀ ପ୍ରଯୋଜକ ନିର୍ମାଲ୍ୟ କୁମାର, ଖ୍ୟାତି ସମ୍ପନ୍ନ ସାଉଣ୍ଡ ଡିଜାଇନର ସୁବାସ ସାହୁ, ବର୍ଷିଆନ ଅଭିନେତ୍ରୀ ଓ ନିର୍ଦ୍ଦେଶିକା ବିଜୟା ଜେନା (ଡଲି) ପ୍ରମୁଖ ଯୋଗ ଦେଇଥିଲେ। ନଭେମ୍ବର ୧୩ ରୁ ୧୬ ତାରିଖ ଯାଏଁ ଆୟୋଜିତ ଏହି ଅନ୍ତର୍ଜାତୀୟ ମହୋତ୍ସବରେ ପ୍ରଦର୍ଶିତ ହୋଇ ବେଶ୍ ପ୍ରଶଂସା ସାଉଁଟିଛି। ବଳିଷ୍ଠ କାହାଣୀ, ସ୍ୱତନ୍ତ୍ର ଉପସ୍ଥାପନା, ପ୍ରଭାବୀ ଅଭିନୟ ଓ ଉଚ୍ଚକୋଟୀର ନିର୍ମାଣ ଶୈଳୀ ପାଇଁ ଏହା ଉଭୟ ଦର୍ଶକ ଓ ସମାଲୋଚକଙ୍କ ଦ୍ୱାରା ଆଦୃତ ହୋଇଥିଲା। 'ଗୁନଗୁନ ଫିଲ୍ମସ୍' ନିବେଦିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ନିର୍ଦ୍ଦେଶକ ଶିବପ୍ରସାଦ ମହାନ୍ତି। କେବଳ ନିର୍ଦ୍ଦେଶନା ନୁହେଁ, ଚିତ୍ରନାଟ୍ୟ ଓ ସଂଳାପ ରଚନା ସହ ସମ୍ପାଦନା ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ବିଭିନ୍ନ ଭୂମିକାରେ ଗୁନଗୁନ, ଶ୍ରୀତମ ଦାସ, ଗାର୍ଗୀ ମହାନ୍ତି, ଅଭିଷେକ ଗିରି, ଶୁଭ୍ରାଂଶୁ ନାୟକ, ବିବୁ ଦାସ, ପୂର୍ଣ୍ଣେନ୍ଦୁ ଦତ୍ତ ପ୍ରମୁଖ ଅଭିନୟ କରିଛନ୍ତି। କ୍ୟାମେରାରେ ପ୍ରେମ ଜୟନ ଥିବାବେଳେ ସଙ୍ଗୀତରେ ଅଛନ୍ତି ସୁବାସ ସାହୁ ଓ ଅରୁଣ ଜ୍ୟୋତି। ସାଉଣ୍ଡ ଡିଜାଇନ କରିଛନ୍ତି ସୁବାସ ସାହୁ। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବା ପରେ ଏହା ବଡ଼ ପରଦାକୁ ଆସିବ ବୋଲି ଗୁନଗୁନ କହିଛନ୍ତି। ■

## ସର୍ବଗୁଣ ସମ୍ପନ୍ନ ଯୋଡ଼ି ରୁବିନା-ଅଭିନବ

କଲର୍ସ ଟିଭି ଏବଂ ଜିଓ ହଟ୍‌ଷ୍ଟାର୍‌ରେ ତିନି ମାସ ହେବ ଦର୍ଶକଙ୍କ ମନୋରଞ୍ଜନ କରି ଆସୁଥିଲା 'ପତି, ପତ୍ନୀ ଔର୍ ପଙ୍ଗା' ଶୋ'। ରୁବିନା ଦିଲାଇକ ଏବଂ ଅଭିନବ ଶୁକ୍ଲା ଶୋ'ର ବିଜେତା ହୋଇଛନ୍ତି। ଏହି ସିଜନ୍‌ରେ ଏହି ଦମ୍ପତିଙ୍କୁ ସର୍ବଗୁଣ ସମ୍ପନ୍ନ ଯୋଡ଼ିର ଟାଇଟଲ୍ ମିଳିଛି। ଏ ଦୁହିଁଙ୍କୁ ଶୋ'ର ସବୁଠୁ ଭଲ ଦମ୍ପତି ବୋଲି କୁହାଯାଇଛି। ଏହି ଶୋ'ରେ ପ୍ରତ୍ୟେକ ଦମ୍ପତି ନିଜ ସମ୍ପର୍କ ବିଷୟରେ ଖୋଲାଖୋଲି ଆଲୋଚନା କରିଥିଲେ। ଶୋ'ର ବିଜେତା ହୋଇ ଦୁହେଁ ଖୁବ୍ ଖୁସି ଏବଂ ଉତ୍ସାହିତ ଅଛନ୍ତି। ଅନ୍ୟପଟେ ଏହି ଶୋ'ରେ ହୀନା ଖାନ୍, ସ୍ୱରା ଭାସ୍କର, ଗୀତା ଫୋଗଟ, ସୁଦେଶ ଲହରୀ, ଦେବିନା ବାନାର୍ଜୀ, ଇଶା ମାଲବୀୟ, ଅଭିଷେକ କୁମାର, ଅବିକା ଗୌର ନିଜ ସାଥୀଙ୍କ ସହିତ ନଜର ଆସିଥିଲେ। ଶୋ'ର ବିଚାରପତି ଭାବେ ନଜର ଆସିଥିଲେ ସୋନାଲି ବିନ୍ଦ୍ରେ ଏବଂ ମୁନଵ୍ୱର ଫାରୁକି। ଶୋ'ରେ ସାମିଲ ପ୍ରତ୍ୟେକ ପ୍ରତିଯୋଗୀ ମଜାଦାର ଟାସ୍କ, ଡ୍ୟାନ୍ସ, ଗେମ୍ ଚ୍ୟାଲେଞ୍ଜ ପୂରା କରିଥିଲେ। ■




## ଚର୍ଚ୍ଚାରେ ଟାଇଗର୍



ଆକ୍ସନ ସିନେମା ଲାଗି ପରିଚିତ ବଲିଉଡ୍‌ର ଆଗଧାଡ଼ିର ଅଭିନେତା ଟାଇଗର୍ ଶ୍ରଫ୍। ଏବେ 'ବାଗି-୪'ରେ ତାଙ୍କର ଆକ୍ସନ ଦୃଶ୍ୟକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ଏହାରି ଭିତରେ ଟାଇଗର ତାଙ୍କ ନୂଆ ସିନେମାକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଫିଲ୍ମ ନିର୍ମାତା ରାମ ମାଧବାନୀଙ୍କ ସହିତ ଏକ ମଲ୍ଟି ଫିଲ୍ମ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଅବଶ୍ୟ ଏହି ସିନେମା ଉପରେ କାମ ଆରମ୍ଭ ହେଲାଣି। ସିନେମାର ଶୀର୍ଷକ ସ୍ଥିର ହୋଇ ନ ଥିଲେ ବି ସେ ଏହି ସିନେମାରେ ଆକ୍ସନ ଦୃଶ୍ୟରେ ନଜର ଆସିବେ। ତେବେ ଏହା ଏକ ଆଧ୍ୟାତ୍ମିକ ଆକ୍ସନ ଥ୍ରିଲର ସିନେମା ହେବ। ଯାହାକି ଭାରତୀୟ ସିନେମାରେ ପୂର୍ବରୁ କେବେ ହୋଇ ନ ଥିବା କୁହାଯାଉଛି। ସେହିପରି ଏହି ସିନେମା ଲାଗି ଟାଇଗର ବ୍ୟାପକ ପ୍ରସ୍ତୁତି କରିବେ। ସିନେମାର ସୁଟିଂ ୨୦୨୬ରେ ଆରମ୍ଭ ହେବ। ତା'ସହ ଫିଲ୍ମର ଏକ ବଡ଼ ଭାଗ ଜାପାନରେ ସୁଟିଂ ହେବ। ଅନ୍ୟପଟେ ଏବେ ଏହାର ନିର୍ମାତା ମୁଖ୍ୟ ଅଭିନେତ୍ରୀ ଏବଂ ଖଳନାୟକ ସନ୍ଧାନରେ ଅଛନ୍ତି। ■

## ୨୩ରେ 'ଓଡ଼ିଶାର ବେଷ୍ଟ ସିନେଷ୍ଟାର୍‌ର ଖୋଜ୍'ର ଗ୍ରାଣ୍ଡ ଫିନାଲେ

ଜୀ ସାର୍ଥକରେ ପ୍ରସାରିତ ହେଉଥିବା ଓଡ଼ିଶାର ରିୟାଲିଟି ଶୋ' 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ'ର ଗ୍ରାଣ୍ଡ ଫିନାଲେ ଆଜି ଅର୍ଥାତ ନଭେମ୍ବର ୨୩ ତାରିଖ ସନ୍ଧ୍ୟା ୬ଟା ୩୦ ପ୍ରସାରିତ ହେବ। 'ଓଡ଼ିଶାର ବେଷ୍ଟ ସିନେଷ୍ଟାର୍‌ର ଖୋଜ୍' ହେଉଛି ଏକ ଅନନ୍ୟ ପ୍ରତିଭା ଖୋଜିବାର ପ୍ରୟାସ। ପ୍ରତି ପ୍ରତିଯୋଗୀମାନେ ଏହି ଗ୍ରାଣ୍ଡ ଫିନାଲେରେ ନିଜର ଦମଦାର ପ୍ରଦର୍ଶନ ଦେଇଛନ୍ତି। ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗୀମାନେ ନିଜର କଳା ପ୍ରଦର୍ଶନ କରିଛନ୍ତି। ତେବେ ଶେଷ ପର୍ଯ୍ୟାୟରେ ଅର୍ଥାତ ଗ୍ରାଣ୍ଡ ଫିନାଲେରେ ଜଣେ ଅଭିନେତା ଓ ଅଭିନେତ୍ରୀ ବିଜୟୀ ମୁକୁଟ ପିନ୍ଧିବେ, ଯିଏ ପାଇବେ ବଡ଼ ପରଦାକୁ ପ୍ରବେଶ କରିବାର ବଡ଼ ସୁଯୋଗ। ବିଜୟୀ ପ୍ରତିଯୋଗୀଙ୍କୁ ଆଗାମୀ ଜୀ ସାର୍ଥକ ଫିଲ୍ମସ୍ ଓ ମ୍ୟୁଜିକ ଭିଡିଓରେ ମୁଖ୍ୟ କଳାକାର ଭାବରେ ଲଞ୍ଚ କରାଯିବ। ଶୋ'ର ବିଚାରକ ଭାବରେ ଶ୍ରୀତମ, ଲିପି ଏବଂ ନମ୍ରତା ଥାପ୍ପା ରହିଛନ୍ତି। ଉପସ୍ଥାପନା ଦାୟିତ୍ୱ ତୁଲାଉଛନ୍ତି ଅଭିନେତ୍ରୀ ଅନନ୍ୟା ଏବଂ ଅଭିନେତା ରଞ୍ଜନ। ଗ୍ରାଣ୍ଡ ଫିନାଲେରେ ସ୍ୱରାଜ ବାରିକ, ଶିବାନୀ ସଙ୍ଗୀତା, ସୁଜିତ, ଅସୀମା ପଣ୍ଡା, କୁଳଦୀପ ଓ ଗୌରବଙ୍କ ଆନନ୍ଦଙ୍କୁ ଦେଖିବାକୁ ମିଳିବ। ■



ସାକ୍ଷାତକାର

## "ଅଭିନୟ ସମୟରେ ଚରିତ୍ରରେ ହଜିଯାଏ"

ଲିପ୍‌ସା ମହାରଣା, ଅଭିନେତ୍ରୀ

ଲୋକପ୍ରିୟ ପୁରୁଣା ଆଲବମ୍ ଦେଖି ସେ ଅଭିନୟ ଜଗତକୁ ଆସିବାକୁ ଭାବିଥିଲେ। ସୌଭାଗ୍ୟବଶତଃ ତାଙ୍କୁ ସେ ସୁଯୋଗ ମିଳିଲା। ଖୁବ୍ କମ୍ ବୟସରୁ କମେଡି ଶୋ'ରେ କାମ ଆରମ୍ଭ କରିଥିଲେ ଭୁବନେଶ୍ୱରର ଲିପ୍‌ସା ମହାରଣା। ପରବର୍ତ୍ତୀ ସମୟରେ ଦୁଇଟି ଓଡ଼ିଆ ସିନେମାରେ କାମ କରିଛନ୍ତି। ମ୍ୟୁଜିକ୍ ଭିଡିଓଠୁ ନେଇ ଧାରାବାହିକ ପର୍ଯ୍ୟନ୍ତ ପ୍ରତ୍ୟେକଟି କ୍ଷେତ୍ରରେ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗକୁ ହାତ ଛଡ଼ା କରି ନାହାଁନ୍ତି ସେ। ଏକାଧାରାରେ ଲିପ୍‌ସା ବହୁମୁଖୀ ପ୍ରତିଭାର ଅଧିକାରିଣୀ। ଏହି ଲାଇନ୍‌କୁ ସେ କେମିତି ଆସିଲେ ତଥା ଆଗକୁ ତାଙ୍କର କ'ଣ ଯୋଜନା ରହିଛି ଜାଣିବା ତାଙ୍କ ମୁହଁରୁ।

**ଅଭିନୟ ଜଗତରେ କାମ କରିବାକୁ କେତେ ସଂଘର୍ଷ କରିଛନ୍ତି?**

- ଭୁବନେଶ୍ୱରରେ ମୋର ଜନ୍ମ। ବ୍ରହ୍ମପୁରରେ ପାଠ ପଢ଼ିଛି। ପିଲାଦିନେ ନାଚ, ଗୀତ, ଅଭିନୟ କରୁଥିଲି। ଆଲବମ୍ ଅଭିନେତା ସ୍ୱର୍ଗତ ପପୁ ଭାଇଙ୍କ ମୃତ୍ୟୁ ପରେ ମୋ ସାନ ଭାଇର ନାଁ ରଖାଗଲା ପପୁ। ସେବେଠୁ ଓଲିଉଡ୍ ଇଣ୍ଡଷ୍ଟ୍ରିକୁ ମୁଁ ପରିବାର ବୋଲି ମାନି ନେଇଥିଲି। ଟିଭିରେ ଯାହା ଦେଖୁଥିଲି ସେମିତି ନିଜକୁ ନକଲ କରୁଥିଲି। ସୌଭାଗ୍ୟବଶତଃ 'ଏଇଟା ବାୟାଟା' କମେଡି ଶୋ'ରେ ପପୁ ଭାଇଙ୍କ ସହ ମୋର ମୋର ପ୍ରଥମ କାମ ଆରମ୍ଭ କରିଥିଲି। ପରେ ପରେ ତରଙ୍ଗରେ 'ଯାହା କହିବି ସତ କହିବି' କରିଥିଲି। ଏହି ଶୋ'କୁ ମୋ ବାପା ବହୁତ ଭଲ ପାଇଥିଲେ। 'ଶ୍ରୀମାନ ଶ୍ରୀଯୁକ୍ତ', 'ବଦମାସିଆ ପ୍ରେମ' ସିନେମା କରିଛି। ଏହା ରିଲିଜ୍ ହୋଇନି। ପପୁ ଭାଇଙ୍କ ସହ 'ମାଇପ ପ୍ରେମ ସର୍ବୋତ୍ତମ' ମ୍ୟୁଜିକ୍ ଭିଡିଓ କରିଛି। 'ସାଥି ସାତ ଜନ୍ମର' ଧାରାବାହିକରେ ନାୟିକାର ସାଙ୍ଗ ଚରିତ୍ରରେ ନଜର ଆସିଥିଲି। ନିକଟରେ ମୋର ଅଭିନୀତ 'ବାଲିଯାତ୍ରା' ଟେଲି ଫିଲ୍ମ ରିଲିଜ୍ ହୋଇଛି। ଏଥିରେ ମୁଁ ସାଧବ ବଡ଼ ବୋହୂ ଭୂମିକାରେ ଅଭନୟ କରିଛି। ଅନେକ ଇଭେଣ୍ଟର ପରିଚାଳନା କରିବାକୁ ମୋତେ ଦାୟିତ୍ୱ ମିଳିଛି।

**କ୍ୟାମେରାକୁ କେମିତି ସାମ୍ନା କରିଥିଲେ?**

- ପ୍ରଥମେ କମେଡି ଶୋ' ସୁଟିଂ ପାଇଁ ପପୁ ଭାଇ ଡାକିଥିଲେ। ପ୍ରଥମେ ପ୍ରଥମେ କାମକୁ ନେଇ ବହୁତ ଡର ଥିଲା ମୋ ଭିତରେ। କାମକୁ ଯିବି କି ନାହିଁ ତାହାକୁ ନେଇ ଦ୍ୱନ୍ଦ୍ୱରେ ଥିଲି। ତେଣୁ ବୁଲିବା ଲକ୍ଷ୍ୟରେ ସୁଟିଂ ସେଟ୍‌କୁ ଯାଇଥିଲି। ପପୁ ଭାଇ ପରୀକ୍ଷାମୂଳକଭାବେ ମେକ୍‌ଅପ୍ ନେଇ କଷ୍ଟ୍ୟୁମ୍ ପିନ୍ଧିବାକୁ କହିଥିଲେ। କଷ୍ଟ୍ୟୁମ ପିନ୍ଧିଲା ପରେ ମୁଁ ସେ ଚରିତ୍ରରେ ପୂରା ପଶିଗଲି ଆଉ ଅଭିନୟ କରିଥିଲି। ସେବେଠୁ ମୋର ଯାତ୍ରା ଚାଲିଛି।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ପାଆନ୍ତି?**

- ଗୀତ ଗାଇବାକୁ ଭଲ ପାଏ। ଚିତ୍ର ଆଙ୍କେ। ନିଜକୁ ସମୟ ଦିଏ। ନିଜର ଖାଦ୍ୟପେୟକୁ ଗୁରୁତ୍ୱ ଦିଏ।

**ସୋସିଆଲ ମିଡିଆକୁ କେମିତି ବ୍ୟବହାର କରନ୍ତି?**

- ସାମାଜିକ ଗଣମାଧ୍ୟମରେ ଥିଲେ ବି ଏତେ ସକ୍ରିୟ ରହେନି। ସେଥିରେ ମୋତେ କିଛି ଭଲ ପ୍ରତିକ୍ରିୟା ଦିଅନ୍ତି। ଆଉ କିଛି ଖରାପ ପ୍ରତିକ୍ରିୟା ଦିଅନ୍ତି। ତାଳି ଆଉ ଗାଳି ହିଁ ଜଣେ ଅଭିନେତ୍ରୀ ପାଇଁ ଆଶୀର୍ବାଦ। ତେଣୁ ସେଥିରୁ କେଉଁଠି ମୋ ଅଭିନୟରେ ତ୍ରୁଟି ରହିଲା, କେମିତି ନିଜକୁ ଆଗକୁ ସଜାଡ଼ିବି ସେ ଦିଗ ପ୍ରତି ସଜାଗ ରହେ। ତେଣୁ ଗୋଟିଏ କଥା କହିବି ସାମଜିକ ଗଣମାଧ୍ୟମକୁ ସର୍ବଦା ସଦୁପଯୋଗ କରିବା ଆବଶ୍ୟକ।

**ଡ୍ରିମ୍ ରୋଲ?**

- ଭବିଷ୍ୟତରେ ମୋତେ ଯାହା ବି ଚରିତ୍ର ମିଳିବ, ସେଥିରେ କିପରି ଭଲ କାମ କରିବି ତାହାକୁ ଗୁରୁତ୍ୱ ଦେବି। ସବୁ ଚରିତ୍ରକୁ ଶହେ ପ୍ରତିଶତ ଦେବାକୁ ଚେଷ୍ଟା କରିବି।

**ଆଗାମୀ ଯୋଜନା?**

- ଆଗକୁ ଭଲ କାହାଣୀର ସିନେମାକୁ ଅପେକ୍ଷା କରିଛି। ଯେତେ ଦିନ ଯାଏଁ ଏହି ଲାଇନ୍‌ରେ ରହିଛି, ଦର୍ଶକଙ୍କ ମନୋରଞ୍ଜନ କରୁଥିବି। ■

**ଅଭିନୟକୁ ଭଲ କରିବାକୁ କ'ଣ କରନ୍ତି?**

- ଜଣେ ଭଲ ଅଭିନେତ୍ରୀ ସବୁ ଚରିତ୍ରରେ ଅଭିନୟ କରିପାରିବେ। ଏହାକୁ ମନେ ରଖି ମୁଁ ଅଭିନୟ କରେ। ପୁରୁଣା ସିନେମା, ଧାରାବାହିକ ସେଗୁଡ଼ିକ ସବୁବେଳେ ଦେଖେ। ସେଥିରୁ କିଛି ନା କିଛି ଭଲ କଥା ଗ୍ରହଣ କରେ। ତେବେ ମୋ ବାପା ଦୁନିଆରେ ନାହାଁନ୍ତି ସତ, କିନ୍ତୁ ବାପାଙ୍କ ଆଶୀର୍ବାଦ ଯୋଗୁଁ ମୁଁ ଅଭିନେତ୍ରୀଟିଏ ହୋଇପାରିଛି। ଆଉ ଗୋଟେ କଥା ପପୁ ଭାଇଙ୍କ ସାଙ୍ଗେ କାମ ଆରମ୍ଭ କରିଥିବାରୁ ମୁଁ ସବୁକାମ ସହଜରେ କରିପାରେ। ଯେଉଁ ଚରିତ୍ର ମିଳିଲେ ବି ବିନା ସ୍କ୍ରିପ୍ଟରେ ସଂଳାପ କହିପାରେ।



ପରଦା ପଛର କାହାଣୀ

## ମାନବେତର ଜୀବର ଚମତ୍କାର ଅଭିନୟ

ଅନେକ ଚଳଚ୍ଚିତ୍ରରେ ମଣିଷ ଓ ପଶୁର ସୁସମ୍ପର୍କକୁ ଚମତ୍କାର ଭାବେ ଚିତ୍ରଣ କରାଯାଇଛି। ରାଜେଶ ଖନ୍ନାଙ୍କ 'ହାତୀ ମେରା ସାଥୀ'ର ହାତୀ ହେଉ ଅବା ଦେବାନନ୍ଦଙ୍କ 'ଇନ୍‌ସାନିୟତ୍' ଫିଲ୍ମର ସିମ୍ପାଜୀ ହେଉ। ମାନବେତର ଜୀବଜନ୍ତୁଙ୍କ ଅଭିନୟକୁ ଖୁବ୍ ସୁନ୍ଦର ଭାବେ ପରଦାରେ ଚିତ୍ରଣ କରାଯାଇଛି। ୯ ଅଗଷ୍ଟ ୧୯୮୫ ମସିହାରେ ରିଲିଜ୍ ହୋଇଥିଲା 'ତେରୀ ମେହେରବାନିୟା' ଫିଲ୍ମ। ଏହା କନ୍ନଡ଼ ଫିଲ୍ମ 'ଥାଲିୟା ଭାଗ୍ୟ'ର ହିନ୍ଦୀ ରିମେକ ଥିଲା। ଏହି ଫିଲ୍ମରେ ମଣିଷ ପ୍ରତି କୁକୁରର ଭଲପାଇବା ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା। ଫିଲ୍ମର କାହାଣୀ ଅନୁଯାୟୀ ଅଭିନେତା, ଅଭିନେତ୍ରୀଙ୍କ ମୃତ୍ୟୁ ପରେ ଶେଷରେ କୁକୁର ଶତ୍ରୁଙ୍କଠାରୁ ପ୍ରତିଶୋଧ ନେଇଥିଲା। ଆଜି ମଧ୍ୟ ଏହି ଫିଲ୍ମ ଦେଖିଲେ ଦର୍ଶକଙ୍କ ଆଖିରେ ଲୁହ ଜକେଇ ଆସେ। ଏହି ସିନେମାରେ ଜ୍ୟାକି ଶ୍ରଫ୍ 'ରାମ', ପୁନମ ଢିଲ୍ଲୋ 'ବିଜୁଳି' ଓ ଅମରୀଶ ପୁରୀ 'ଠାକୁର ବିଜୟ ସିଂ' ଭୂମିକାରେ ଅଭିନୟ କରିଥିଲେ। ଏଥିରେ 'ବ୍ରାଉନି ମୋତି' ନାମକ ଏକ ବିଶ୍ୱସ୍ତ କୁକୁର ଥିଲା। ଫିଲ୍ମର କାହାଣୀ ଜଣେ ଦାୟିତ୍ୱବାନ ଯୁବକ ରାମଙ୍କୁ ନେଇ ଗତିଶୀଳ। ସେ ବାଇକ୍‌ରେ ଯିବାବେଳେ ଅଜାଣତରେ ଗୋଟିଏ କୁକୁରକୁ ଧକ୍କା ଦେବା ପରେ ତାକୁ ଘରକୁ ଆଣି ସେବାଯତ୍ନ କରି ରଖିଥିଲେ। ଗାଁକୁ ଯିବାପରେ ସେ ଭ୍ରଷ୍ଟାଚାରୀ ଠାକୁର ବିଜୟ କୁମାରଙ୍କ ଅତ୍ୟାଚାରର ଶିକାର ହୁଅନ୍ତି। ରାମ ଭଲ ପାଆନ୍ତି ବିଜୁଳିଙ୍କୁ। ହେଲେ ଠାକୁର ତାଙ୍କ ଉପରେ ନଜର ରଖନ୍ତି। ରାମ ଗାଁ ଲୋକଙ୍କୁ ଏକତ୍ର କରି ତାଙ୍କୁ ନ୍ୟାୟ ଦିଅନ୍ତି। କିନ୍ତୁ ଠାକୁର ଗୁଣ୍ଡା ଲଗାଇ ରାମଙ୍କୁ ମାରି ଦିଅନ୍ତି। ଏହାପରେ ମୋତି ସମସ୍ତ ଅପରାଧୀଙ୍କ ଠାରୁ ପ୍ରତିଶୋଧ ନିଏ। ସମସ୍ତ ଗୁଣ୍ଡାକୁ ମାରି ପ୍ରମାଣ ଏକତ୍ର କରି ପୋଲିସକୁ ହସ୍ତାନ୍ତର କରେ। ବ୍ରାଉନି ମୋତି ଏଥିରେ ଚମତ୍କାର ଅଭିନୟ କରିଛି। ଏହି ଫିଲ୍ମକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ଏହି ଫିଲ୍ମର ବଜେଟ୍ ୧.୨୦ କୋଟି ଟଙ୍କା ଥିଲା। ଏହା ଭାରତରେ ୨.୮ କୋଟି ଆୟ କରିଥିଲା। ଏହି ଫିଲ୍ମରେ ପାଞ୍ଚଟି ଗୀତ ଥିଲା। ଗୀତଗୁଡ଼ିକକୁ ଗାଇଥିଲେ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ୍। ଫିଲ୍ମର ସବୁଠୁ ଲୋକପ୍ରିୟ ଗୀତ ଥିଲା 'ତେରୀ ମେହେରବାନିୟା'। ଏହି ଟାଇଟଲ୍ ଟ୍ରାକ୍‌ଟି ରାମ ଓ ମୋତି ମଧ୍ୟରେ ଥିବା ସମ୍ପର୍କକୁ ଦର୍ଶାଇଥିଲା। ■



# ଭାରତ-ପାକ୍ ମୁକାବିଲା ଫେବୃଆରୀ ୧୫ରେ

ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି): ଆସନ୍ତାବର୍ଷ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖ ଯାଏ ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ମୁମ୍ବଇରେ ନଭେମ୍ବର ୨୫ ତାରିଖରେ ଡ୍ର ଘୋଷଣା କରାଯିବ। ଏହା ପୂର୍ବରୁ ମିଳିଥିବା ସୂଚନା ଅନୁଯାୟୀ ଡିଫେଣ୍ଡିଂ ଚାମ୍ପିଅନ ଭାରତ, ପାକିସ୍ତାନ ଓ ଆମେରିକା କ୍ରମାଗତ ଦ୍ୱିତୀୟ ସଂସ୍କରଣରେ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଏହି ଗ୍ରୁପ୍‌ରେ ଅନ୍ୟ ଦୁଇଦଳ ଭାବେ ନେଦରଲାଣ୍ଡସ ଓ ନାମିବ୍ୟା ସ୍ଥାନ ପାଇବେ। ଭାରତ ଓ ପାକିସ୍ତାନ ମଧ୍ୟରେ ଫେବୃଆରୀ ୧୫ରେ ମୁକାବିଲା ହେବ। ଏହା ଶ୍ରୀଲଙ୍କାର କଲମ୍ବୋ ସହରରେ ଖେଳାଯିବ। ଆଇସିସି, ଏସିସି, ବିସିସିଆଇ ଓ ପିସିବି ମଧ୍ୟରେ ହୋଇଥିବା ରାଜିନାମା ଅନୁଯାୟୀ ଭାରତ ଓ ପାକିସ୍ତାନରେ ଟୁର୍ଣ୍ଣାମେଣ୍ଟ ହେଲେ ନିରପେକ୍ଷ ଭେନ୍ୟୁରେ ଏମାନଙ୍କ ମଧ୍ୟରେ ମୁକାବିଲା ହେବ। ଆଇସିସି ର‌୍ୟାଙ୍କିଙ୍ଗ୍‌ରେ ଭାରତ ନଂ-୧, ପାକିସ୍ତାନ ନଂ-୭, ନେଦରଲାଣ୍ଡସ ନଂ-୧୩, ନାମିବ୍ୟା ନଂ-୧୫ ଓ ଆମେରିକା ନଂ-୧୮ ସ୍ଥାନରେ ଥିବାରୁ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇବେ। କିନ୍ତୁ ସହ ଆୟୋଜକ ଦେଶ ଶ୍ରୀଲଙ୍କା କଷ୍ଟସାଧ୍ୟ ଗ୍ରୁପ୍‌ରେ ରହିବ। ଗୋଟିଏ ଗ୍ରୁପ୍‌ରେ ଅଷ୍ଟ୍ରେଲିଆ, ଜିମ୍ବାୱେ, ଆୟର୍ଲାଣ୍ଡ, ଓମାନ ସହ ଶ୍ରୀଲଙ୍କା ସ୍ଥାନ ପାଇବ। ଏଥର ଟୁର୍ଣ୍ଣାମେଣ୍ଟରେ ୨୦ଟି ଦଳ ଭାଗନେବେ। ଏହି ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ରେ ୫ଟି ଲେଖାଏଁ ଦଳ ରହିବେ।

**୨୦୨୬ ଟି-୨୦ ବିଶ୍ୱକପ୍**


## ଗୌହାଟୀର 'ବର୍ଷାପଡ଼ା'ରେ ଖେଳାଗଲା ପ୍ରଥମ ଟେଷ୍ଟ କ୍ରିକେଟ ମ୍ୟାଚ୍

# ପ୍ରଥମ ଦିନରେ ଦକ୍ଷିଣ ଆଫ୍ରିକା ୨୪୭/୬

ଗୌହାଟୀ, ୨୨।୧୧ (ଏଜେନ୍ସି):

ଭାରତର ୩୦ତମ ଟେଷ୍ଟ ଭେନ୍ୟୁ ଗୌହାଟୀସ୍ଥିତ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯାଇଛି। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏହି ଟେଷ୍ଟ ଆଜିଠାରୁ ଆରମ୍ଭ ହୋଇଛି। ଏଠାରେ ଦକ୍ଷିଣ ଆଫ୍ରିକାର ଅଧିନାୟକ ତେମ୍ବା ବଭୁମା କ୍ରମାଗତ ଦ୍ୱିତୀୟ ଟେଷ୍ଟରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ଦିନ ଖେଳ ଶେଷସୁଦ୍ଧା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୨୪୭ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ସେନୁରନ ମୁଥୁସ୍ୱାମୀ ୨୫ ଓ କାଏଲ ଭେରିନ ୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ପ୍ରଥମ ୫ଜଣ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ଜଣେ ହେଲେ ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ସେମାନଙ୍କ ମଧ୍ୟରେ ଟ୍ରିଷ୍ଟାନ୍ ଷ୍ଟବ୍ସ ସର୍ବାଧିକ ୪୯, ତେମ୍ବା ବଭୁମା ୪୧, ଆଇଡେନ୍ ମାରକ୍ରମ ୩୮, ରିୟାନ ରିକେଲଟନ ୩୫ ଓ ଟୋନି ଡି ଜୋର୍ଜି ୨୮ ରନ୍ କରିଥିଲେ। ଭାରତ ପକ୍ଷରୁ ବାମହାତୀ ସ୍ପିନର କୁଲଦୀପ ଯାଦବ ସର୍ବାଧିକ ୩ଟି, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ ଓ ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଛି। ଆଲୋକ ଅଭାବରୁ ୮ ଓଭର ପୂର୍ବରୁ ଖେଳ ବନ୍ଦ କରାଯାଇଥିଲା। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର କୋଲକାତାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୩୦ ରନ୍‌ରେ ବିଜୟୀ ହୋଇ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି।

କୋଲକାତାରେ ଖେଳିଥିବା ପ୍ରଥମ ଟେଷ୍ଟରୁ ଭାରତ ଆହତ ଅଧିନାୟକ ଶୁବମନ ଗିଲ୍ ଓ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ବାଦ୍ ଦେଇଥିଲା। ସେମାନଙ୍କ ସ୍ଥାନରେ ସାଇ ସୁଦର୍ଶନ ଓ ପେସ୍ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ସାମିଲ କରିଛି। ଦକ୍ଷିଣ ଆଫ୍ରିକା ପେସ୍ ବୋଲିଂ ଅଲରାଉଣ୍ଡର କୋର୍ବିନ ବୋଶ୍‌ଙ୍କ ସ୍ଥାନରେ ସ୍ପିନ ବୋଲିଂ ଅଲରାଉଣ୍ଡର ସେନୁରନ ମୁଥୁସ୍ୱାମୀଙ୍କୁ ଖେଳିବାକୁ ସୁଯୋଗ ଦେଇଛି। ଏହି ଟେଷ୍ଟରେ ପ୍ରଥମେ ଚା'ପାନ ବିରତି ହୋଇଥିଲା। ଦ୍ୱିତୀୟ ସେସନ ପରେ ମଧ୍ୟାହ୍ନ ଭୋଜନ ବିରତି ହୋଇଥିଲା।


ବର୍ଷାପଡ଼ା ଷ୍ଟାଡିୟମ୍, ଗୌହାଟୀ



**ସଂକ୍ଷିପ୍ତ ସ୍କୋର:** ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୨୪୭/୬, ୮୧.୫ ଓଭର (ଷ୍ଟବ୍ସ-୪୯, ବଭୁମା-୪୧, ମାରକ୍ରମ-୩୮, କୁଲଦୀପ-୩/୪୮)।

## ୧୦୪ ବର୍ଷ ପରେ...

# ଟେଷ୍ଟରେ ଟ୍ୱିଷ୍ଟ: ୨ ଦିନରେ ଖେଳ ଶେଷ

ପର୍ଥ, ୨୨।୧୧ (ଏଜେନ୍ସି): ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଅନୁଷ୍ଠିତ ୨୦୨୫ ଆସେସ୍ ସିରିଜ୍‌ର ପ୍ରଥମ ଟେଷ୍ଟ ଦୁଇଦିନ ଭିତରେ ଶେଷ ହୋଇଛି। ଏଥିରେ ଘରୋଇ ଅଷ୍ଟ୍ରେଲିଆ ଦଳ ୮ ୱିକେଟରେ ବିଜୟୀ ହୋଇଛି। ଦୀର୍ଘ ୧୦୪ ବର୍ଷ ପରେ ଏକ ଟେଷ୍ଟ ମ୍ୟାଚ୍ ଦୁଇ ଦିନରେ ଶେଷ ହେବାର ରେକର୍ଡ ହୋଇଛି। ଶେଷ ତଥା ୧୯୨୧ ନଟିଂହାମରେ ଖେଳାଯାଇଥିବା ଇଂଲଣ୍ଡ- ଅଷ୍ଟ୍ରେଲିଆ ଟେଷ୍ଟ ୨ ଦିନ ଭିତରେ ଶେଷ ହୋଇଥିଲା। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ୭ଟି ଓ ଦ୍ୱିତୀୟ ଇନିଂସରେ ୩ଟି ୱିକେଟ ନେଇଥିବା ଅଷ୍ଟ୍ରେଲିଆର ଫାଷ୍ଟ ବୋଲର ମିଚେଲ ଷ୍ଟାର୍କଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନ ସକାଳେ ଆଉ ୯ ରନ୍ କରିବା ପରେ ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସ ୧୩୨ ରନ୍‌ରେ ଶେଷ ହୋଇଥିଲା। ୪୦ ରନ୍‌ରେ ଅଗ୍ରଣୀ ରହିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ନାଟକୀୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬୪ ରନ୍‌ରେ ଅଲଆଉଟ ହୋଇଥିଲା। ଏହା ଫଳରେ ଅଷ୍ଟ୍ରେଲିଆ ଆଗରେ ୨୦୫ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା। ଇନିଂସ ଓପନ କରିବାକୁ ସୁଯୋଗ ପାଇଥିବା ଟ୍ରାଭିସ୍ ହେଡ୍‌ଙ୍କ ୬୯ ବଲ୍‌ରେ ଶତକ ତଥା ୮୩ ବଲ୍‌ରେ ୧୨୩ ରନ୍ କରିବା ଫଳରେ ଅଷ୍ଟ୍ରେଲିଆ ମାତ୍ର ୨୮.୨ ଓଭରରେ ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମାର୍ନସ ଲାବୁସେନ ୫୧ ରନ୍‌ରେ ଶେଷଯାଏ ବ୍ୟାଟିଂ କରିଥିଲେ। ବ୍ରିସ୍‌ବେନ୍‌ର ଗାବ୍‌ବାରେ ଦ୍ୱିତୀୟ ଟେଷ୍ଟ ଡିସେମ୍ବର ୪ରୁ ଖେଳାଯିବ।

## ବିବାହର ଦିନକୁ ପୂର୍ବରୁ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍

# ପଲାଶଙ୍କୁ ହରାଇଲେ ମନ୍ଧାନା

ମୁମ୍ବଇ, ୨୨।୧୧ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ତାରକା ଖେଳାଳି ସ୍ମୃତି ମନ୍ଧାନା ରବିବାର ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି। ସଙ୍ଗୀତ ନିର୍ଦ୍ଦେଶକ ପଲାଶ ମୁଛଲଙ୍କ ହାତ ଧରି ୨୯ ବର୍ଷୀୟା ମନ୍ଧାନା ତାଙ୍କ ଦ୍ୱିତୀୟ ଇନିଂସ ଆରମ୍ଭ କରିବେ। ମନ୍ଧାନାଙ୍କ ଘରୋଇ ସହର ସାଙ୍ଗଲୀରେ ଏହି ଚର୍ଚ୍ଚିତ ବିବାହ ଅନୁଷ୍ଠିତ ହେବ। ବିବାହ ପୂର୍ବରୁ ଗତ ଦୁଇଦିନ ଧରି ହଳଦୀ ଓ ମେହେନ୍ଦୀ ଉତ୍ସବ ଖୁବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ମନ୍ଧାନାଙ୍କ ବିବାହ ଉତ୍ସବରେ ସାମିଲ ହୋଇଥିବା ମହିଳା କ୍ରିକେଟ୍ ଦଳର ସାଥୀ ଖେଳାଳିମାନେ ହାତରେ ମେହେନ୍ଦୀ କରି ଖୁବ୍ ମସ୍ତି କରୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ତେବେ ପ୍ରି-ୱେଡିଂର ଏକ କାର୍ଯ୍ୟକ୍ରମ ସ୍ୱରୂପ ବର ଓ କନ୍ୟା ପକ୍ଷ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କନ୍ୟା ତଥା ଟିମ୍ ବ୍ରାଇଡ୍‌ର ନେତୃତ୍ୱ ନିଜେ ମନ୍ଧାନା ନେଇଥିଲେ। ସେହିଭଳି ପଲାଶଙ୍କ ନେତୃତ୍ୱରେ 'ଟିମ୍ ଗ୍ରୁମ୍' ଖେଳିଥିଲା। ଏହି ମ୍ୟାଚରେ କନ୍ୟା ପକ୍ଷ ତଥା ମନ୍ଧାନାଙ୍କ ଦଳ ବିଜୟୀ ହୋଇଥିଲା। ମନ୍ଧାନାଙ୍କ ଟିମ୍‌ରେ ଭାରତୀୟ ଦଳର ସାଥୀ ଖେଳାଳି ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜ, ଶ୍ରେୟଙ୍କା ପାଟିଲ, ରେଣୁକା ସିଂ ଠାକୁର, ରାଧା ଯାଦବ ଓ ରିଚା ଘୋଷ ପ୍ରମୁଖ ଖେଳିଥିଲେ।



ଆଜି ସକାଳ ୯ ଘଟିକା

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

Presented by: BHARAT MASALA
The Taste of New India

'ସକାଳ'ର ପଞ୍ଚମ ପ୍ରତିଷ୍ଠା ଦିବସ ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ

5th Anniversary

In Association with: CBSE-XI & XII SRI VINAYAKA Concept School BHUBANESWAR

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ଭୁବନେଶ୍ୱର | ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୧୬୨୪୧୪୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ୍ ସାମନ୍ତରାୟ - ୯୪୩୭୪୫୬୫୭୭ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୯୦୧୭୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୫୨୧୭୬୯ |
| କଟକ | ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିୟରିଂ ବୈଷୟିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୬୨୫୬୧୯ |
| କେନ୍ଦ୍ରାପଡ଼ା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡ଼ା | ଦେବଦତ୍ତ ଦାଶ - ୯୯୩୭୨୨୭୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୭୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସଦିପ୍ତ ରାୟ - ୯୪୩୯୪୯୬୬୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଞ୍ଚୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୧୧୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭ |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀର ବଣିଆପାଟ, କେନ୍ଦୁଝର (ଲର୍ଡ଼ ଜଗନ୍ନାଥ ସାଇନ୍ସ କଲେଜ ସମ୍ମୁଖ, କଲେଜ ରୋଡ଼) | ଶରତ ଦାସ - ୭୩୭୧୧୨୨୦୫୫ |
| ରାୟଗଡ଼ା | ସେଞ୍ଚୁରିୟନ ପବ୍ଲିକ ସ୍କୁଲ, ରିଙ୍ଗ ରୋଡ, ୟୁଜିଏମଆଇଟି କଲେଜ ପାଖରେ, ରାୟଗଡ଼ା | ଶିବ ନାରାୟଣ ଗୌଡ - ୭୦୦୮୧୪୧୨୧୬ |
| ନବରଙ୍ଗପୁର | ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆଁଗଡ, ମିର୍ଗାନ୍ ଗୁଡା, ନବରଙ୍ଗପୁର | ଗୌରାଙ୍ଗ ପାତ୍ର - ୭୯୭୮୭୩୩୬୩୬ |
| ମାଲକାନଗିରି | ମାଲକାନଗିରି ମହା ବିଦ୍ୟାଳୟ, ମାଲକାନଗିରି | ଅଶୋକ ମିଶ୍ର - ୯୦୭୮୯୩୨୨୬୬ |
| କୋରାପୁଟ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ନଗର ପାରାବେଢା, ଜୟପୁର | ସୁପ୍ରିତ ପୂଜାରୀ - ୯୪୩୭୮୭୨୧୦୫ |
| ବଲାଙ୍ଗିର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗାନ୍ଧୀନଗରପଡ଼ା, ବଲାଙ୍ଗିର | ଅଭିଳାଷ ହୋତା - ୭୦୦୮୦୮୪୨୪୭ |
| ଦେବଗଡ଼ | ଅପ୍ରାଇଜ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଟ, ପୁରୁଣାଗଡ଼, ଦେବଗଡ଼ | ବ୍ରିଜେଶ ସାହୁ - ୭୮୪୭୦୨୩୩୦୩ |
| କଳାହାଣ୍ଡି | ପିଏମ୍ ଶ୍ରୀ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି | ସ୍ୱାଧୀନ ପାତ୍ର - ୯୪୩୭୨୨୨୯୨୨ |
| ନୂଆପଡ଼ା | ନ୍ୟାସନାଲ ହାଇସ୍କୁଲ ନୂଆପଡ଼ା | ଘନଶ୍ୟାମ ଭୋଇ - ୯୯୩୭୬୯୨୧୩୨ |
| ସମ୍ବଲପୁର | ଗୁରୁନାନକ ପବ୍ଲିକ ସ୍କୁଲ, ସମ୍ବଲପୁର | ସୁକାନ୍ତ କର - ୯୪୩୭୨୧୪୯୧୬୬ |
| ରାଉରକେଲା | ରାଉରକେଲା ମୁନିସିପାଲ ମହାବିଦ୍ୟାଳୟର ଅଡିଟୋରିୟମ୍, ଉଦିତନଗର, ରାଉରକେଲା - ୭୬୯୦୦୨ | ଦେବବ୍ରତ ପଟ୍ଟନାୟକ - ୯୪୩୭୦୮୨୭୭୭ |
| ଝାରସୁଗୁଡ଼ା | PKSS କଲେଜ, ଝାରସୁଗୁଡ଼ା | ଦୁଳେଶ୍ୱରୀ ପ୍ରଧାନ - ୯୭୭୭୩୪୩୬୯୩ |
| ବୌଦ୍ଧ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୌଦ୍ଧ | ବବୁଲ ପାଢ଼ୀ - ୯୪୩୭୫୫୨୯୪୦ |
| ବରଗଡ଼ | ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ବରଗଡ଼ | ସରୋଜ ଷଡଙ୍ଗୀ - ୯୯୩୭ ୦୨୧୩୩୦ |

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS